CMYK

• Vol.- 46, Issue No. 45
• Saturday, 16 May 2026
• ଶନିବାର, ୧୬ ମଇ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ମାଳମାଳ ଗାଡ଼ି ସହ ଗ୍ରାହକଙ୍କ ଭିଡ଼

- ମାର୍କେଟ ଚାହିଦା ଅନୁସାରେ ପହଞ୍ଚିପାରୁନି ପେଟ୍ରୋଲ
- ଆବଶ୍ୟକତାଠାରୁ ଅଧିକ କିଣାରୁ ବିକ୍ରି ବଢ଼ିଯାଇଛି



ଭୁବନେଶ୍ୱର, ୧୫।୫: ତେଲ ପାଇଁ ରାଜଧାନୀର ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍ ଲାଗିଛି। ଏପଟେ ଚାହିଁଲେ ଆଖି ପାଉନି, ସେପଟେ ଚାହିଁଲେ କିଛି ଦିଶୁନି। ମାଳମାଳ ଗାଡ଼ି ସହ ଲୋକଙ୍କ ଭିଡ଼ ଯୋଗୁଁ ଗାଡ଼ି ଚଳାଚଳ ମଧ୍ୟ ପ୍ରଭାବିତ ହେଉଛି। ଭୁବନେଶ୍ୱରର ବିଭିନ୍ନ ପେଟ୍ରୋଲ ପମ୍ପରେ ଏପରି ପରିସ୍ଥିତି ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ପେଟ୍ରୋଲ ପମ୍ପ ବନ୍ଦ ହୋଇଯାଇଥିବା ମଧ୍ୟ ସୂଚନା ମିଳିଛି। ଏହାରି ମଧ୍ୟରେ ଏକ ବଡ଼ କାରଣ ସାମ୍ନାକୁ ଆସିଛି। ଏପରି ପରିସ୍ଥିତି କାହିଁକି ଉପୁଜିଛି, ସେନେଇ ଉତ୍କଳ ପେଟ୍ରୋଲିୟମ ଡିଲର ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟର ଡିପୋଗୁଡ଼ିକରେ ପର୍ଯ୍ୟାପ୍ତ ତେଲ ମହଜୁଦ ରହିଛି। କିନ୍ତୁ ମାର୍କେଟର ଚାହିଦା ଅନୁସାରେ ତେଲ ସମୟରେ ପହଞ୍ଚିପାରୁ ନଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି।ସେ ଆହୁରି କହିଛନ୍ତି, ଲୋକେ ଆବଶ୍ୟକତାଠାରୁ ଅଧିକ ତେଲ କିଣିବା ଆରମ୍ଭ କରିଦେଇଥିବାରୁ ପେଟ୍ରୋଲ ପମ୍ପଗୁଡ଼ିକରେ ଅସ୍ୱାଭାବିକ ଭାବରେ ବିକ୍ରି ବଢ଼ିଯାଇଛି। ଗତ ଚାରିଦିନ ଧରି ସାଧାରଣ ଦିନଠାରୁ ଅଧିକ ତେଲ ବିକ୍ରି ହୋଇଛି। ଫଳରେ ଷ୍ଟକ ଶୀଘ୍ର ସରିଯାଉଛି ଏବଂ ଲୋକଙ୍କ ଭୟ ଆହୁରି ବଢୁଛି। ସବୁଠୁ ବଡ଼ କଥା ହେଲା, ଯେତେ ତେଲ ବିକ୍ରି ହେଉଛି ସେହି ଅନୁପାତରେ ତେଲ ପୁନର୍ବାର ପହଞ୍ଚିପାରୁନାହିଁ। ତେଲ ସରିଯିବା ଓ ନୂଆ ଷ୍ଟକ୍ ପହଞ୍ଚିବା ମଧ୍ୟରେ ଥିବା ବ୍ୟବଧାନ ଏହି ସମସ୍ୟାକୁ ଆହୁରି ଗୁରୁତର କରିଛି।

**ଲାଗୁ ହୋଇଛି ନୂଆ ଦର**

# ମହଙ୍ଗା ହେଲା ପେଟ୍ରୋଲ, ଡିଜେଲ

★ ପେଟ୍ରୋଲ ଲିଟର ପିଛା ୩ ଟଙ୍କା ୧୪ ପଇସା
★ ଡିଜେଲ ୩ ଟଙ୍କା ୧୧ ପଇସା ★ ସି.ଏନ୍.ଜି. ଦୁଇ ଟଙ୍କା



ନୂଆଦିଲ୍ଲୀ, ୧୫।୫: ପଶ୍ଚିମ ଏସିଆରେ ଯୁଦ୍ଧ ଓ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ଭାରତରେ ପେଟ୍ରୋଲ ଦର ୩ ଟଙ୍କା ୧୪ ପଇସା ଓ ଡିଜେଲ ୩ ଟଙ୍କା ୧୧ ପଇସା ବୃଦ୍ଧି ପାଇଛି। ଶୁକ୍ରବାରଠୁ ଲାଗୁ ହୋଇଛି ନୂଆ ଦର । ତୈଳ କମ୍ପାନିଗୁଡ଼ିକ ଦୈନିକ ୧ ହଜାର କୋଟିରୁ ଅଧିକ କ୍ଷତି ସହୁଥିବାରୁ ଏହି ଦର ବୃଦ୍ଧି ଅନିବାର୍ଯ୍ୟ ହୋଇପଡ଼ିଥିଲା ବୋଲି ଯୁକ୍ତି ଦର୍ଶାଯାଉଛି।ତୈଳଦର ବୃଦ୍ଧି ପରେ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପେଟ୍ରୋଲ ଡିଜେଲ ଗ୍ରାହକଙ୍କଠାରୁ ଆରମ୍ଭ କରି ବିରୋଧୀ ସଂଗଠନ ବିଭିନ୍ନ ସ୍ଥାନରେ ବିରୋଧ ପ୍ରଦର୍ଶନ କରିଛନ୍ତି। ସି. ଏନ୍. ଜି. ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ଦୁଇ ଟଙ୍କା ବୃଦ୍ଧି ପାଇଛି। ନୂଆ ଦର ଆଜିଠାରୁ ଲାଗୁ ହୋଇଛି। ପ୍ରାୟ ଚାରି ବର୍ଷ ପରେ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧି ପାଇଛି। ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଏବେ ଲିଟର ପିଛା ୯୪.୭୭ ଟଙ୍କାରୁ ୯୭.୭୭ ଟଙ୍କାକୁ ଏବଂ ଡିଜେଲ ଲିଟର ପିଛା ୮୭.୭୭ ଟଙ୍କାରୁ ୯୦.୭୭ ଟଙ୍କାକୁ ବୃଦ୍ଧି ପାଇଛି। କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ମହାନଗରରେ ମଧ୍ୟ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇଛି।କୋଲକାତାରେ ପେଟ୍ରୋଲ ଲିଟର ପିଛା ୩.୨୯ ଟଙ୍କା ବୃଦ୍ଧି ପାଇ ୧୦୮.୭୪ ଟଙ୍କାରେ ପହଞ୍ଚିଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୩.୧୪ ଟଙ୍କା ବୃଦ୍ଧି ପାଇ ୧୦୬.୬୮ ଟଙ୍କାରେ ବିକ୍ରି ହେଉଛି।

## ରାଜ୍ୟରେ ବଢ଼ିଲା ବସ୍ ଭଡ଼ା

- ସାଧାରଣ ବସ୍ ଭଡା ୨ ପଇସା
- ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡ଼ା ୪ ପଇସା

ଭୁବନେଶ୍ୱର, ୧୫।୫: ତୈଳ ଦର ବୃଦ୍ଧି ସହିତ ରାଜ୍ୟରେ ଘରୋଇ ବସ୍ ଭଡା ମଧ୍ୟ ବଢିଛି। ସାଧାରଣ ବସ୍ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ୪ ପଇସା ବୃଦ୍ଧି ହୋଇଛି। ସେହିପରି ସୁପର୍ ଡିଲକ୍ସ ପ୍ରିମିୟମ ବସ୍ ଭଡା କିଲୋମିଟର ପିଛା ୬ ପଇସା ବୃଦ୍ଧି ପାଇଛି।




ସାଧାରଣ ବସ୍ ଭଡା ୨ ପଇସା ବଢି ୮୮ ପଇସାରୁ ଏବେ ୯୦ ପଇସାରେ ପହଞ୍ଚିଛି। ଏକ୍ସପ୍ରେସ ବସ୍ ଭଡା ଭଡ଼ା ୯୨ ପଇସା ଥିଲା ବେଳେ ୯୪ ପଇସା ହୋଇଛି। ସେହିପରି ଡିଲକ୍ସ ବସ୍ ଭଡା ୧ ଟଙ୍କା ୨୭ ପଇସାରୁ ୧ ଟଙ୍କା ୩୧ ପଇସା , ଏସି ଡିଲକ୍ସ ବସ୍ ଭଡା୧ ଟଙ୍କା ୫୫ ପଇସାରୁ ୧ ଟଙ୍କା ୫୯ ପଇସା ଏବଂ ସୁପର୍ ଡିଲକ୍ସ ପ୍ରିମିୟମ ୨ ଟଙ୍କା ୪୧ ପଇସାରୁ ୨ ଟଙ୍କା ୪୭ ପଇସାକୁ ବଢିଛି।ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି।

## ପେଟ୍ରୋଲ ବିକ୍ରି ୩୭ପ୍ରତିଶତ ବଢିଛି: ଆଇଓସିଏଲ

ଭୁବନେଶ୍ୱର, ୧୫।୫: ୨ରୁ ୩ ଦିନ ଭିତରେ ପେଟ୍ରୋଲ ବିକ୍ରି ୩୭ ପ୍ରତିଶତ ବଢିଛି । ଏନେଇ ସାମ୍ବାଦିକ ସମ୍ମିଳନୀରେ ଆଇଓସିଏଲ ସିଜିଏମ କମଲ ସିଲ ସୂଚନା ଦେଇଛନ୍ତି । ଓଡିଶାରେ ପ୍ରତିଦିନ ୪ ହଜାର କିଲୋ ଲିଟର ପେଟ୍ରୋଲ ବିକ୍ରି ହୁଏ । ଆବଶ୍ୟକ ସ୍ଥଳରେ ବିକଳ୍ପ ବ୍ୟବସ୍ଥା କରାଯିବ। ବସ୍ ଏବଂ ଟ୍ରକ ପାଇଁ ସ୍ୱତନ୍ତ୍ର ପମ୍ପ ରିଜର୍ଭ ରହିବ। ରାଜ୍ୟରେ ପର୍ଯ୍ୟାପ୍ତ ତୈଳ ମହଜୁଦ ଅଛି।ଗାଡି ଟାଙ୍କି ଯେତିକି ଧରୁଛି, ସେତିକି ଭରନ୍ତୁ,ପ୍ଲାଷ୍ଟିକ ବୋତଲରେ ଗଚ୍ଛିତ କରନ୍ତୁ ନାହିଁ। ୨୦୦-୫୦୦ ଟଙ୍କାର ଲିମିଟ୍ କେବଳ ଗୁଜବ ବୋଲି ସିଜିଏମ ସିଲ୍ କହିଛନ୍ତି। ଏହାସହ ସେ କହିଛନ୍ତି କି, ରାଜ୍ୟରେ 'ସଫିସେଣ୍ଟ ତେଲ' ସମସ୍ତଙ୍କୁ ମିଳିବ । ଏଲପିଜି ବୁକିଂର ୫ ଦିନରେ ଡେଲିଭରି ଗ୍ୟାରେଣ୍ଟି । ସିଏନଜି ଷ୍ଟେସନ ସବୁ ଚାଲୁଛି ଏବଂ ରାଜ୍ୟରେ ଫ୍ୟୁଏଲ ଫୁଲ୍ ଅଛି । ଅସୁବିଧା ଯୋଗାଣର ନୁହେଁ, ଧାରଣାର, ପ୍ୟାନିକ୍ ହୁଅନ୍ତୁନି ଏବଂ ପମ୍ପରେ ଫିଲଡ୍ ଅଫିସର ଅଛନ୍ତି। ଅସୁବିଧା ହେଲେ ସଙ୍ଗେ ସଙ୍ଗେ ଜଣାନ୍ତୁ, ଆଇଓସିଏଲ୍ ତୁରନ୍ତ ଆକ୍ସନ ନେବ । ତେଲ ସରିନି, ଧୈର୍ଯ୍ୟ ଧରନ୍ତୁ। ଅନ୍ୟପଟେ ତେଲ ସଙ୍କଟ ଦୂର କରିବା ପାଇଁ ୨ ବର୍ଷ ଇଥାନେଲ ମିଶା ତେଲ ଯାଉଛି ବୋଲି କହିଛନ୍ତି । ଦେଶ ଭିତରେ ଓଡ଼ିଶାରେ ସର୍ବାଧିକ ତେଲ ବିକ୍ରି ହେଉଛି ଏବଂ ଡିଲର୍ ଗଡବଡ କଲେ କଡ଼ା ଆକ୍ସନ ହେବା ନେଇ ସିଜିଏମ ସିଲ୍ ସୂଚନା ଦେଇଛନ୍ତି।

## ୨୬ରେ ମୌସୁମୀ ଛୁଇଁବ କେରଳ !



ନୂଆଦିଲ୍ଲୀ, ୧୫।୫: ମେ' ୨୬ରେ କେରଳ ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଭାରତ ପାଣିପାଗ ବିଭାଗ (ଆଇଏମଡି) ଶୁକ୍ରବାର ଏହା କହିଛି । ମୌସୁମୀର କେରଳ ପ୍ରବେଶ ପରିବର୍ତ୍ତନ ଚାରି ଦିନ ହୋଇପାରେ। ମୌସୁମୀ ଆଗମନର ସାଧାରଣ ତାରିଖ ହେଉଛି ଜୁନ୍ ୧। ଆଇଏମଡି ଅନୁଯାୟୀ, ପଶ୍ଚିମ ଉପକୂଳର ଦକ୍ଷିଣ ଅଂଶରେ ୧୪ ମଇରୁ ୨୮ ମଇ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗତ ବର୍ଷ, ମୌସୁମୀ ମେ ୨୪ ତାରିଖରେ ଦକ୍ଷିଣ ରାଜ୍ୟ ଉପରେ ପହଞ୍ଚିଥିଲା। ଭାରତ ପାଣିପାଗ ବିଭାଗ (ଆଇଏମଡି) ୨୦୨୬ରେ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ପାଇଁ ମେ ୨୬ ତାରିଖକୁ ଆଶା କରାଯାଇଥିବା ତାରିଖ ଭାବରେ ଘୋଷଣା କରିଛି। ଏହା ସାଧାରଣ ଜୁନ୍ ୧ ତାରିଖ ଅପେକ୍ଷା ପ୍ରାୟ ଛଅ ଦିନ ପୂର୍ବରୁ। ମୌସୁମୀର ଆଗମନ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ପ୍ରବଳ ଗରମରୁ ମୁକ୍ତି ଏବଂ ଖରିଫ ଫସଲ ବୁଣା ପାଇଁ ଅନୁକୂଳ ପରିସ୍ଥିତି ଆଣିବ ବୋଲି ଆଶା କରାଯାଉଛି।

## ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା

- ବଢ଼ିଲା ୨ ପ୍ରତିଶତ
- ପିଛିଲା ଭାବେ ଜାନୁଆରୀରୁ ହେବ ଲାଗୁ



ଭୁବନେଶ୍ୱର, ୧୫।୫(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନସନ ଭୋଗୀମାନଙ୍କ ଟି.ଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ମେ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ରାଜ୍ୟର ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନ ଭୋଗୀ ଉପକୃତ ହେବେ।

## ଲୁହାରଡ୍‌ରେ ପିଟି ପିଟି ହତ୍ୟା: ୩ ବନ୍ଧା ହେଲେ

ରାଉରକେଲା, ୧୫।୫: ଏକ ହୃଦୟ ବିଦାରକ ଘଟଣା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ଘଟିଛି। ଏକ ଛୋଟ ଦୁର୍ଘଟଣା ଘଟାଇବା ଅଭିଯୋଗରେ ଟ୍ରକ୍ ଡ୍ରାଇଭର ମାନଙ୍କ ଏକ ଗୋଷ୍ଠୀ ଗୋଟିଏ ପିକଅପ୍ ଭ୍ୟାନ୍ ଡ୍ରାଇଭରଙ୍କୁ ପିଟି ପିଟି ହତ୍ୟା କରିଛନ୍ତି। ଜିଲ୍ଲାର ସାଗରପାଲି ଖମାର ପଡ଼ାର ରାଜେଶ ମୁଣ୍ଡା ଏକ ପିକଅପ୍ ଗାଡ଼ି ଚଳାଇ ଯାଉଥିବା ବେଳେ, ଜିଲ୍ଲାର ଉସ୍ମା ଥାନା ଅଞ୍ଚଳ ନିକଟରେ ରାସ୍ତା ପାର ହେଉଥିବା ଏକ ଟ୍ରେଲର ଟ୍ରକ୍ ଡ୍ରାଇଭରଙ୍କୁ ଧକ୍କା ଦେଇଥିଲେ। ଟ୍ରକ ଡ୍ରାଇଭରଙ୍କ ଜଣଙ୍କ ଗୋଡ଼ରେ ଆଘାତ ଲାଗିଥିଲା । ଦୁର୍ଘଟଣାରେ ଉତ୍ତ୍ୟକ୍ତ ହୋଇ, ଟ୍ରକ୍ ଡ୍ରାଇଭର ମାନଙ୍କର ଏକ ଗୋଷ୍ଠୀ ଦୁର୍ଘଟଣା ସ୍ଥଳରେ ତୁରନ୍ତ ଏକାଠି ହୋଇ ଲୁହା ରଡ୍ ଏବଂ ଅନ୍ୟାନ୍ୟ ମାରଣାସ୍ତ୍ରରେ ମୁଣ୍ଡାଙ୍କୁ ଆକ୍ରମଣ କରିଥିଲେ, ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୁଣ୍ଡାଙ୍କୁ ଚିକିତ୍ସା ପାଇଁ ନିକଟବର୍ତ୍ତୀ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ, ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ ଏବଂ ଏ ବିଷୟରେ ଉସ୍ମା ପୋଲିସକୁ ଜଣାଇଥିଲେ। ପରେ, ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୁଣ୍ଡାଙ୍କ ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେମାନେ ତିନି ଜଣ ଟ୍ରେଲର ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ପରେ ସେମାନଙ୍କୁ ପୋଲିସ ଗିରଫ କରିଥିବା ଏକ ସୂତ୍ରରୁ ପ୍ରକାଶ।

# ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା

➔ ରାଜ୍ୟରେ ଏସ୍‌ଆଇଆର୍ ➔ ୩୦ରୁ ବିଏଲ୍‌ଓ କରିବେ ଘରକୁ ଘର ପରିଦର୍ଶନ



ଭୁବନେଶ୍ୱର, ୧୫।୫: ରାଜ୍ୟର ହେବାକୁ ଥିବା ସଘନ ସଂଶୋଧନ (ଏସଆଇଆର)–୨୦୨୬ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୦୧ ଜୁଲାଇ ୨୦୨୬ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ୨୦ ମଇ ୨୦୨୬ ରୁ ୨୯ ମଇ ୨୦୧୬ ପର୍ଯ୍ୟନ୍ତ ପ୍ରିଂଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବ। ଏହାପରେ ୩୦ ମଇରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ୨୮ ଜୁନ୍ ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ । ପରେ ୦୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ।୦୫ ଜୁଲାଇରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ, ୦୫ ଜୁଲାଇ ୨୦୨୬ ରୁ ୦୨ ସେପ୍‌ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୦୬ ସେପ୍ଟେମ୍ବର ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧% ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସଆଇଆର ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଏସଆଇଆର ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରିନଥିଲା, ସେମାନେ ମଧ୍ୟ ଝଓଜ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସଆଇଆର ସମୟରେ ୪୫ ହଜାର ୨୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗିତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୨୭ହଜାର ୭୨୩ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ ।

## ଜୁନ ୨୧ରେ ପୁଣି ନିଟ୍ ପରୀକ୍ଷା ଆସନ୍ତା ବର୍ଷରୁ ଅନ୍‌ଲାଇନରେ

ନୂଆଦିଲ୍ଲୀ, ୧୫।୫: ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହି ଘୋଷଣା କରି କହିଛନ୍ତି, 'ଏକ ଜରୁରୀ ସୂଚନା ଦେବାକୁ ଚାହୁଁଛି ଯେ, ଆସନ୍ତା ବର୍ଷରୁ ବାସ୍ତବିକ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯିବ । ନିଟ୍ ପରୀକ୍ଷା ଓଏମଆର ବଦଳରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ କରାଯିବ।' କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍. ଟି. ଏ.) ନିଟ୍. (ୟୁ. ଜି.) ଜୁନ ୨୧ ୨୦୨୬ର ପୁନଃପରୀକ୍ଷା କରିବାକୁ ଘୋଷଣା କରିଛି। ଏଜେନ୍ସି କୌଣସି ସୂଚନା କିମ୍ବା ସହାୟତା ପାଇଁ ନିଟ୍ ୟୁଜି ଇ-ମେଲ ଏବଂ ହେଲ୍ପଲାଇନ୍ ନମ୍ବର ୦୧୧-୪୦୭୫୯୦୦୦ ଏବଂ ୦୧୧-୬୯୨୨୭୭୦୦ ଜାରି କରିଛି।

## ନିଟ୍ ୟୁଜି ମାମଲା: ମାଷ୍ଟରମାଇଣ୍ଡ କୁଲକର୍ଣ୍ଣି ଗିରଫ

ନୂଆଦିଲ୍ଲୀ, ୧୫।୫: ନିଟ୍ ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ମାମଲାରେ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ସିବିଆଇ) କୁ ବଡ଼ ସଫଳତା ମିଳିଛି। ଏହି ଦୁର୍ନୀତିର ମୁଖ୍ୟ ସୂତ୍ରଧରକୁ ସିବିଆଇ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ପରିଚୟ ପି.ଭି. କୁଲକର୍ଣ୍ଣି । ପୁନେରେ ଜଣେ କେମିଷ୍ଟ୍ରି ଲେକ୍‌ଚରର ଭାବେ ସେ କାର୍ଯ୍ୟ କରୁଥିଲେ।ସିବିଆଇ ତଦନ୍ତରୁ ଜଣାପଡ଼ିଛି ଯେ, କୁଲକର୍ଣ୍ଣି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ର ପରୀକ୍ଷା ପ୍ରକ୍ରିୟା ସହ ଜଡ଼ିତ ଥିଲେ। ନିଜ ପଦବୀର ଦୁରୁପଯୋଗ କରି ସେ ପ୍ରଶ୍ନପତ୍ର ଗୁଡ଼ିକୁ ପରୀକ୍ଷା ପୂର୍ବରୁ ହାସଲ କରିନେଇଥିଲେ। ଏଥିରେ ତାଙ୍କୁ ମନିଷା ୱାଘମାରେ ନାମକ ଜଣେ ମହିଳା ସାହାଯ୍ୟ କରିଥିଲେ। ଏପର୍ଯ୍ୟନ୍ତ ଏହି ମାମଲାରେ ଗିରଫଦାରି ୮ କୁ ବୃଦ୍ଧି ପାଇଛି।

CMYK

# ସାବିତ୍ରୀ ଉପାଖ୍ୟାନ



## ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା

ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ବର୍ଣ୍ଣନା କରାଯାଇଛି । ସ୍କନ୍ଧ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀରେ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହି ବ୍ରତ ପାଳିତ ହୋଇଥାଏ । କୁହାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ପ୍ରଥମେ ଏହି ବ୍ରତ ପାଳନ କରିଥିଲେ । ସେ ଏହି ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ ଅନୁସାରେ ଏକଦା ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ହେ ମାଧବ, ସଂସାରରେ କେଉଁ ବ୍ରତ ନାରୀମାନଙ୍କ ପାଇଁ ଶ୍ରେଷ୍ଠ ? ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ - ହେ ଧର୍ମରାଜ, ପତିବ୍ରତା ନାରୀ ପାଇଁ ସାବିତ୍ରୀ ବ୍ରତ ସମ୍ପର୍କରେ ପଚାରିବାରୁ ସେ ତାହାର ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

## ସାବିତ୍ରୀଙ୍କ ଜନ୍ମ ଉପାଖ୍ୟାନ

ମହାଭାରତ ମତେ, ମଦ୍ର ଦେଶରେ ଅଶ୍ୱପତି ନାମରେ ଜଣେ ରାଜା ରାଜତ୍ୱ କରୁଥିଲେ। ସେ ସାବିତ୍ରୀ ଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଏକଦା ଯଜ୍ଞର ଆୟୋଜନ କଲେ। ନିର୍ଦ୍ଦିଷ୍ଟ ସମୟ ଉପନୀତ ଉତ୍ତାରୁ ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ବର ମାଗିବାକୁ କହିଲେ। ରାଜା ନିଃସନ୍ତାନ ଥିବାରୁ ପୁତ୍ର ସନ୍ତାନ ପାଇଁ ଦେବୀଙ୍କ ପାଖରେ ମିନତି କଲେ। ଦେବୀ ରାଜାଙ୍କୁ ପୁତ୍ର ସନ୍ତାନ ଲାଭ କରିବା ଯୋଗ ନ ଥିବା ସୂଚାଇ ଦେଲେ ଏବଂ ଏକ ଉତ୍ତମ କନ୍ୟା ହେବାର ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ। ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା। ଦେବୀଙ୍କ ନାମ ଅନୁସାରେ ତାଙ୍କ ନାମ ସାବିତ୍ରୀ ରଖାଯାଇଥିଲା। ସାବିତ୍ରୀ କ୍ରମେ ଯୌବନରେ ପାଦ ଦେବା ପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜ ଇଚ୍ଛାରେ ବର ଖୋଜିବାକୁ ସମ୍ମତି ପ୍ରକାଶ କରି ସହଚରୀମାନଙ୍କ ସହ ପତି ଅନ୍ୱେଷଣରେ ବାହାରି ପଡ଼ିଲେ। ଶାଲ୍ୱ ଦେଶର ରାଜା ଦ୍ୟୁମତସେନଙ୍କ ପୁତ୍ର ଥିଲେ ସତ୍ୟବାନ। ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବରେ ଦ୍ୟୁମତସେନ ଅନ୍ଧ ହେବା ସହ ରାଜ୍ୟ ହରାଇ ବନବାସୀ ହୋଇଥିଲେ। ସତ୍ୟବାନ ବଣରେ ଫଳମୂଳ ଖାଇ ମୁନି ବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କ ସେବା କରୁଥିଲେ। ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣତା ଓ ରୂପରେ ମୁଗ୍ଧ ହୋଇଯାଇଥିଲେ।

## ସାବିତ୍ରୀଙ୍କ ଯୁକ୍ତିରେ ହାରିଲେ ଯମ

ରାଜକୀୟ ଐଶ୍ୱର୍ଯ୍ୟ ଭୋଗବିଳାସ ତ୍ୟାଗ କରି ତାଙ୍କ ସାଙ୍ଗରେ ଜୀବନ ଅତିବାହିତ କରିବା ପାଇଁ ସଂକଳ୍ପ କଲେ। ସତ୍ୟବାନଙ୍କୁ ପତି ରୂପେ ମନୋନୀତ କରି ସେ ପିତାଙ୍କୁ ଜଣାଇଥିଲେ। ଏହି ସମୟରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ଆୟୁଷ ଆଉ ଏକ ବର୍ଷ ଥିବା ସତର୍କ କରାଇ ଦେଇଥିଲେ। ମାତ୍ର ସାବିତ୍ରୀ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ। ଶେଷରେ ଉଭୟ ପକ୍ଷଙ୍କ ଅନୁମତି କ୍ରମେ ସାବିତ୍ରୀ ଓ ସତ୍ୟବାନଙ୍କ ଯଥାରୀତି ବିବାହ ସମ୍ପନ୍ନ ହେଲା। ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ। ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର ବ୍ରତ ଅବଲମ୍ବନ କଲେ। ଅନ୍ତରେ ଯେଉଁ ଦିନ ଏକ ବର୍ଷ ପୂରଣ ହେବ, ସେ ଦିନ ସତ୍ୟବାନ ଫଳମୂଳ ଓ କାଠ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ। ବଣରେ ସତ୍ୟବାନ ଅସୁସ୍ଥ ଅନୁଭବ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା ହେଲା। କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେଠାରେ ବସି ରହିଲେ। ଯମଦୂତ ଯେତେ ଚେଷ୍ଟା କଲେ ମଧ ସାବିତ୍ରୀଙ୍କ ଠାରୁ ତାଙ୍କ ସ୍ୱାମୀଙ୍କ ପ୍ରାଣ ଛଡ଼ାଇପାରିଲେ ନାହିଁ। ଏହାପରେ ସ୍ୱୟଂ ଯମଦେବ ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ। ସାବିତ୍ରୀ ମଧ ଯମଙ୍କୁ ଅନୁଗମନ କଲେ। ଶେଷରେ ତାଙ୍କର ନିଷ୍ଠା ଆଉ ତ୍ୟାଗ ଆଗରେ ଯମ ହାରିଯାଇଥିଲେ। ଯମରାଜା ତାଙ୍କ ସ୍ୱାମୀଙ୍କ ବଦଳରେ ତାଙ୍କୁ ୧୦୦ ପୁତ୍ର ହେବାର ବରଦାନ କରିଥିଲେ। ମାତ୍ର ସାବିତ୍ରୀ ଚତୁରତାର ସହ କହିଥିଲେ ଯେ, ସ୍ୱାମୀ ନଥାଇ ମୁଁ କିପରି ଶତ ପୁତ୍ରର ଜନନୀ ହେବି। ଏହା ଦ୍ୱାରା କ'ଣ ମୋର ସତୀତ୍ୱ ନଷ୍ଟ ହେବନି। ଶେଷରେ ସାବିତ୍ରୀଙ୍କ ଯୁକ୍ତିରେ ହାରି ଏବଂ ତାଙ୍କ ନିଷ୍ଠାରେ ଖୁସି ହୋଇ ସେ ସତ୍ୟବାନଙ୍କ ଜୀବନ ଦାନ କରିଥିଲେ।


## ସଧବାଙ୍କ ସବୁ କୁଳର ଉନ୍ନତି

ମହାଭାରତରେ ବର୍ଣ୍ଣିତ ସାବିତ୍ରୀଙ୍କ ଏହି ଉପାଖ୍ୟାନକୁ ଆଦର୍ଶ ଭାବି ଓଡ଼ିଶାର ସାଧବା ନାରୀମାନେ ନିଷ୍ଠାର ସହ ଉପବାସ କରି ଏହି ପର୍ବ ପାଳନ କରିଥାନ୍ତି। ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ ହୁଏ। ଏହି ଦିନ ପ୍ରତ୍ୟେକ ସଧବା ଭୋରୁ ଉଠି ସ୍ନାନାଦି କାମ ସାରିଥାନ୍ତି। ପିତୃଘରୁ ଆସିଥିବା ଶାଢ଼ୀ, ଶଙ୍ଖା, ସିନ୍ଦୂର ପିନ୍ଧି ସ୍ୱାମୀଙ୍କ ଶୁଭକାମନା କରି ଶିଳପୁଆକୁ ସାବିତ୍ରୀ ଭାବି ପୂଜାକରିଥାନ୍ତି। ପୂଜାଘରେ ଶିଳପୁଆକୁ ରଖି ଧୂପ, ଦୀପ ସହ ପଣସ, ଆମ୍ବ, ଲିଚି, କଦଳୀ ଆଦି ଭୋଗ ଦିଆଯାଇ ପୂଜା କରାଯାଏ। ସାବିତ୍ରୀ ଗାଥା ବହିକୁ ମହିଳାମାନେ ଏକତ୍ର ପଢ଼ିଥାନ୍ତି। ପରିବାରର ଅନ୍ୟମାନେ ଏହାକୁ ବସି ଶୁଣିଥାନ୍ତି। ବିବାହିତା ମହିଳାମାନେ ଏହିଦିନ ସୂର୍ଯ୍ୟାସ୍ତ ଯାଏଁ କଠୋର ଉପବାସ କରିଥାନ୍ତି। ତେବେ କେତେକ ଜାଗାରେ ମହିଳାମାନେ ଘରେ ପୂଜା ନକରି ମନ୍ଦିର ଯାଉଥିବାରୁ ମନ୍ଦିରମାନଙ୍କରେ ସେଦିନ ବହୁତ ଭିଡ଼ ପରିଲକ୍ଷିତ ହୋଇଥାଏ। ପୁରାଣରେ ବର୍ଣ୍ଣନା ରହିଛି ଯେ, ସାବିତ୍ରୀଙ୍କ ଭଳି କନ୍ୟା କୌଣସି ଗୃହରେ ଜନ୍ମ ନେଇଥିଲେ ପିତୃକୁଳ, ଶ୍ୱଶୁର, ଶାଶୂ ଓ ସ୍ୱାମୀଙ୍କର କଲ୍ୟାଣ ହୋଇଥାଏ **-ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

**ଦୂରଭାଷ : ୯୮୬୧୩୫୫୬୨୮**




# କନ୍ୟା ତେଜସ୍ୱିନୀ ସାବିତ୍ରୀ



ହିନ୍ଦୁ କିମ୍ବଦନ୍ତୀରେ ଜଣେ ଶ୍ରେଷ୍ଠ କନ୍ୟା ହେଲେ ସାବିତ୍ରୀ । ସେ ମାତୃଦେବୀଙ୍କ ମରଣଶୀଳ ବା ପାର୍ଥିବ ଅବତାର । ସେ ଥିଲେ ରାଜକନ୍ୟା ବିବାହ କରିଥିଲେ ସ୍ୱଇଚ୍ଛାରେ । ବିନା ଯାନିଯୌତୁକରେ ବରଘରକୁ ଗମନ କରିଥିଲେ । ମହାଭାରତରେ ସାବିତ୍ରୀ କନ୍ୟା ତେଜସ୍ୱିନୀ ଭାବେ ବର୍ଣ୍ଣିତ । ତାଙ୍କ ତେଜ ଓ ବ୍ୟକ୍ତିତ୍ୱ ଆଗରେ ପୁରୁଷମାନେ ଫିକାପଡ଼ିଯାଇଥିଲେ । ସାବିତ୍ରୀ ଦେବୀଙ୍କୁ ପ୍ରାର୍ଥନା କରି ମାଦ୍ରଦେଶର ରାଜା ଅଶ୍ୱପତି ତାଙ୍କୁ କନ୍ୟା ରୂପେ ପାଇଥିଲେ । ସାବିତ୍ରୀଙ୍କ ବିବାହ ସମୟ ଉପସ୍ଥିତ ହୁଅନ୍ତେ, ଅଶ୍ୱପତି ଜାମାତା ଚୟନ କରି ନ ପାରି, ତାହା ସାବିତ୍ରୀଙ୍କ ଉପରେ ଛାଡ଼ି ଦେଇଥିଲେ । ପିତାଙ୍କ ମାନସିକ ଅବସ୍ଥା ଅନୁଭବ କରି ସାବିତ୍ରୀ ନିଜେ ପତି ଅନ୍ୱେଷଣ ଆରମ୍ଭ କରିଥିଲେ । ଦିନେ ରଥାରୂଢ଼ା ସାବିତ୍ରୀ ବନସ୍ତ ମଧ୍ୟରେ ଭେଟିଲେ ଶାଲ୍ୱ ରାଜପୁତ୍ର ସତ୍ୟବାନଙ୍କୁ । ସେତେବେଳକୁ ଶାଲ୍ୱ ନରପତି ଦ୍ୟୁମତ୍‌ସେନ ଷଡ଼ଯନ୍ତ୍ରର ଶିକାର ହୋଇ ସପରିବାର ନିଘଞ୍ଚ ଅରଣ୍ୟ ମଧ୍ୟରେ ବାସକରୁଥାନ୍ତି । ପର୍ଣ୍ଣକୁଟୀର ଭିତରେ ଅତି ସାଧାରଣ ଜୀବନଯାପନ କରୁଥାନ୍ତି ସେମାନେ । ସତ୍ୟବାନଙ୍କ ରୂପ ଗୁଣ ଦ୍ୱାରା ବିମୁଗ୍ଧା ସାବିତ୍ରୀ କେବଳ ତାଙ୍କୁ ହିଁ ବିବାହ କରିପାରିବେ ବୋଲି ହୃଦୟଙ୍ଗମ କଲେ । ବିବାହ ପରେ ସତ୍ୟବାନ ମାତ୍ର ବର୍ଷଟିଏ ବଞ୍ଚିବେ, ଏହା ଜାଣିବା ସତ୍ତ୍ୱେ ସେ ତାଙ୍କୁ ବିବାହ କରି ରହିଥିଲେ ଅରଣ୍ୟରେ । ଅଶ୍ୱପତି ଚାହିଁଥିଲେ ନିଜ କନ୍ୟାର ଖୁସି ପାଇଁ ଅନେକ କିଛି କରିପାରିଥାନ୍ତେ । କିନ୍ତୁ ସାବିତ୍ରୀ ବା ସତ୍ୟବାନ କିଛି ବି ଚାହିଁ ନଥିଲେ । ଠିକ୍ ବର୍ଷକ ପରେ ସତ୍ୟବାନଙ୍କର ମୃତ୍ୟୁ ଘଟିଥିଲା । ମହାସତୀ ସାବିତ୍ରୀଙ୍କ ତପ ବଳରେ ସେ ପାଇଥିଲେ ପୁନର୍ଜୀବନ । ଯମରାଜଙ୍କୁ ନିଜର ଅକାଟ୍ୟ ଯୁକ୍ତି ବଳରେ ସନ୍ତୁଷ୍ଟ କରି ସାବିତ୍ରୀ ନିଜ ପତିଙ୍କୁ ଫେରିପାଇଥିଲେ । ଜ୍ୟେଷ୍ଠ କୃଷ୍ଣ ପକ୍ଷ ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳିତ ହୁଏ । ମୁଖ୍ୟତଃ ପୂର୍ବ ଓ ଉତ୍ତର ଭାରତୀୟ ସଧବାମାନେ ସାବିତ୍ରୀ ବ୍ରତ ପାଳନ କରନ୍ତି । ଓଡ଼ିଆ ଘରର ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ମୋଟାମୋଟି ଭାବେ ସାବିତ୍ରୀ ଉପାଖ୍ୟାନରେ ସତୀତ୍ୱର ଜୟ ଜୟକାର କରାଯାଇଛି । କେବଳ ସାବିତ୍ରୀ ନୁହନ୍ତି, ମହାସତୀ ସୀତା, ଅନୁସୂୟା, ଶ୍ରୀରାଧା ପ୍ରମୁଖ ନାରୀମାନେ ନିଜର ସତୀତ୍ୱ ପାଇଁ କାଳର କରାଳ ବକ୍ଷରେ ଅମର ହୋଇ ରହିଛନ୍ତି । ସାବିତ୍ରୀ ବ୍ରତ କେବଳ ସୁସ୍ୱାଦୁ ଫଳ ଭକ୍ଷଣ, ନୂଆ ଶାଢ଼ି ପିନ୍ଧିବା, ମନ୍ଦିର ଯିବା, ନିଜକୁ ସଜେଇ ହେବା ମଧ୍ୟରେ ସୀମିତ ନରଖି ଏହାର ମୂଲ୍ୟବୋଧକୁ କାର୍ଯ୍ୟକାରୀ କଲେ ଏହି ବ୍ରତର ପୁଣ୍ୟଫଳ ମିଳିଥାଏ ।

***ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା***

***ଦୂରଭାଷ : ୭୦୦୮୪୭୮୯୮୬***



## ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ

ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷପ୍ରଜାପତି ମାତା ସତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ସତୀ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷପ୍ରଜାପତି ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞସ୍ଥଳରେ ଦକ୍ଷପ୍ରଜାପତି ଶିବଙ୍କର ଅପମାନ କଲେ ଏହାକୁ ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଝାସ ଦେଲେ । ସତୀଙ୍କ ଯଜ୍ଞକୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞସ୍ଥଳକୁ ଧ୍ୱଂସକରି ଦେଲେ । ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୂରିବୁଲିଲେ । ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କଠାରୁ ଅଲଗା କରିଦେଲେ । ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁର ଅତ୍ୟାଚାର କଲା । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶିଲେ । ମାତ୍ର ବ୍ରହ୍ମା, ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ପ୍ରକାଶ ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ଗିରିରାଜ ହିମାଳୟଙ୍କ ଘରେ ଆବିର୍ଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି ଶାନ୍ତ ଶୀତଳ । ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳଷଷ୍ଠୀ ଭାବେ ପାଳନ କରାଯାଏ ।



# ସଧବାଙ୍କ ପାଇଁ ସ୍ୱାମୀ ସର୍ବସ୍ୱ

ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ପାଳନ କରାଯାଉଥିବା ଦିନଟି ସାବିତ୍ରୀ ଅମାବାସ୍ୟା । ସଧବାଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତ ଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତ ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବାଙ୍କ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ । ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶିଳପୁଆ ହୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ ସାବିତ୍ରୀ ଦେବୀ ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରାଯାଇଥାଏ । ଲକ୍ଷ୍ମୀ ପୁରାଣରେ ଉଲ୍ଲେଖ ରହିଛି - 'ପତି ସେବା ବିନା ନାହିଁ ନାରୀଙ୍କର ଗତି, ପତିପ୍ରାଣା ନାରୀ କରେ ଦେବ ଲୋକେ ଗତି।'

ସାବିତ୍ରୀ ବ୍ରତ ବିଧି

ସାବିତ୍ରୀ ବ୍ରତ ପାଳନରେ ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରାଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀ ମାନେ ଶିଳପୁଆକୁ ପଞ୍ଚାମୃତରେ ଶୁଦ୍ଧପୂତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲ ଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ ପଣସ, ଖଜୁରି, ତାଳ, ନଡ଼ିଆ, ମୁଗ ବଟୁରା, ସପୁରି ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରର ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବଟୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି । ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କର ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁ ଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ଧରି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର



ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷର ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କୁ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁଧରି ଆଶ୍ରମକୁ ଫେରିଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟ ଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ । ସାବିତ୍ରୀ ବ୍ରତ ଦିନ ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଅନେକ ବ୍ରତଧାରିଣୀ ମହାପ୍ରସାଦ ସେବନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ମା'ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି।

## ତିନୋଟି ଦୃଷ୍ଟିକୋଣ

ସାବିତ୍ରୀ ବ୍ରତ କଥା ବିଚାର କଲେ ତିନୋଟି ଦୃଷ୍ଟିକୋଣ ଆମ ସାମ୍ନାକୁ ଆସିଥାଏ। ପ୍ରଥମ କଥାଟି ହେଲା ମା'ସାବିତ୍ରୀଙ୍କ ଆଶୀର୍ବାଦରୁ ଅଶ୍ୱପତିଙ୍କର ସାବିତ୍ରୀ ନାମ୍ନୀ କନ୍ୟା ଲାଭ ହେଲା। ଦ୍ୱିତୀୟ କଥାଟି ହେଉଛି ନିଜ ଭକ୍ତି ବଳରେ ସତୀ ସାବିତ୍ରୀ ସ୍ୱାମୀଙ୍କ ଜୀବନ ଫେରାଇ ଆଣିବାର ସମର୍ଥ ହେଲେ ସବୁଠାରୁ ଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବ୍ରତରେ ଜଗତର ସ୍ରଷ୍ଟା ଓ ଆଦର୍ଶ ଦମ୍ପତି ଲକ୍ଷ୍ମୀ-ନାରାୟଣଙ୍କର ଆଶୀର୍ବାଦ ଭିକ୍ଷା ହୋଇଥାଏ। ଏହି ବ୍ରତରେ ବଟବୃକ୍ଷ ମୂଳରେ ପୂଜାର୍ଚ୍ଚନା ହୋଇଥାଏ। ବ୍ରତଚାରିଣୀମାନେ ଆନନ୍ଦ ମନରେ ପୂଜା ଓ ପୁଷ୍ପାଞ୍ଜଳି ପ୍ରଦାନ କରି ଘିଅ ଦୀପରେ ବନ୍ଦାପନା ସହ ଯମ ଦେବତାଙ୍କୁ ପୂଜା କରି ସ୍ତୁତି କରିଥାନ୍ତି - 'ଓଁ ଯମାୟ ପାଶହସ୍ତାୟ ମହିଷ ବାହନାୟଚ, ସର୍ବଜୀବାପହରାୟ ନମୋ ବୈବସ୍ୱତାୟଚ।'

***-ପଣ୍ଡିତ ସୋମନାଥ ଦାଶ***

***ଦୂରଭାଷ : ୭୦୦୮୦୦୦୮୯୮***

# ଅମରତ୍ୱ ପାଇଁ ଯୋଗ୍ୟ ସଦା ଅବିଚଳିତ

ପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଉଦ୍ଦେଶ୍ୟରେ କହିଲେ ସଙ୍କଟକାଳୀନ ସମୟରେ ଅପବିତ୍ର ଚିନ୍ତାଧାରା କେଉଁଠାରୁ ତୁମକୁ ଆସିଲା, ଜଣେ ଅସମ୍ମାନଜନକ ବ୍ୟକ୍ତିଙ୍କ ଚିନ୍ତାଧାରା, କୁଖ୍ୟାତି ଆଣିଥାଏ ଏବଂ ସ୍ୱର୍ଗୀୟ ଜୀବନରୁ ବଞ୍ଚିତ କରିଥାଏ ? ହେ ଶତ୍ରୁମାନଙ୍କର ସାଧକ, କାପୁରୁଷତାର ବଶବର୍ତ୍ତୀ ହୁଅ ନାହିଁ। ଏହା ତୁମକୁ ଶୋଭା ଦିଏ ନାହିଁ। ତୁମର ହୃଦୟର ନୀଚ ଦୁର୍ବଳତା ତ୍ୟାଗ କରି ଠିଆ ହୁଅ।

ଅର୍ଜୁନ କହିଲେ, ହେ ମଧୁସୂଦନ, ମୁଁ କିପରି ଭୀଷ୍ମ ଏବଂ ଦ୍ରୋଣଙ୍କ ପରି ବ୍ୟକ୍ତିମାନଙ୍କ ବିରୋଧରେ ଯୁଦ୍ଧ କରି, ତୀର ଦ୍ୱାରା ସେମାନଙ୍କର ମୁକାବିଲା କରି ପାରିବି, ଯେତେବେଳେ ସେମାନେ ପୂଜା ପାଇଁ ଉପଯୁକ୍ତ ?ଏହି ମହାନ ଆତ୍ମାମାନେ ମୋର ଶିକ୍ଷକ । ସେମାନଙ୍କୁ ହତ୍ୟା କରିବା ଅପେକ୍ଷା ଏହି ଜଗତରେ ଭିକାରିର ଜୀବନ ବିତାଇବା ଭଲ। ଯଦି ଆମେ ସେମାନଙ୍କୁ ହତ୍ୟା କରୁ, ତେବେ ଆମକୁ ରକ୍ତ ରଞ୍ଜିତ ହାତରେ ବଞ୍ଚିବାକୁ ପଡିବ ଏବଂ ଆମର ବାକି ଜୀବନ ଉପଭୋଗ କରିବାକୁ ପଡିବ ।ଆମେ ଜାଣିନାହୁଁ ଯେ ଆମ ପାଇଁ କ'ଣ ଭଲ, ସେମାନଙ୍କୁ ଜୟ କରିବା କି ସେମାନଙ୍କ ଦ୍ୱାରା ପରାସ୍ତ ହେବା। ନିଶ୍ଚିତ ଭାବରେ ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ହତ୍ୟା କରି, ଆମେ ବଞ୍ଚିବାକୁ ଇଚ୍ଛା କରିବୁ ନାହିଁ। ତଥାପି ସେମାନେ ସମସ୍ତେ ବର୍ତ୍ତମାନ ଯୁଦ୍ଧ କ୍ଷେତ୍ରରେ ଆମ ସମ୍ମୁଖରେ ଠିଆ ହୋଇଛନ୍ତି।

ମୋର କର୍ତ୍ତବ୍ୟ (ଧର୍ମ) ବିଷୟରେ ମୋ ହୃଦୟରେ ଦ୍ୱନ୍ଦ୍ୱରେ ପଡ଼ି, ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ମୋର ସ୍ୱାର୍ଥ ପାଇଁ କ'ଣ ଅଛି ତାହା ମୋତେ ସ୍ପଷ୍ଟ ଭାବରେ କୁହନ୍ତୁ। ମୁଁ ଏବେ ଆପଣଙ୍କର ଶିଷ୍ୟ। ଦୟାକରି ମୋତେ ନିର୍ଦ୍ଦେଶ ଦିଅନ୍ତୁ ଏବଂ ମୋତେ ସାହାଯ୍ୟ କରନ୍ତୁ କାରଣ ମୁଁ ବର୍ତ୍ତମାନ ଆପଣଙ୍କ ଠାରେ ଆତ୍ମସମର୍ପଣ କରିସାରିଛି।




ପରମ ଭଗବାନ କହିଲେ, ତୁମେ ଯାହା ପାଇଁ ଦୁଃଖ କରିବା ଉଚିତ୍ ନୁହେଁ ସେଥିପାଇଁ ଦୁଃଖ କରୁଛ। ତଥାପି ତୁମେ ଜଣେ ମହାନ ବିଦ୍ୱାନଙ୍କ ପରି କହୁଛ। ଜଣେ ପ୍ରକୃତ ବିଦ୍ୱାନ ଏପରି ଜୀବନ ବିଷୟରେ ଚିନ୍ତା କରିବ ନାହିଁ ଯାହା ଶେଷ ହୋଇଗଲା କିମ୍ବା ଶେଷ ହୋଇଗଲା ନାହିଁ।ଏପରି କୌଣସି ସମୟ ନଥିଲା ଯେତେବେଳେ 'ମୁଁ' ଅସ୍ତିତ୍ୱରେ ନ ଥିଲା, ତୁମେ, କିମ୍ବା ଏହି ସମସ୍ତ ରାଜାମାନେ ଅସ୍ତିତ୍ୱରେ ନ ଥିଲେ। ଭବିଷ୍ୟତରେ ଆମେ କେବେ ଅସ୍ତିତ୍ୱ ହରାଇବୁ ନାହିଁ।

ଯେପରି ଦେହ ମଧ୍ୟରେ ଥିବା ଆତ୍ମା ଶୈଶବରୁ ଯୌବନ ଏବଂ ବୃଦ୍ଧାବସ୍ଥାକୁ ଗତି କରେ, ସେହିପରି ଏହା ଗୋଟିଏ ଶରୀରରୁ ଅନ୍ୟ ଏକ ଶରୀରକୁ ମଧ ଗତି କରେ। ତେଣୁ ନିରପେକ୍ଷ ବ୍ୟକ୍ତି ଭ୍ରମିତ ହୁଏ ନାହିଁ। ଗ୍ରୀଷ୍ମ ଏବଂ ଶୀତ, ସୁଖ ଏବଂ ଯନ୍ତ୍ରଣା କେବଳ ଇନ୍ଦ୍ରିୟ ବସ୍ତୁ ସହିତ ଇନ୍ଦ୍ରିୟଗୁଡ଼ିକର ସମ୍ପର୍କ ଯୋଗୁଁ ଉତ୍ପନ୍ନ ହୁଏ। ସେମାନେ କ୍ଷଣସ୍ଥାୟୀ। ତେଣୁ ହେ ଅର୍ଜୁନ, ସେମାନଙ୍କୁ ସହ୍ୟ କରିବାକୁ ଚେଷ୍ଟା କର ।ହେ ପୁରୁଷମାନଙ୍କ ମଧ୍ୟରେ ପ୍ରଧାନ, ସେହି ବ୍ୟକ୍ତି ଅମରତ୍ୱ ପାଇଁ ଯୋଗ୍ୟ ଯିଏ ଇନ୍ଦ୍ରିୟ ଦ୍ୱାରା ବିଚଳିତ ନୁହେଁ ଏବଂ ଯିଏ ସୁଖ ଏବଂ ଦୁଃଖ ଉଭୟରେ ସମାନ।



# କାଶୀନଗର ପଞ୍ଚାୟତ ସମିତିର ତ୍ରୟୋଦଶ ସାଧାରଣ ବୈଠକ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ କାର୍ଯ୍ୟାଳୟ ସଦଭାବନା ଗୃହ ମଧ୍ୟରେ ପଞ୍ଚାୟତ ସମିତିର ତ୍ରୟୋଦଶ ସାଧାରଣ ବୈଠକ ବ୍ଲକ ଅଧକ୍ଷା ବାଲା ସାଇମ୍ମାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଛି। ବୈଠକ ଆରମ୍ଭରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଲକ୍ଷ୍ମୀକାନ୍ତ ସାହୁ ପୁର୍ବ ବୈଠକର ବିବରଣୀ ପାଠ କରିଥିଲେ. ଏହା ପରେ ସ୍ୱାସ୍ଥ୍ୟ,ମହିଳା ଓ ଶିଶୁ ବିକାଶ ବଂ ବିଭାଗ, ପ୍ରାଣୀ, ଶିକ୍ଷା, ବନ, ବିଦ୍ୟୁତ ବିଭାଗ ଏମିତି ସବୁ ବିଭାଗ ର ଅଧିକାରୀ ମାନେ ନିଜ ନିଜ ବିଭାଗର କାର୍ଯ୍ୟ ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ କହିଥିଲେ। କାଶୀନଗରର ବୁଦୁରା ପଞ୍ଚାୟତ



ଅଧୀନରେ ଥିବା କିତିଙ୍ଗି, ବୋଥଭା, ବୁଦୁରା ଓ ଇଦୁଡ଼ି ଗ୍ରାମକୁ ଆନ୍ଧ୍ର ପ୍ରଦେଶରୁ ଚାରିଟିକିଆ ହାତୀପୋଲ ବାରମ୍ବାର ଆସୁଥିବା ରୁ ଚାଷୀ ଓ ବିଜୁଳି ଉପୋଭୋକ୍ତା ମାନେ ବହୁ ସମସ୍ୟା ର ସମ୍ମୁଖୀନ ହେଉଥିବା ଅଭିଯୋଗ ଆସିଥିଲା। ଶିକ୍ଷା ବିଭାଗରେ କିଛି ବିଦ୍ୟାଳୟ ଉପରେ ୩୩ କେ ଭି ତାର ଯାଇଥିବା ଓ ତେଲୁଗୁ ବହି ଯୋଗେଇ ଦେବା ସହ ବ୍ଲକର ବିଦ୍ୟାଳୟମାନଙ୍କର ଭିତ୍ତି ଭୂମି ଠିକ ନ ଥିବା ସରପଞ୍ଚ ମାନେ ଅଭିଯୋଗ ଆଣି ଥିଲେ.

ବ୍ଲକରେ ରବି ଜାତୀୟ ଫସଲ ତଥା କପା ଓ ମକା ଫସଲ ଉତ୍ପାଦନ ଭଲ ହେଉଥିବାରୁ ସରକାରଙ୍କୁ ମଣ୍ଡି ଖୋଲିବା ପାଇଁ ସବୁ ସରପଞ୍ଚ ଦାବୀ ଉପସ୍ଥାପନା କରିଥିଲେ. ସେହିପରି ଆୟୁଷ୍ମାନ କାର୍ଡ ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ତଥା ଅଙ୍ଗନବାଡି ଗୃହ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା.ଏହି କାର୍ଯ୍ୟକ୍ରମ ସବୁ ବିଡିଓ ଡ଼ମ୍ବୁରୁ ଧର ମଲ୍ଲିକ ସଂଯୋଜନା କରିଥିବା ସହ ଜିଲ୍ଲା ପରିଷଦ ସଭ୍ୟା ଆର ରାଜ ଲକ୍ଷ୍ମୀ, ବ୍ଲକ ଉପାଧ୍ୟକ୍ଷା ଏସ. କଲ୍ୟାଣୀ , ସାଂସଦ ପ୍ରତିନିଧି ଆର ସତୀଶ, ବିଧାୟକ ପ୍ରତିନିଧି ପି ଲକ୍ଷ୍ମୀ ନାରାୟଣ, ଅତିରିକ୍ତ ନିର୍ବାହୀ ଯନ୍ତ୍ରି ରଜତ କୁମାର ପଢି, ସି ଡ଼ି ପି ଓ କେ.କୋଟେଶ୍ୱରୀଙ୍କ ସହ ବିଭିନ୍ନ ବିଭାଗର ଲାଇନ ଅଧିକାରୀ ମାନେ ଏବଂ ସରପଞ୍ଚ ସମିତି ସଭ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଦୁର୍ଘଟଣାରେ ଢାବା ମିସ୍ତ୍ରୀଙ୍କ ମୃତ୍ୟୁ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର-କଟକ ଏନ୍ ଏଚ୍ ୫୫ ରାଜରାସ୍ତା ରେଢ଼ାଖୋଲ ମୋଚିବାହାଲ ଲମ୍ଵକ୍ଷେତା ଯିବା ଛକଠାରେ ଅଜଣା ଗାଡ଼ି ଧକ୍କାରେ ଜଣେ ଢାବାରେ ରୋଷେୟା ଭାବେ କାମ କରୁଥିବା ମିସ୍ତ୍ରୀ ମୃତ । ମୃତକ ଜଣକ ହେଲେ ମୋଚିବାହାଲ ପଞ୍ଚାୟତ ଲମ୍ଵକ୍ଷେତି ଗାଁର ଟୁନୁ ନାଏକ ବୟଷ (୫୫) ।

ସୂଚନାଯୋଗ୍ୟ ଯେ ସେ ମୋଚିବାହାଲ ପାଖ ଏକ ଢାବାରେ ବୁଧବାର ମଧ ରାତିରେ କାମ ସାରି ଘରକୁ ଫେରୁଥିବା ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ପରେ ଗୁରୁବାର ସକାଳେ ସ୍ଥାନୀୟ ଲୋକେ ମୃତ ଦେହ ରାସ୍ତାରେ ରକ୍ତାକ୍ତ ହୋଇ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିବା ବେଳେ ଘଟଣା ସ୍ଥଳକୁ ଚାରମାଳ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସହ ମୃତ ଦେହ ଜବତ୍ କରି ରେଢ଼ାଖୋଲ ଡାକ୍ତରଖାନାରେ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କଣାସ, :କଣାସ ବ୍ଲକ କଣାସ ଗ୍ରାମପାୟତର କଣାସଠାରେ ପ୍ରତିଷ୍ଠିତ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିସରରେ ସମ୍ମାନିତ କରାଯାଇଛି । ସେହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷାବିତ ବିଭୂତିଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥୀଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ ମହାରାଜ ସମ୍ମନିତ



ଅତିଥି ଭାବେ ମହନ୍ତ ସନାତନ ଦାସ ମହାରାଜ,ଶିକ୍ଷାବିତ ପରକ୍ଷିତ ବଡଜେନା,ଶିଶୁ ସାହିତ୍ୟକ ଡା.ହେମନ୍ତ କୁମାର ଛୋଟରାୟ ଯୋଗଦେଇ ଆଗାମୀ ଦିନରେ କୃତୀ ଛାତ୍ରୀମାନେ ପ୍ରତିଷ୍ଠିତ ହେବା ପାଇଁ ଦିଗର୍ଶନ ଦେଇଥିଲେ । ସୟଂଶ୍ରୀ ସୁନ୍ଦରାୟ,କ୍ରିଷ୍ଣା ଦାସ,ବିଷ୍ଣୁପ୍ରିୟା ମାନସିଂହ,ଦିପ୍ତୀମୟୀ ପେଣ୍ଣୋଇ,ଭବାନୀ ବେହରା,ଦିବ୍ୟାଶ୍ରୀ ପ୍ରିୟା ଦର୍ଶନୀ ପାଠୀ ଓ ମୀନାକ୍ଷୀ ଭୋଇଙ୍କୁ ଅତିଥୀମାନେ ଉପାୟନ ଶହ ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ,ଅର୍ଚ୍ଚନା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜିଲ୍ଲାରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଛି, ସାଇକେଲ ଓ ଦୁଇଚକିଆ ଚଳାଇବାକୁ ଡରୁଛନ୍ତି ଲୋକେ

ରାୟଗଡ଼ା.(ନି:ପ୍ର): ରାୟଗଡ଼ାରେ ସଡ଼କ ଦୁର୍ଘଟଣା ସଂଖ୍ୟା ବଢ଼ି ବଢ଼ି ଚାଲିଛି,ଚାରିମାସର ଘଟିଛି ୯୮ ଦୁର୍ଘଟଣା। ଉପରମୁହାଁ ସଡ଼କ ଦୁର୍ଘଟଣା।ରାୟଗଡ଼ା ଜିଲ୍ଲା ସଡ଼କ ସମିତି ଅଧକ୍ଷ ତଥା ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏକ ନିର୍ଦ୍ଦେଶ ଜାରି କରିବା ପରେ ଜିଲ୍ଲାରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା, ଟ୍ରାଫିକ ନିୟମକୁ ମାନୁନଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାସ୍ତ ପାର୍ଶ୍ୱରେ ବେଆଇନଭାବେ ପାର୍କିଂ ଭଳି ଆଦି ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ପରିବହନ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟାରେ କଡ଼ା ପଦକ୍ଷେପ ନିଆଯାଇ ଅମନିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଲକ୍ଷ୍ୟ କରାଯାଉଛି।ତେବେ କିଛି ଅମାନିଆ ଯୁବବର୍ଗଙ୍କ ପାଇଁ ଲୋକେ ବିପଦ ମୁହଁକୁ ଠେଲି ହେଇଯାଉଥିବା ପ୍ରକାଶ କରିଛନ୍ତି।ଏହି କିଛି ଅମାନିଆ ସଡ଼କ ସୁରକ୍ଷା ନିୟମକୁ ଫୁ କରି ଦେଇ, ସୁରକ୍ଷା ନିୟମକୁ ଉଲ୍ଲଂଘନ କରି ସଡକରେ ଗାଡି ଚଲେଇ ଗଲାବେଳେ ତାଙ୍କ ମନଇଛା ଗାଡ଼ି ଚଲେଇଥାନ୍ତି। କେତେବେଳେ ସର୍ପିଳ ଗତିରେ, କେତେବେଳେ ପ୍ରଖର ବେଗରେ ଚଳାଇ ଯାଇଥାନ୍ତି। ତେବେ ସଡ଼କ ସୁରକ୍ଷା ନିୟମକୁ ଅଣଦେଖା କରି ଯାନବାହନ ଚଳାଚଳ କରାଯାଉଥିବାରୁ ସଡ଼କ ଦୁର୍ଘଣାରେ ରୋକ୍ ଲଗିପାରୁ ନାହିଁ।ଦୁର୍ଘଟଣା ବଢ଼ି ଚାଲିଛି।ଗାଡ଼ି ଚାଳକ ସହ ସହଯାତ୍ରୀ ଉଭୟ ଶିରୋସ୍ତ୍ରାଣ ପିନ୍ଧିବା ନିୟମ ରହିଥିଲେ ମଧ ଏହାକୁ ଅଣଦେଖା କରାଯାଉଥିବାରୁ ଦୁର୍ଘଟଣା ଘଟି ଚାଳକ ଆଉ ସହଯାତ୍ରୀ ଉଭୟ ଗୁରୁତର ଭାବେ ଆହତ ହେଉଥିବା ଏବଂ ମୃତ୍ୟୁବରଣ କରୁଥିବା ଚିନ୍ତାର କାରଣ ପାଲଟିଛି।ବିଗତ ୪ ମାସର ତଥ୍ୟ ଉପରେ ଦୃଷ୍ଟି ପକାଇଲେ ଜାନୁଆରୀ ୨୦୨୬ ରୁ ଏପ୍ରିଲ ୨୦୨୬ ମଧ୍ୟରେ ୯୮ ଗୋଟି ସଡ଼କ ଦୁର୍ଘଟଣା ମାମଲା ହୋଇଥିବା ବେଳେ ଏଥିରେ ୭ ଜଣଙ୍କ ଜୀବନ ଯାଇଥିବା ସଚେତନ ନାଗରିକମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଉକ୍ତ ଚାରିମାସ ମଧ୍ୟରେ ୨୩୨୭ ଜଣଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସକୁ ସସ୍ପେଣ୍ଡ କରାଯାଇଥିବା ପରିବହନ ବିଭାଗ ଅଧିକାରୀ ବିନୟ କୁମାର ପାଲ୍ ପ୍ରକାଶ କରିଥିଲେ।ଗତ ଜାନୁଆରୀ ମାସରେ ମୋଟ ୨୪ଗୋଟି ସଡ଼କ ଦୁର୍ଘଟଣାରେ ୧୮ ଜଣ, ଫେବୃଆରୀରେ ୧୯ଟି ଦୁର୍ଘଟଣାରେ ୧୭ ଜଣ, ମାର୍ଚ୍ଚ ମାସରେ ୨୫ଟି ଦୁର୍ଘଟଣାରେ ୨୧ ଜଣ, ଏବଂ ଗତ ଏପ୍ରିଲରେ ୩୦ଟି ଦୁର୍ଘଟଣାର ୧୫ ଜଣ ସହିତ ମୋଟ ୭୧ ଜଣ ପ୍ରାଣ ହରାଇଥିବା ବେଳେ,ଏହି ଏପ୍ରିଲ ମାସରେ ଜିଲ୍ଲାର ଚାନ୍ଦିଲି ଥାନା ଅଂଚଳରେ ୪ଟି ସଡ଼କ ଦୁର୍ଘଟଣାରେ ୨ ଜଣ ଗୁରୁତର ଭାବେ ଜଖମ ହୋଇଥିବା ବେଳେ ୩ ଜଣଙ୍କ ଜୀବନ ଯାଇଥିଲା।

ସେହିପରି ରାୟଗଡ଼ା ଥାନା ଅଂଚଳରେ ୪ଗୋଟି ଦୁର୍ଘଟଣାର ୪ ଜଣ ଗୁରୁତର ଆହତ ହେବା ଏବଂ ୪ ଜଣଙ୍କ ଜୀବନ ଯାଇଥିବା ବେଳେ ଗୁଣପୁର,ଗୁଡ଼ାରୀ, ମୁନିଗୁଡ଼ା,ବିଷମକଟକ, ଆମ୍ବଦଳା, ଚନ୍ଦ୍ରପୁର, ଟିକିରୀ ଥାନା ଅଂଚଳରେ ସର୍ବାଧିକ ତିନୋଟି ମଧ୍ୟରେ ଦୁର୍ଘଟଣା ଘଟିଥିବା ବେଳେ କାଶୀପୁର ଥାନା ଅଂଚଳରେ ସର୍ବାଧିକ ୮ଟି ଦୁର୍ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ୨ ଜଣଙ୍କ ପ୍ରାଣ ଯାଇଥିଲା।ହସ୍ତଗତ ହୋଇଥିବା ତଥ୍ୟରୁ ଜଣପଡ଼ିଚିଯେ, ଗତ ଏପ୍ରିଲ୍ ମାସରେ ୩୦ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୫ ଜଣ ଗୁରୁତର ଆହତ ହୋଇଥିବା ଆଉ ୧୬ ଜଣ ମୃତ୍ୟୁବରଣ କରିଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷ ଜାନୁଆରୀ ମାସରୁ ଆରମ୍ଭ କରି ଏପ୍ରିଲ ମଧ୍ୟରେ ବିନା ହେଲମେଟରେ ଗାଡି ଚଳଉଥିବା ବାବଦକୁ ୬୫୩୨ ସଂଖ୍ୟକ ଚାଳକମାନଙ୍କ ଠାରୁ ଯାଞ୍ଚ ସମୟରେ ଜୋରିମାନା ଆଦାୟ କରଯାଇଥିଲା।ଆହୁରି ମଧ ଜଣା ପଡିଛି ଯେ, ୫୫୧ ସିଟ ବେଲ୍ଟ ପିନ୍ଧିବା,ମାମଲାରେ ୫୬୧୪,ତୀବ୍ର ବେଗରେ ଗାଡ଼ି ଚଳେଇବା ମାମଲାରେ ୨୧୮,ମଦ୍ୟପାନ କରି ଚଳେଇବା ୩୯୫,ଓଭୋର୍ ଲୋଡ୍ ୧୩୪୩ ଇ ଚାଲାଣ,ଟ୍ରିପଲ୍ ରାଇଡିଂ ଏବଂ ବେଆଇନ ପାର୍କିଂରେ ଜରିମାନା ଆଦାୟ କରଯାଇଥିଲା ବୋଲି ଆର ଟି ଓ ଶ୍ରୀ ପାଲ୍ କହିଛନ୍ତି। ଦୁଇଟି ଗାଡ଼ି ଜବତ ହେଇଥିବା ବେଳେ ୩୮ ଜଣଙ୍କ ବିରୁଦ୍ଧରେ ଇ ଚାଲାଣ ଜାରି କରାଯାଇଛି ବୋଲି କହିଥିବା ବେଳେ ଦୁଇଟି ଗାଡ଼ି ଜବତ୍ କରହୋଇଚି ବୋଲି କହିଥିଲେ ଶ୍ରୀ ପାଲ୍ ମହୋଦୟ। ସେହିପରି ମାଲ ପରିବହନ ପାଇଁ ଉଦ୍ଦିଷ୍ଟ ଥିବା ଗାଡ଼ିରେ ଯାତ୍ରୀଙ୍କୁ ନିଆଯାଉଥିବା ଗାଡ଼ି ଗୁଡ଼ିକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ଗତ ଏପ୍ରିଲ୍ ମାସରେ ୨୪ ଗୋଟି ମାମଲା ଚିହ୍ନଟ ହୋଇଛି, ଏହି ମାମଲାରେ ଚାଳକଙ୍କ ଡି:ଏଲ ସୋସ୍ପେଣ୍ଡ କରାଯାଇ ମାଲିକଙ୍କ ଆର ସି ସାସ୍ପେଣ୍ଡ ପାଇଁ ନୋଟିସ ଦିଆଯାଇଥିଲା ବୋଲି ସୂତ୍ରରୁ ପ୍ରକାଶ।ଆଜି ମଧ ୩୨୬ ଜାତୀୟ ରାଜ ପଥରେ ଯାଞ୍ଚ୍ ଚାଲିଥିବା ବେଳେ ଏହି ଅଭିଯାନ ୧୫ ଯାଏ ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।ଏହି ଯାଞ୍ଚ୍ ରାୟଗଡ଼ା ଠାରୁ ରଫକୋଣା ମଧ୍ୟରେ ଚାଲିଥିବା ଜଣା ପଡ଼ିଛି।

# କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆମେରିକାରେ ସମ୍ମାନିତ

## ‘ଜନଜାତିଙ୍କ ବିକାଶ ଦିଗରେ ଅଧିକ କାମ କରିବା ପାଇଁ ଏହା ପ୍ରେରଣା’

ଭୁବନେଶ୍ୱର,(ନିପ୍ର): କିସ୍ ଜରିଆରେ ଜନଜାତି ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ୍ ଆମେରିକାନ ଷ୍ଟଡିଜ୍ ବିଭାଗ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ବିଶେଷ ସ୍ୱୀକୃତି ସହ ସମ୍ମାନୀତ କରାଯାଇଛି। ମାନବିକତା ଏବଂ ଶିକ୍ଷା ବିକାଶ କ୍ଷେତ୍ରରେ ମୋଣ୍ଟାନାରେ ଏପରି ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଭାରତୀୟ ଓ ଅଣ-ଆମେରିକୀୟ।

ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟି ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ଏ ଲିଗାସି ଅଫ୍ କମ୍ପାସନ: ହନରିଂ ଅଚ୍ୟୁତ ସାମନ୍ତ ଆଣ୍ଡ ଦି ଆର୍ଟ ଅଫ୍ ଗିଭିଂ’ରେ ଶ୍ରୀ ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ମୋଣ୍ଟାନା ଗଭର୍ଣ୍ଣର ଗ୍ରେଗ୍ ଜିଆନଫର୍ଟ, ଭାରତର କନସଲ ଜେନେରାଲ ପ୍ରକାଶ ଗୁପ୍ତା, ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନସିଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ନିକି ଗାଇସଲର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ସଭାପତି ଡ ବ୍ରକ୍ ଟେସମ୍ୟାନ୍ ତାଙ୍କୁ ସମ୍ମାନିତ କରିଥିଲେ। ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟିର ନେଟିଭ ଆମେରିକାନ୍ ଷ୍ଟଡିଜ୍ ବିଭାଗକୁ ଯୁକ୍ତରାଷ୍ଟ୍ରର ମୂଳ ଆମେରିକୀୟଙ୍କ ବିଷୟରେ ଅଧ୍ୟୟନ ପାଇଁ ଉତ୍ସର୍ଗୀକୃତ ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ ।

ସେହିପରି ମୋଣ୍ଟାନା ଆମେରିକାର ଏକ ଜନଜାତି ବହୁଳ ରାଜ୍ୟ ହୋଇଥିବା ବେଳେ ସେଠାକାର



ପାରମ୍ପରିକ ଜନଜାତି ଢ଼ଙ୍ଗରେ ଶ୍ରୀ ସାମନ୍ତଙ୍କୁ ସମ୍ମାନିତ କରାଯାଇଥିଲା।

ମୂଳ ଆମେରିକୀୟ ଜନଜାତି ସଂପ୍ରଦାୟ ଦ୍ୱାରା ଶ୍ରୀ ସାମନ୍ତଙ୍କୁ ସେମାନଙ୍କର ପବିତ୍ର ଜନଜାତି କମ୍ବଳ ସହିତ ଆଧାତ୍ମିକ ଢ଼ଙ୍ଗରେ ସମ୍ମାନିତ କରାଯାଇଥିଲା। ଏହା ସେମାନଙ୍କ ପରମ୍ପରାରେ ଏକ ବିଶେଷ ସମ୍ମାନର ଚିହ୍ନ। ସୂଚନାଯୋଗ୍ୟ ମୋଣ୍ଟାନରୁ ବହୁ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ କିଟ୍ କିସ ପରିଦର୍ଶନରେ ଆସି ଶ୍ରୀ ସାମନ୍ତଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ସେମାନେ ଫେରିବା ପରେ ଶ୍ରୀ ସାମନ୍ତଙ୍କୁ ରାଜ୍ୟର ସର୍ବୋଚ୍ଚ ସମ୍ମାନ ପ୍ରଦାନ ନିମନ୍ତେ ସୁପାରିସ କରିଥିଲେ।

ସେହିପରି ଶିକ୍ଷା ଓ ସଶକ୍ତିକରଣ ମାଧ୍ୟମରେ ଜନଜାତି ଯୁବପିଢ଼ିଙ୍କ ବିକାଶ, ‘ବସୁଧୈବ କୁଟୁମ୍ବକମ୍’- ଅର୍ଥାତ୍‘ସମଗ୍ର ବିଶ୍ୱ ଗୋଟିଏ ପରିବାର ଏହି ଭାରତୀୟ ଦର୍ଶନର ପ୍ରଚାର, ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା (ମୋଣ୍ଟାନା) ମଧ୍ୟରେ ସାଂସ୍କୃତିକ ଓ ଶିକ୍ଷାଗତ ସଂପର୍କକୁ ସୁଦୃଢ଼ କରିବା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ସ୍ୱୀକୃତି ସ୍ୱରୂପ ମୋଣ୍ଟାନା ୱାଲ୍ ?ର୍ଡ ଆଫାୟାର୍ସ କାଉନ୍ସିଲ୍ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଗ୍ଲୋବାଲ୍ ଭିଜନାରୀ ପୁରସ୍କାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ଏବଂ ସଶକ୍ତିକରଣ ଜରିଆରେ ହଜାର ହଜାର ଜନଜାତି ଯୁବପିଢ଼ିଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଶ୍ରୀ ସାମନ୍ତଙ୍କ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରାଯାଇଥିଲା । ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ ମୋଣ୍ଟାନା ଷ୍ଟେଟ୍ ୟୁନିଭରସିଟି ଓ ମୋଣ୍ଟାନା ୱାର୍ଲ୍ଡ ଆଫାୟାର୍ସ କାଉନ୍ସିଲ୍ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏଭଳି ସମ୍ମାନ ଭାରତର ଜନଜାତିଙ୍କ ବିକାଶ ଦିଗରେ ଅଧିକ କାମ କରିବା ପାଇଁ ପ୍ରେରଣା ଦେବ ବୋଲି କହିଛନ୍ତି ।

# ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ ନେଇ ଜିଲ୍ଲା ବିଜେଡିର ଦାବିପତ୍ର ପ୍ରଦାନ

ନୟାଗଡ଼,(ନିପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଆଇଶୃଙ୍ଖଳା ଅଭିଯୋଗ ଆଣି ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ବିଜେଡ଼ି ଜିଲ୍ଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା



ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ନୟାଗଡ଼ ଓଡ଼ଗାଁରେ ଖଣି ମାଫିଆଙ୍କ ଦ୍ୱାରା ହତ୍ୟା ଘଟଣା ସବୁ ସୀମା ଟପିଛି ଭାପୁର ବ୍ଲକରେ ବିଭିନ୍ନ ଗଣ୍ଡଗୋଳ , ଓଡଗାଁରେ ଯୁବକଙ୍କୁ ହତ୍ୟା, ଗଣିଆରେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ମିଳିବା ଘଟଣା ଏହାର ଉଦାହରଣ । କଥା କଥାରେ ଗୁଳି, ବୋମା, ଖଣ୍ଡା ଠେଙ୍ଗା ଚାଲୁଛି । ପୋଲିସ ନିଜର ଦାୟିତ୍ୱ ଠିକ୍ ଭାବେ ନ ତୁଲାଇଲେ ଆଗାମୀଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ କୁହାଯାଇଛି ।

# ସେଲ୍ କୋକ୍ ଓଭେନ୍ ବିଭାଗରେ ପ୍ରମୁଖ ସଫଳତା ହାସଲ

ଭୁବନେଶ୍ୱର, (ନିପ୍ର)ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି )ର କୋକ୍ ଓଭେନ୍ ବିଭାଗ ସମ୍ପ୍ରତି ଶେଷ ହୋଇଥିବା ଆର୍ଥିକ ବର୍ଷ ୨୦୨୫ -୨୬ ମଧ୍ୟରେ ସଫଳତାର ବହୁବିଧ ମାଇଲଖୁଣ୍ଟ ଅତିକ୍ରମ କରିଛି। ଭିତ୍ତିଭୂମି ବିକାଶ, ଗୁରୁତ୍ୱପୂର୍ଣ୍ଣ ମରାମତି, ସୁରକ୍ଷା ବୃଦ୍ଧି ଏବଂ ପ୍ରଯୁକ୍ତିବିଦ୍ୟା ଆଧୁନିକୀକରଣ ଉପରେ ବିଭାଗର ଧ୍ୟାନ ଉତ୍ପାଦନ ନିରନ୍ତରତା ଏବଂକର୍ମକ୍ଷେତ୍ର ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ବିଭାଗର ଏକ ପ୍ରମୁଖ ସଫଳତା ଥିଲା ବେଲ୍ଟ କନଭେୟର ୫୦୧ ସମ୍ପ୍ରସାରଣର ସଫଳ ନିର୍ମାଣ ଏବଂ କମିଶନିଂ, ଯାହା
ନୂତନ କୋକ୍ ସ୍କ୍ରିନିଂ ପ୍ଲାଣ୍ଟ ରୁଟ୍ ମାଧ୍ୟମରେ ମିଲିୟନ୍ ଟନ୍ ପାର୍ଶ୍ୱରୁ ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫) କୁ କୋକ୍ ପରିବହନ ପାଇଁ ଡିଜାଇନ୍ କରାଯାଇଛି। ଏହି ସ୍ଥାପନ ବି ଏଫ -୫ କୋକ୍ ଯୋଗାଣକୁ ଅଧିକ ଉନ୍ନତ କରିଛି ଏବଂ କୋକ୍ ପରିଚାଳନା ଦକ୍ଷତାକୁ ମଧ୍ୟ ଉନ୍ନତ କରିଛି। ସମଗ୍ର ବର୍ଷରେ, କାର୍ଯ୍ୟ ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ବିଭାଗରେ ଅନେକ ଜରୁରୀ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ କାର୍ଯ୍ୟକାରୀ କରାଯାଇଥିଲା। ଏଥିରେ କୋକ୍ ଓଭେନ୍ ବ୍ୟାଟେରୀ ୧ ରେ ସୀମିତସେଲର୍ ଅଞ୍ଚଳ ମଧ୍ୟରେ ଏକ ୪୦ ମିଟର ବ୍ଲାଷ୍ଟ ଫର୍ଣ୍ଣେସ୍ ଗ୍ୟାସ୍ ପାଇପ ଲାଇନର ସୁରକ୍ଷିତ ପ୍ରତିବଦଳ।ଅସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ କୁ ଅପସାରିତ କରି ବ୍ୟାଟେରୀ-୪ ରେ ଅବିରତ କୋଇଲା ଉଠାଣ ବ୍ୟବସ୍ଥା ର ଉନ୍ନତି ଏବଂ ବ୍ୟାଟେରୀ କୁ କୋଇଲା ଉଠାଣ ନିରବଚ୍ଛିନ୍ନ କରିବା ପାଇଁ ରିକ୍ଲେମର୍ସ ୧ ଏବଂ ୨ ରେ ବଗି ବଦଳ କାର୍ଯ୍ୟ ମଧ ଗତ ବର୍ଷ ବିଭାଗର ଅନ୍ୟତମ ଉପଲବ୍ଧି ଥିଲା ।



ଭୁବନେଶ୍ୱର : ବିଭିନ୍ନ ପ୍ରସଙ୍ଗ ନେଇ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଅବକାରୀ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ-ନୀଳମଣି)

# ନିର୍ମାଣ ଶିଳ୍ପରେ ନୀରବ ବିପ୍ଳବ; ଶସ୍ତା ସିମେଣ୍ଟରେ ସୁଲଭ ଆବାସ ନିର୍ମାଣକୁ ସହାୟତା

ରେଳ ସଂସ୍କାର କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ, ଭାରତୀୟ ରେଳବାଇ ଗତ ଚାରି ମାସ ମଧ୍ୟରେ ସିମେଣ୍ଟ ପରିବହନରେ ୧୭୦ ପ୍ରତିଶତ ବୃଦ୍ଧି ରେକର୍ଡ କରିଛି। ଗତ ବର୍ଷ ନଭେମ୍ବରରେ ରେଳବାଇ ସିମେଣ୍ଟ ପରିବହନରେ ଅନେକ ସଂସ୍କାର ଆଣିବା ପରେ ଏହି ବୃଦ୍ଧି ଘଟିଛି। ଏହି ସଂସ୍କାରଗୁଡ଼ିକ ନିରବଚ୍ଛିନ୍ନ ଏଣ୍ଡ-ଟୁ-ଏଣ୍ଡ ଲଜିଷ୍ଟିକ୍ସ ପାଇଁ ଅଭିନବ ବୃହତ୍ ପରିମାଣର ସିମେଣ୍ଟ ଟ୍ୟାଙ୍କ କଣ୍ଟେନର ଉପରେ ଆଧାରିତ। କେନ୍ଦ୍ର ରେଳ ମନ୍ତ୍ରୀ, ଅଶ୍ୱିନୀ ବୈଷ୍ଣବ ଆଜି କଣ୍ଟେନର କ୍ଷେତ୍ରର ସଂସ୍କାର ଏବଂ ସେଗୁଡ଼ିକର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ଅଧିକ ପରିମାଣର ସିମେଣ୍ଟର ରେଳ ଦ୍ୱାରା ପରିବହନ ବୃଦ୍ଧି କରିବା ଏବଂ ସଡ଼କ ପରିବହନରୁ ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ରେଳ ପରିବହନ ସ୍ଥାନାନ୍ତରକୁ ପ୍ରୋତ୍ସାହିତ କରିବା ପାଇଁ ସିମେଣ୍ଟ ସଂସ୍କାର ପ୍ରବର୍ତ୍ତନ କରାଯାଇଥିଲା। ସିମେଣ୍ଟର ବହୁମୁଖୀ ପରିଚାଳନାକୁ ସମର୍ଥନ କରିବା ପାଇଁ ରେଳବାଇ ସ୍ୱତନ୍ତ୍ର କଣ୍ଟେନର ଏବଂ ବୃହତ୍ ସିମେଣ୍ଟ ଟର୍ମିନାଲ ନୀତି ପ୍ରବର୍ତ୍ତନ କରିଥିଲା। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ନୂତନ ବ୍ୟବସ୍ଥା ଦ୍ୱାରା ମାଲ ପରିବହନ ଏବଂ ଖାଲିକରିବା ସହଜ ହୋଇଛି ଏବଂ ସାମଗ୍ରୀର କ୍ଷତି ମଧ ହ୍ରାସ ପାଉଛି। ଗୋଟିଏ ସ୍ଥାନରେ ନିର୍ମିତ ସିମେଣ୍ଟ ବର୍ତ୍ତମାନ ସ୍ୱତନ୍ତ୍ର ଟ୍ୟାଙ୍କ କଣ୍ଟେନରରେ ସିଧାସଳଖ ଉପଭୋକ୍ତା କେନ୍ଦ୍ରକୁ ଯାଇପାରିବ, ଯାହା ଏକାଧିକ ପରିଚାଳନା ପ୍ରକ୍ରିୟାକୁ ହ୍ରାସ କରିବ ଏବଂ ପ୍ଲାଣ୍ଟ-ଟୁ-ମାର୍କେଟ ଦକ୍ଷତାରେ ଉନ୍ନତି ଆଣିବ। ଯେହେତୁ କଣ୍ଟେନରଗୁଡ଼ିକ ମାନକ ଆକୃତିର ଏବଂ ରେଡି-ମିକ୍ସ କଂକ୍ରିଟ୍ (ଆର୍ ଏମ୍. ସି.) ମେସିନ୍ ସହିତ ସୁସଙ୍ଗତ, ସିମେଣ୍ଟ ବ୍ୟବହାର ପାଇଁ ପ୍ରସ୍ତୁତ ରୂପରେ ନିର୍ମାଣ ସ୍ଥଳରେ ପହଞ୍ଚେ।



ଏହା ପରିଚାଳନାର ଦୁଇଟି ପର୍ଯ୍ୟାୟକୁ ହ୍ରାସ କରିଛି, ଯାହା ଫଳରେ ପରିବହନ ଖର୍ଚ୍ଚ ହ୍ରାସ ପାଇଛି ଏବଂ ଦ୍ରୁତ ପରିବର୍ତ୍ତନ ହୋଇଛି।
ସିମେଣ୍ଟ ପରିବହନରେ ଉନ୍ନତ ପରିବର୍ତ୍ତନ ନିର୍ମାଣ ଶିଳ୍ପରେ ଏକ ନୀରବ ବିପ୍ଳବ ଆଣୁଛି। ପରିଚାଳନା ପର୍ଯ୍ୟାୟ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରି, ସିମେଣ୍ଟର ସାମଗ୍ରିକ ବିତରଣ ମୂଲ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି, ଯାହା ଅଧିକ ସୁଲଭ ନିର୍ମାଣ ନିବେଶରେ ରୂପାନ୍ତରିତ ହୋଇପାରିବ। ଘର ନିର୍ମାଣ ଚାହିଦା ପାଇଁ ଏହି ମୂଲ୍ୟ ଦକ୍ଷତା ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ମୂଲ୍ୟ ଶୃଙ୍ଖଳାରେ ନିର୍ମାଣ ଖର୍ଚ୍ଚ ଉପରେ ଚାପ ହ୍ରାସ କରି ଗରିବ ଏବଂ ମଧ୍ୟମ ବର୍ଗଙ୍କ ପାଇଁ ଘରକୁ ଅଧିକ ସୁଲଭ କରିବାର ଲକ୍ଷ୍ୟକୁ ସମର୍ଥନ କରିବ ।
ଅଭିନବ ‘ମେକ୍ ଇନ୍ ଇଣ୍ଡିଆ‘ ଟ୍ୟାଙ୍କ କଣ୍ଟେନରଗୁଡ଼ିକ ଟ୍ରେନରୁ ଟ୍ରେଲର୍ ଏବଂ ଟ୍ରେନକୁ ଆଣିବାର ନିରବଚ୍ଛିନ୍ନ ଗତିବିଧି ପାଇଁ ଡିଜାଇନ୍ କରାଯାଇଛି, ଯାହା ଦକ୍ଷ ଡୋର-ଟୁ-ଡୋର ଲଜିଷ୍ଟିକ୍ ସମାଧାନକୁ ସକ୍ଷମ କରେ । ପ୍ରତ୍ୟେକ କଣ୍ଟେନର୍ ଯାନ୍ତ୍ରିକ ଲୋଡିଂ ଏବଂ ଅନଲୋଡିଂକୁ ସମର୍ଥନ କରେ, ଯେତେବେଳେ କି ପାରମ୍ପାରିକ ବ୍ୟାଗ୍ ସିମେଣ୍ଟ ପରିବହନ ତୁଳନାରେ ଲିକେଜ୍ ଏବଂ ପ୍ୟାକେଜିଂ କ୍ଷତିକୁ ମଧ୍ୟ ହ୍ରାସ କରେ ।
କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ସଂସ୍କାର ପରିବେଶ ଅନୁକୂଳ ମଧ, କାରଣ ଲୋଡିଂ ଏବଂ ଅନଲୋଡିଂ ସମୟରେ ଧୂଳି ଉଡିବା ଉଲ୍ଲେଖନୀୟ ଭାବରେ ହ୍ରାସ ପାଇଛି। କଣ୍ଟେନର୍ ମାଧ୍ୟମରେ ବୃହତ୍ ପରିବହନ ଦିଗରେ ପରିବର୍ତ୍ତନ ହେଉଛି ଇନ୍ଧନ ବ୍ୟବହାର ହ୍ରାସ କରିବା, ନିର୍ଗମନ ହ୍ରାସ କରିବା ଏବଂ ସ୍ୱଚ୍ଛ ପରିବହନକୁ ପ୍ରୋତ୍ସାହିତ କରିବା ସହିତ ରାସ୍ତାରେ ଭିଡ଼ ହ୍ରାସ କରିବା।
ସିମେଣ୍ଟ ପରିବହନରେ ସଫଳତା ପରେ, ରେଳବାଇ ଏବେ ତାପଜ ପାଉଁଶ ପରିବହନ ପାଇଁ ସମାନ ସଂସ୍କାର ଉପରେ କାର୍ଯ୍ୟ କରୁଛି। ବରିଷ୍ଠ ଅଧିକାରୀମାନଙ୍କ ସହ ଏହି କ୍ଷେତ୍ରର ସମୀକ୍ଷା କରି ଶ୍ରୀ ବୈଷ୍ଣବ ପାଉଁଶ ପରିବହନ ବଜାରରେ ଥିବା ବିପୁଳ ସମ୍ଭାବନାକୁ ଉପଯୋଗ କରିବା ଏବଂ ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ଦ୍ୱାରା ଉତ୍ପନ୍ନ ବର୍ଜ୍ୟବସ୍ତୁଗୁଡ଼ିକୁ ଜାତୀୟ ସମ୍ପଦରେ ପରିଣତ କରିବା ଲାଗି ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ।
କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଦେଶରେ ପ୍ରାୟ ୩୦୦ ନିୟୁତ ମେଟ୍ରିକ୍ ଟନ୍ ତାପଜ ପାଉଁଶ ଉତ୍ପାଦିତ ହୁଏ, କିନ୍ତୁ ବର୍ତ୍ତମାନ ରେଳବାଇ ଦ୍ୱାରା ମାତ୍ର ୧୩ ନିୟୁତ ଟନ୍ ପରିବହନ କରାଯାଉଛି। ସେ ଅଧିକାରୀମାନଙ୍କୁ ରେଳବାଇର ଅଂଶକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବାକୁ ଏବଂ ସାରା ଦେଶରେ ଇଟାଭାଟି, ସିମେଣ୍ଟ ଶିଳ୍ପ ଏବଂ ନିର୍ମାଣ ସ୍ଥଳକୁ ତାପଜ ପାଉଁଶ ପରିବହନକୁ ସୁଗମ କରିବାକୁ କହିଥିଲେ। ଏହାକୁ ଏକ ପ୍ରମୁଖ ‘ବର୍ଜ୍ୟରୁ ସମ୍ପଦ‘ ସୁଯୋଗ ବୋଲି ଅଭିହିତ କରି ସେ କହିଛନ୍ତି ଯେ ତାପଜ ପାଉଁଶ, ଯାହାକୁ ପ୍ରାୟତଃ ତାପଜ କେନ୍ଦ୍ର ଦ୍ୱାରା ବର୍ଜ୍ୟ ଭାବରେ ବିବେଚନା କରାଯାଏ, ବାସ୍ତବରେ ସଡ଼କ ନିର୍ମାଣ, ସିମେଣ୍ଟ ଉତ୍ପାଦନ ଏବଂ ଇଟା ଉତ୍ପାଦନ ପାଇଁ ଏକ ମୂଲ୍ୟବାନ ଉତ୍ସ ।
ତାପଜ ପାଉଁଶର ବ୍ୟାପକ ପରିବହନ ଏବଂ ଉପଯୋଗ ପ୍ରଦୂଷଣ ହ୍ରାସ କରିବାରେ, ଶିଳ୍ପ ବର୍ଜ୍ୟବସ୍ତୁ ପୁନଃଚକ୍ରଣକୁ ପ୍ରୋତ୍ସାହିତ କରିବାରେ ଏବଂ ଇଟା ତଥା ସିମେଣ୍ଟ ପରି ନିର୍ମାଣ ସାମଗ୍ରୀର ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ। ସ୍ଥାୟୀ ଭିତ୍ତିଭୂମି ବିକାଶକୁ ସମର୍ଥନ କରୁଥିବା ଅନେକ ନିର୍ମାଣ କାର୍ଯ୍ୟକଳାପରେ ମଧ୍ୟ ଏହାର ବ୍ୟବହାର କରାଯାଇପାରିବ।
ସିମେଣ୍ଟ ପରିବହନ କ୍ଷେତ୍ରରେ ସଂସ୍କାର ସହିତ ଅଭିନବ କଣ୍ଟେନର୍ ୱାଗନର ପ୍ରଚଳନ ଭାରତୀୟ ରେଳବାଇରେ ଅଧିକ ଦକ୍ଷ, ବ୍ୟୟବହୁଳ ଏବଂ ମାଲ ପରିବହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଗତିଶୀଳତାକୁ ଆଧାର କରି, ପ୍ରମୁଖ ଭିତ୍ତିଭୂମି କ୍ଷେତ୍ରରେ ସ୍ଥାୟୀ ମାଲ ପରିବହନକୁ ବିସ୍ତାର କରିବା ସହିତ ତାପଜ ପାଉଁଶ ଉପରେ ଧ୍ୟାନ ଦେବା ଦ୍ୱାରା ‘ବର୍ଜ୍ୟରୁ ସମ୍ପଦ‘ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି।(ପିଆଇବି)

ତିଥି :(ତ୍ରୟୋଦଶୀ): (କୃତ୍ତିକା ମେଷ)
ଅମୃତ ବେଳା: ଦିବା ଘ ୨।୪୬ ଗତେ ଘ ୫।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ



ଯେଉଁ ଭକ୍ତ ସମସ୍ତଙ୍କ ଠାରେ ମୋତେ ଦର୍ଶନ କରେ ଏବଂ ମୋ'ଠାରେ ସମସ୍ତଙ୍କୁ ଦର୍ଶନ କରେ, ତା'ପାଇଁ ମୁଁ ଅଦୃଶ୍ୟ ନୁହେଁ କି ସେ ମୋ ପାଇଁ ଅଦୃଶ୍ୟ ନୁହେଁ ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଯୁଦ୍ଧର ଭାରା

ଦେଶର ଘରୋଇ ମୁଦ୍ରାକୁ ଶୃଙ୍ଖଳିତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ତୈଳ ସଞ୍ଚୟ ଉପରେ ଗୁରୁତ୍ୱ ଦେଲେ। ଏଥିସହ ଅନ୍ୟ ଦୁଇ ପ୍ରମୁଖ ଦିଗ ଉପରେ ତାଙ୍କର ପରାମର୍ଶ ଯେ ବର୍ଷକ ପର୍ଯ୍ୟନ୍ତ ସୁନା କିଣନ୍ତୁ ନାହିଁ କିମ୍ବା ଅଯଥାରେ ବିଦେଶ ଗସ୍ତ ବା ଭ୍ରମଣ କରନ୍ତୁ ନାହିଁ। ଏହି ତିନୋଟି ଦିଗ ମଧ୍ୟରେ ତୈଳ ସଂକଟ ଏବେ ଅଧିକ ଅନୁଭୂତ ହେଉଛି। ତୈଳ ଓ ସାର କ୍ରୟ ବାବଦରେ ଚାପ ମଧ୍ୟ ସୃଷ୍ଟି ହେଉଛି। ବୈଦେଶିକ ବିନିମୟ ମୁଦ୍ରା ସଂରକ୍ଷିତ ତଥା ସଞ୍ଚୟ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ମହତ୍ତ୍ୱପୂର୍ଣ୍ଣ ତଥା ସମୟୋଚିତ।

ଆମ ଦେଶରେ ଅଶୋଧିତ ତୈଳ ଆମଦାନି ପଛକୁ ଯେଉଁ ପଦାର୍ଥଟିର ଆମଦାନୀ ଦ୍ୱିତୀୟ ସ୍ଥାନକୁ ଆସେ, ତାହା ହେଉଛି ସୁନା। ଏହି ଧାତବ ପଦାର୍ଥ ସମେତ ରୁପା ଓ ଆନୁଷଙ୍ଗିକ ସାମଗ୍ରୀ ଉପରେ ଆମଦାନି ଶୁଳ୍କ ଏକାବେଳେକେ ୬ରୁ ୧୫ ପ୍ରତିଶତ ବୃଦ୍ଧି ପାଇଛି। ଆମଦାନି ସଂପର୍କିତ ଏକ ହିସାବ ଦେଖାଯାଇପାରେ। ପୂର୍ବରୁ ସୁନାର ଆମଦାନି ୧୧.୮ ପ୍ରତିଶତ ଥିଲା। ୨୦୨୪ -୨୫ ବେଳକୁ ୧୪ ପ୍ରତିଶତକୁ ଏହା ବୃଦ୍ଧି ପାଇଥିଲା। କିନ୍ତୁ ୨୦୨୫ - ୨୬ ବେଳକୁ ଏହା ପୂରା ୨୬.୭ ପ୍ରତିଶତକୁ ଲମ୍ଫ ପ୍ରଦାନ କରିଛି। ଏଥିରୁ ଏହି ଧାତୁର କ୍ରମଶଃ ବୃଦ୍ଧି ପାଉଥିବା ଚାହିଦାକୁ ଦର୍ଶାଏ। ଯେତେବେଳେ ସୁନା ଉପରେ ଆମଦାନି ଶୁଳ୍କ ବଢେ, ସେତେବେଳେ ଏହାର ଚୋରା କାରବାର ଆଶଙ୍କା ମଧ୍ୟ ବଢେ। ସୁତରାଂ ଏନେଇ ସଚେତ ରହିବା ଆବଶ୍ୟକ।
ପ୍ରଶ୍ନ ଉଠୁଛି ସରକାରଙ୍କ ପକ୍ଷେ କେଉଁ ବାଧ୍ୟବାଧକତା ସୁନା ପାଇଁ ଆମଦାନି ଶୁଳ୍କ ବଢାଇବା ପାଇଁ ଦାୟୀ ହେଲା ? ଏନେଇ ବିଶେଷଜ୍ଞ ମହଲରେ ଚର୍ଚ୍ଚା ହେଉଥିବା କଥାଟି ହେଉଛି ଏହା ହେଉଛି ପ୍ରତିରୋଧାତ୍ମକ ପଦକ୍ଷେପ। ଏହା ନିଶ୍ଚିତ ଯେ ଅସ୍ୱାଭାବିକ ବାହ୍ୟ ସ୍ଥିତି ଏପରି ବୃଦ୍ଧି ଲାଗି ପ୍ରରୋଚିତ କଲା। ବାହ୍ୟ ସ୍ଥିତିର ବାଧ୍ୟବାଧକତା କହିଲେ ସାମ୍ନାକୁ ଆସୁଥିବା ଦୃଶ୍ୟଟି ହେଉଛି ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଗତିରୋଧ ତଥା ସମ୍ଭାବ୍ୟ ଆଶଙ୍କା। ହୁଏତ ଏପରି ସ୍ଥିତି ସୁଧୁରିବାକୁ ପାଖାପାଖି ବର୍ଷେ ଲାଗିଯାଇପାରେ। ସୁନାର ଚାହିଦା ସାଧାରଣ ସମୟରେ ବରାବର ରହେ। କିନ୍ତୁ ବିବାହ ଓ ଅନ୍ୟ ମାଙ୍ଗଳିକ କାର୍ଯ୍ୟ ଅବସରରେ ଏହାର ବିକ୍ରିବଟା ବହୁ ମାତ୍ରାରେ ବଢିଯାଏ। ବର୍ତ୍ତମାନ ଆମଦାନି ଶୁଳ୍କ ବଢ଼ିଥିବା ହେତୁ ଏହାର କିଣାକିଣି ଅଧିକ ରହିବ ନାହିଁ। ତାହାଦ୍ୱାରା ବୈଦେଶିକ ମୁଦ୍ରା ବିନିମୟ ସ୍ଥିତି ଉପରେ ଚାପ ଅବଶ୍ୟ ରହିବ ନାହିଁ।

ତେବେ ବିଶେଷଜ୍ଞଙ୍କ କଥା ଯଦି ସତ ବୋଲି ଧରାଯାଏ, ତାହାର ଅର୍ଥ ସ୍ଥିତି ସୁଧୁରିବାକୁ ଆହୁରି ବର୍ଷେ । ସେତେବେଳେକୁ ହୁଏତ ଆମଦାନି ଶୁଳ୍କ କମିଲେ ଏହି ମୂଲ୍ୟବାନ ଧାତୁର ମୂଲ୍ୟ କିଛି ତଳମୁହାଁ ହେବ। ମୋଟ ଉପରେ ସୁନା ଉପରେ ନିବେଶକମାନଙ୍କ ନିବେଶ ପସନ୍ଦ ଅଧିକ ରହୁଥିବା ବେଳେ ନିମ୍ନ ଆୟକାରୀ ବର୍ଗଙ୍କ ପକ୍ଷେ ସୁନା କିଣିବା ବରାବର ବୋଝ ହୋଇରହିବ। ଥରେ ଦର ବଢିଲେ ତାହା ତଳକୁ ଖସିବା ନେଇ ଗଣିତ କଷିବା ସହଜ ନୁହେଁ, ସୁତରାଂ ମଧ୍ୟପ୍ରାଚ୍ୟ ଯୁଦ୍ଧର ଭାରା ସୁନା ଉପରେ ରହୁଥିବା ଦୃଷ୍ଟିରୁ ଅଧିକାଂଶଙ୍କ ପକ୍ଷେ ଏହା ହାତ ପାଆନ୍ତା ହେବା କଷ୍ଟସାଧ୍ୟ ହେବ।

# ପ୍ରଶ୍ନପତ୍ର ପ୍ରଘଟ ବ୍ୟବସ୍ଥାଗତ ବିଫଳତା

## ସୌଭାଗ୍ୟ ରଂଜନ ମହାନ୍ତି

ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଏବଂ କପି ରୋକିବାକୁ ଦେଶରେ କଠୋର ଆଇନ ଓ ଦଣ୍ଡବିଧାନ ଥିବାବେଳେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ଜାତୀୟ ସାମର୍ଥ୍ୟ ପ୍ରବେଶିକା ପରୀକ୍ଷା (ଏନଇଇଟି) ବାତିଲ ନିଶ୍ଚିତ ଭାବେ ବ୍ୟବସ୍ଥାଗତ ବିଫଳତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରିବ। ଦିନକୁ ପୂର୍ବରୁ ପରୀକ୍ଷା ବାତିଲ ଯୋଗୁଁ ପରୀକ୍ଷା ଦେବାକୁ ଯାଉଥିବା ୨୨ଲକ୍ଷ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଅନିଶ୍ଚିତତା, ପୁଣି ପ୍ରସ୍ତୁତି ଓ ମାନସିକ ଚାପ ମଧ୍ୟକୁ ଠେଲି ହୋଇଯାଇଛି।

କହିବା ବାହୁଲ୍ୟ ଯେ, ଆମ ଦେଶରେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ନୂଆ ନୁହେଁ ଦେଶରେ ବିଭିନ୍ନ ପରୀକ୍ଷା ପୂର୍ବରୁ ବହୁ ସମୟରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା କୁହାଯାଉଥିବାବେଳ ଗଲା ତିନି ବର୍ଷ ମଧ୍ୟରେ ନିଟ୍ ପରୀକ୍ଷାରେ ଏହା ହେଉଛି ଦ୍ୱିତୀୟ ପ୍ରଶ୍ନପତ୍ର ପ୍ରଘଟ ଘଟଣା। ଦ୍ୱିତୀୟ ଥର ପ୍ରଶ୍ନପତ୍ର ଲିକ୍‌କୁ ରୋକିବାରେ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ତେବେ ପ୍ରଥମ ତଥା ୨୦୨୪ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରୁ ସରକାର କିମ୍ବା ପରୀକ୍ଷା ପରିଚାଳନା ସଂସ୍ଥା ଏନଟିଏ କିଛି ଶିକ୍ଷା କରିପାରିନଥିବା ମନେ ହୁଏ। ଯାହାର ପରିଣତି ସ୍ୱରୂପ ୨୨ଲକ୍ଷ ଡାକ୍ତରୀବିଦ୍ୟା ଶିକ୍ଷା ଆଶୟୀଙ୍କ ଭବିଷ୍ୟତ ସଂକଟ ମଧ୍ୟକୁ ଠେଲି ହୋଇଯାଇଛି। ମାମଲା ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ୨୦୨୪ ନିଟ୍ ପରୀକ୍ଷାରେ କୌଣସି ବ୍ୟବସ୍ଥାଗତ ଉଲଂଘନ ହୋଇନଥିବା ଦର୍ଶାଇ ସୁପ୍ରିମକୋର୍ଟ ପରୀକ୍ଷାକୁ ବାତିଲ କରିନଥିଲେ କିମ୍ବା ପୁନର୍ବାର ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇନଥିଲେ। କିନ୍ତୁ ୨୦୨୬ ପରୀକ୍ଷାକୁ ଏନଟିଏ ସମ୍ପୂର୍ଣ୍ଣ ବାତିଲ କରିଦେଇଛି। ପ୍ରଥମେ ରାଜସ୍ଥାନରେ ଗେସ ପେପର ପ୍ରଘଟ ହୋଇଥିବାବେଳେ ଏହା ମହାରାଷ୍ଟ୍ର, ଗୁଜରାଟ, କେରଳ ଏବଂ ହରିଆନାର ହଜାର ହଜାର ଆଶାୟୀଙ୍କ ନିକଟରେ ପହଁଚିଥିଲା। ପ୍ରଶ୍ନପତ୍ର ପ୍ରଘଟରେ କୋଟି କୋଟି ଟଙ୍କା କାରବାର ହୋଇଥିବା ସୂଚନା ମିଳିଥିବା ବେଳେ ଘଟଣାର ତଦନ୍ତ କରୁଥିବା ସିବିଆଇ ରାଜସ୍ଥାନର ଜଣେ ବିଜେପି ନେତାଙ୍କ ସହ ୭ଜଣଙ୍କୁ ଗିରଫ କରିଛି। ଆହୁରି ଅନେକ ଗିରଫ ହେବା ଆଶଙ୍କା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜାତୀୟ ସ୍ତରର ପରୀକ୍ଷା ପରିଚାଳନାକୁ ସ୍ୱଚ୍ଛ କରିବା ପାଇଁ ୨୦୧୭ ମସିହାରେ କେନ୍ଦ୍ର ସରକାର ଏନଟିଏ ଗଠନ କରିଥିଲେ। ମାତ୍ର ଏହାର କାର୍ଯ୍ୟଧାରା ପ୍ରଶ୍ନପତ୍ର ଲିକ୍, କପି, ଜାଲିଆତି ଆଦି ଦ୍ୱାରା ବିଗିଡି ଯାଇଛି। ୨୦୨୪ ପ୍ରଶ୍ନପତ୍ର ପ୍ରଘଟ ଘଟଣାର ଆଉ ପୁନରାବୃତ୍ତି ନହେବା ଲାଗି ସମସ୍ତ ପ୍ରକାରର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବା ନେଇ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୃଢଶକ୍ତି ପ୍ରକାଶ କରିଥିଲେ। ବର୍ତ୍ତମାନର ଘଟଣାରେ ସେ ନୀରବ ରହିଥିବା ବେଳେ ତାଙ୍କୁ ଏହାର ଉତ୍ତର ରଖିବାକୁ ହେବ। ଏଥିରୁ ତାଙ୍କୁ ଉତ୍ତରଦାୟିତ୍ୱ ମୁକ୍ତ କରାଯାଇପାରିବ ନାହିଁ। କେବଳ ମନ୍ତ୍ରୀ ନୁହଁନ୍ତି, ଏହି ଘଟଣା ପାଇଁ ବାବୁମାନଙ୍କୁ ମଧ୍ୟ ଉତ୍ତରଦାୟୀ କରିବାକୁ ହେବ ।

ଏହା ନିଃସନ୍ଦେହ ଯେ, ଦେଶରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ବାରମ୍ବାର ଘଟିଚାଲିଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର କିମ୍ବା ପ୍ରଶାସନ ସଫଳ ହୋଇନାହାନ୍ତି। ଅନ୍ୟପକ୍ଷରେ ପ୍ରତ୍ୟେକ ପ୍ରଶ୍ନପତ୍ର ପ୍ରଘଟ କ୍ରିମିନାଲ ସିଣ୍ଡିକେଟକୁ ଆହୁରି ଶକ୍ତିଶାଳୀ କରୁଥିବା ବେଳେ କେବଳ ନିରୀହ ଛାତ୍ରଛାତ୍ରୀମାନେ ଦଣ୍ଡିତ ହୋଉଛନ୍ତି। ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ଏନଟିଏ ତାର ଗୌରବ ହରାଇଛି ବୋଲି କହିଲେ ଭୁଲ ହେବ ନାହିଁ। କହିବା ବାହୁଲ୍ୟ ଯେ, ଏନଟିଏ ଉପରେ ପରୀକ୍ଷା ପରିଚାଳନା ଭାର ନ୍ୟସ୍ତ ହୋଇଥିବାବେଳେ ନିଟ୍‌କୁ ଦେଶର ଭବିଷ୍ୟତ ଡାକ୍ତରମାନଙ୍କୁ ମନୋନୀତ କରିଥାଏ। ଯେଉଁମାନେ ଦେଶର ଜନସାଧାରଣଙ୍କ ଜୀବନ ରକ୍ଷକ, ସ୍ୱାସ୍ଥ୍ୟ ରକ୍ଷକ। ଏହା ନିଃସନ୍ଦେହ ଯେ, ଦେଶରେ ଭବିଷ୍ୟତ ସୁସ୍ଥ ସମାଜ ଗଠନର ଜମିଦାରି ନିଟ୍ ଉପରେ ନ୍ୟସ୍ତ। ଏହି ପରୀକ୍ଷାରେ ଯେକୌଣସି ଅନିୟମିତତା ରାଷ୍ଟ୍ରଦୋହ ସଦୃଶ ବୋଲି କହିଲେ ଅତିରଂଜିତ ହୋଇନପାରେ। ଏହି ପରୀକ୍ଷାରେ କୌଣସି ଅନିୟମିତତା ଗ୍ରହଣୀୟ ନୁହେଁ। ୨୦୨୪ ପ୍ରଶ୍ନପତ୍ର ଲିକ୍ ପରେ କେନ୍ଦ୍ର ସରକାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଅଧ୍ୟକ୍ଷ କେ.ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଏକ ସାତ ଜଣିଆ କମିଟି ଗଠନ କରିଥିଲେ। କମିଟି ତାଙ୍କ ରିପୋର୍ଟରେ ପରୀକ୍ଷା ପରିଚାଳନାରେ ସଂସ୍କାର, ସୁରକ୍ଷା, ଡାଟା, ପ୍ରୋଟୋକଲ ଏବଂ ସଂସ୍ଥାର ପୁନର୍ଗଠନ ନେଇ ସୁପାରିସ କରିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇନାହିଁ। ଦେଶରେ ଡାକ୍ତରୀ ଶିକ୍ଷାରେ ପବିତ୍ରତା ପାଇଁ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ବିଚାର ବିଭାଗୀୟ ତଦନ୍ତ କମିଟି ଗଠନ କରିବେ ବୋଲି ଆମେ ଆଶାବାଦୀ।
ମୋ-୯୪୩୭୯୯୪୩୭୯

"

**ଇତିହାସରେ ଏଭଳି ଅନେକ ପ୍ରାମାଣିକ ତଥ୍ୟ ରହିଛି ଯେଉଁଠି ଶାସକ ରାଜଧର୍ମ ପାଳନରେ ଅବହେଳା କରିଛନ୍ତି ସେଠି ପ୍ରଜାକୁଳ ଅଶାନ୍ତିରେ ବଂଚିବାକୁ ପଡ଼ିଛି । ଅନ୍ୟାୟ ଓ ଅନୀତି ବିରୋଧରେ ବୁଦ୍ଧିଜୀବୀ ଓ ସଚେତନ ଲୋକ ଯଦି ପାଟି ଫିଟାଇବେ ନାହିଁ ସମାଜରେ ଶାନ୍ତି ଆସିପାରିବ ନାହିଁ । ରାଜା ରାମଚନ୍ଦ୍ର ଜ୍ଞାନୀ ଓ ଗୁଣୀଜନଙ୍କ ଉପଦେଶ ଓ ପରାମର୍ଶ ନେଇ ଶାସନ କରୁଥିଲେ ବୋଲି ରାମରାଜ୍ୟ ଏକ ଆଦର୍ଶ ଶାସନତନ୍ତ୍ର ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା । ରାଜ୍ୟ ପାଇଁ , ପ୍ରଜାଙ୍କ ସୁଖପାଇଁ ରାମଚନ୍ଦ୍ର ନିଜ ଧର୍ମପତ୍ନୀଙ୍କୁ ମଧ୍ୟ ନିର୍ବାସନ ଦଣ୍ଡଦେଇ ନିଜ ରାଜଧର୍ମ ପାଳନ କରିଥିଲେ । ଅଥଚ ସେଦିନ ଦୁର୍ଯ୍ୟୋଧନ ଅନ୍ୟ ଭାଇମାନଙ୍କ ସହାୟତାରେ ସଭାମଧ୍ୟରେ ସର୍ବସମ୍ମୁଖରେ ପାଂଚାଳୀଙ୍କ ବସ୍ତ୍ରହରଣ କରିବାକୁ ପଛାଇନଥିଲା । କୌରବ ପକ୍ଷ ଧରିଥିବା ଭୀଷ୍ମ ପିତାମହ ,ଗୁରୁ ଦ୍ରୋଣାଚାର୍ଯ୍ୟ ଭଳି ବିଦ୍ୱାନମାନେ ନିରବରେ ସବୁ ଦେଖୁଥିଲେ ।**

# ରାଜଧର୍ମ

## ରବୀନ୍ଦ୍ରନାଥ ଯୋଷୀ

ରାମାୟଣ ଓ ମହାଭାରତ ଭଳି ଦୁଇ ମହାକାବ୍ୟ ଭାରତୀୟ ସଂସ୍କୃତି ଓ ଜୀବନଦର୍ଶନର ସୁପ୍ରସିଦ୍ଧ ଗ୍ରନ୍ଥ ଅଟନ୍ତି । ଉଭୟ ଗ୍ରନ୍ଥରେ ମାନବ ଜୀବନର ଧର୍ମ,କର୍ମ ,ନୀତି , ଆଦର୍ଶ ଓ ରାଜଧର୍ମର ମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ । ରାମାୟଣରେ ଉତ୍ତମ ରାଜ୍ୟ ଶାସନ ପଦ୍ଧତି ,ରାଜାଙ୍କ ଆଦର୍ଶ ଓ କର୍ତ୍ତବ୍ୟ ,ପ୍ରଜାଙ୍କ ଦାୟିତ୍ୱବୋଧ ,ଆଦର୍ଶ ଦଣ୍ଡସଂହିତା ସହିତ ଆଦର୍ଶ ଜୀବନଦର୍ଶନ ଉପସ୍ଥାପନା କରାଯାଇଛି । ଏହି ମହାକାବ୍ୟରେ ମୁଖ୍ୟଚରିତ୍ର ହେଉଛନ୍ତି ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀରାମଚନ୍ଦ୍ର । ଶ୍ରୀରାମ ଥିଲେ ମର୍ଯ୍ୟାଦା ପୁରୁଷୋତ୍ତମ । ସତ୍ୟ ,ଧର୍ମ , ପ୍ରଜାପାଳନ ଓ ନ୍ୟାୟପ୍ରତିଷ୍ଠା ପାଇଁ ନିଜ ଜୀବନକୁ ସମର୍ପିତ କରିଦେଇଥିଲେ । ସେ ଥିଲେ ତ୍ୟାଗ ଓ ସମର୍ପଣର ଏକ ମୂର୍ତ୍ତିମନ୍ତ ପ୍ରତୀକ । ପିତୃ ସତ୍ୟପାଳନ ଠାରୁ ଆରମ୍ଭକରି ସୀତାଦେବୀଙ୍କୁ ନିର୍ବାସନ ଦଣ୍ଡଦେବା ପର୍ଯ୍ୟନ୍ତ ସବୁଠି ତାଙ୍କ ତ୍ୟାଗର ମହନୀୟତା ପ୍ରକାଶ ପାଇଛି । ରାଜଉଆସର ରାଜସୁଖ ଅପେକ୍ଷା ରାଜ୍ୟରେ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସେ ଥିଲେ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ । ପଶୁପକ୍ଷୀ ,ବୃକ୍ଷଲତା ,ମାନବଦାନବ, ମହତ-ଇତର ସମସ୍ତଙ୍କ ପ୍ରତି ଶ୍ରୀରାମଚନ୍ଦ୍ରଙ୍କ ଶାସନରେ ଥିଲା ନିରପେକ୍ଷତା ଓ ସମ୍ମାନବୋଧ । ତାଙ୍କ ଶାସନବ୍ୟବସ୍ଥା ଥିଲା ଏକ ଗଣତାନ୍ତ୍ରିକ ରାଜତନ୍ତ୍ର । ଯେଉଁଥିପାଇଁ ରାଜ୍ୟରେ ସାମାଜିକନ୍ୟାୟ ପ୍ରତିଷ୍ଠା ହୋଇପାରିଥିଲା ।ଜଣେ ଆଦର୍ଶରାଜାଙ୍କ ଧର୍ମପାଳନରେ ସେ ସାମାନ୍ୟତମ ଅବହେଳା କରିନାହାନ୍ତି। ପ୍ରଜାଙ୍କ ସୁଖରେ ସୁଖୀ ଓ ପ୍ରଜାଙ୍କ ଦୁଃଖରେ ସେ ଦୁଃଖୀ । ସେ ଥିଲେ ପ୍ରଜାନୁରଂଜନ ରାଜା । ସେଥପାଇଁ ରାମରାଜ୍ୟ ଥିଲା ଏକ ଆଦର୍ଶରାଜ୍ୟ । ରାଜାଙ୍କ ଆଦର୍ଶ ରାଜ୍ୟ ପାଇଁ ଆଣିଥିଲା ପ୍ରତିଷ୍ଠା ଓ ଗୌରବ । ରାମଚନ୍ଦ୍ର ପିଲାଟି ଦିନରୁ ଉତ୍ତମ ଶିକ୍ଷା ଗ୍ରହଣର ସୁଯୋଗ ପାଇଥିଲେ । ପରିବାର ମଧ୍ୟରେ ଉତ୍ତମ ବାତାବରଣରେ ବଢିଥିଲେ । ବଶିଷ୍ଠଙ୍କ ଭଳି ମୁନିଙ୍କ ଉପଦେଶ ଗ୍ରହଣ କରୁଥିଲେ । ରାଜପରିଷଦର ପାତ୍ରମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କରୁଥିଲେ । ଗଣତାନ୍ତ୍ରିକ ମାନସିକତାରେ ସେ କାର୍ଯ୍ୟ କରୁଥିଲେ । ଏହା ନିଃସନ୍ଦେହ ଯେ ଜ୍ଞାନୀ ଓ ଗୁଣୀଜନଙ୍କ ଉପଦେଶ ଓ ପରାମର୍ଶ ନିଶ୍ଚିତ ଭାବରେ ଶ୍ରୀରାମଚନ୍ଦ୍ରଙ୍କୁ ଉତ୍ତମ ଶାସନ କରିବା ପାଇଁ ଦିଗଦର୍ଶନ ଦେଇଥିଲା । ସେ ରାଜଧର୍ମ ପାଳନରେ ଅଣଦେଖା କରିନଥିଲେ । ତେଣୁ ସମସ୍ତେ ରାମରାଜ୍ୟକୁ ଏକ ଆଦର୍ଶ ଶାସନତନ୍ତ୍ରର ଦୃଷ୍ଟାନ୍ତ ଭାବରେ ଗ୍ରହଣ କରିଆସିଛନ୍ତି । ମାଟିର ଅନ୍ୟତମ ମହାକାବ୍ୟ ମହାଭାରତ ମଧ୍ୟ ଭାରତବର୍ଷରେ ଏକ ସୁପ୍ରସିଦ୍ଧ ମହାକାବ୍ୟର ମାନ୍ୟତା ପାଇଆସିଛି । ଏଥିରେ ମଧ୍ୟ ଶାସନ ବ୍ୟବସ୍ଥା ଓ ରାଜାର କର୍ତ୍ତବ୍ୟ ବିଷୟରେ ଅନେକ କଥା ଜାଣିହୁଏ । ରାଜା ଧୃତରାଷ୍ଟ୍ର ଦୃଷ୍ଟିବାଧିତ ହେତୁ ରାଜକୁମାର ଦୁର୍ଯୋଧନ ହିଁ ହସ୍ତିନାର ପ୍ରକୃତ ରାଜାଭାବରେ ଶାସନ କରୁଥିଲେ । ସେ ଥିଲେ କ୍ଷମତାରେ ଅନ୍ଧ । ଅନ୍ୟାୟ,ଅନୀତି ଓ ଅସତ୍ୟ ପଥରେ ଶାସନ ପରିଚାଳିତ କରୁଥିଲେ । ତାଙ୍କ ପାଖରେ ବିଚାରଶକ୍ତିର ଅଭାବ ଯୋଗୁଁ ରାଜଧର୍ମର ମୂଲ୍ୟବୋଧ ବୁଝିପାରିନଥିଲେ । ତାଙ୍କ ପାଖରେ ଦୟା ,କ୍ଷମା ,ସତ୍ୟ ,ନ୍ୟାୟ ଭଳି ମହନୀୟ ଗୁଣାବଳୀର ଅଭାବ ପରିଲକ୍ଷିତ ହୋଇଥିଲା । ପାଣ୍ଡବଙ୍କ ଅଧିକାରକୁ ସେ ଗ୍ରହଣ କରିନାହାନ୍ତି ଦ୍ରୌପଦୀଙ୍କ ବସ୍ତ୍ରହରଣ କରି ନାରୀର ଅସମ୍ମାନ କରିଛନ୍ତି । ଦୁର୍ଯ୍ୟୋଧନ ଅନ୍ୟ ସମସ୍ତ ଭାଇମାନଙ୍କ ସହିତ ମିଶି ରାଜ୍ୟରେ ମନଇଚ୍ଛା ଅତ୍ୟାଚାର କରିଛନ୍ତି । ତାଙ୍କ ଠାରେ ଗୁରୁ ଗୁରୁଜନଙ୍କ ପ୍ରତି ସମ୍ମାନବୋଧ ନଥିଲା । ପିତା ଧୃତରାଷ୍ଟ୍ରଙ୍କ ମୋହାନ୍ଧରେ ସେ ଆହୁରି ଅହଂକାରୀ ହୋଇଯାଇଥିଲେ । ଭୀଷ୍ମ ପିତାମହ ଭଳି ଜଣେ ଜ୍ଞାନୀ ଗୁଣୀଙ୍କ ଉପଦେଶ ବା ପରାମର୍ଶ ମଧ୍ୟ ନେଲେ ନାହିଁ । ଅନ୍ୟପକ୍ଷରେ ପାଣ୍ଡବ ପାଞ୍ଚଭାଇ ରାଜଧର୍ମ ପାଳନକରିବା ପୂର୍ବକ ଶାନ୍ତିସହାବସ୍ଥାନ ପାଇଁ ଉଦ୍ୟମ କରିଛନ୍ତି । କିନ୍ତୁ ସୁଫଳ ପାଇନାହାନ୍ତି । ଫଳରେ ମହାଭାରତ ଯୁଦ୍ଧ ସଂଘଟିତ ହୋଇଛି ଏବଂ କୌରବ ମାନେ ପରାଜିତହେବା ସହିତ ଧ୍ୱଂସ ହୋଇଛନ୍ତି । ଏହି ଦୁଇ ମହାକାବ୍ୟରୁ ଅନ୍ତତଃ ଏହା ସ୍ପଷ୍ଟ ହୋଇଛି ଯେ ଯେଉଁଠି ରାଜଧର୍ମ ପାଳନ ହୋଇନାହିଁ ସେଠି ଅନ୍ୟାୟ ,ଅନୀତି ,ଭ୍ରଷ୍ଟାଚାର ,ଦୁର୍ନୀତି ରାଜ କରିଛି । ସମାଜରେ ବିଶୃଙ୍ଖଳା ଦେଖାଦେଇଛି । ନାରୀ ଅସୁରକ୍ଷିତ ହୋଇଛନ୍ତି । ସାଧୁସନ୍ଥ ଓ ବିଦ୍ୱାନମାନେ ବି ନିରବ ରହିଛନ୍ତି । କାଳକ୍ରମେ ରାଜ୍ୟ ଛାରଖାର ହୋଇଛି ଅଥବା ଅନ୍ୟରାଜାଙ୍କ ହାତକୁ ଚାଲିଯାଇଛି । ଇତିହାସରେ ଏଭଳି ଅନେକ ପ୍ରାମାଣିକ ତଥ୍ୟ ରହିଛି ଯେଉଁଠି ଶାସକ ରାଜଧର୍ମ ପାଳନରେ ଅବହେଳା କରିଛନ୍ତି ସେଠି ପ୍ରଜାକୁଳ ଅଶାନ୍ତିରେ ବଂଚିବାକୁ ପଡ଼ିଛି । ଅନ୍ୟାୟ ଓ ଅନୀତି ବିରୋଧରେ ବୁଦ୍ଧିଜୀବୀ ଓ ସଚେତନ ଲୋକ ଯଦି ପାଟି ଫିଟାଇବେ ନାହିଁ ସମାଜରେ ଶାନ୍ତି ଆସିପାରିବ ନାହିଁ । ରାଜା ରାମଚନ୍ଦ୍ର ଜ୍ଞାନୀ ଓ ଗୁଣୀଜନଙ୍କ ଉପଦେଶ ଓ ପରାମର୍ଶ ନେଇ ଶାସନ କରୁଥିଲେ ବୋଲି ରାମରାଜ୍ୟ ଏକ ଆଦର୍ଶ ଶାସନତନ୍ତ୍ର ଭାବରେ ପ୍ରତିଷ୍ଠିତ ହୋଇପାରିଥିଲା । ରାଜ୍ୟ ପାଇଁ , ପ୍ରଜାଙ୍କ ସୁଖପାଇଁ ରାମଚନ୍ଦ୍ର ନିଜ ଧର୍ମପତ୍ନୀଙ୍କୁ ମଧ୍ୟ ନିର୍ବାସନ ଦଣ୍ଡଦେଇ ନିଜ ରାଜଧର୍ମ ପାଳନ କରିଥିଲେ । ଅଥଚ ସେଦିନ ଦୁର୍ଯ୍ୟୋଧନ ଅନ୍ୟ ଭାଇମାନଙ୍କ ସହାୟତାରେ ସଭାମଧ୍ୟରେ ସର୍ବସମ୍ମୁଖରେ ପାଂଚାଳୀଙ୍କ ବସ୍ତ୍ରହରଣ କରିବାକୁ ପଛାଇନଥିଲା । କୌରବ ପକ୍ଷ ଧରିଥିବା ଭୀଷ୍ମ ପିତାମହ ,ଗୁରୁ ଦ୍ରୋଣାଚାର୍ଯ୍ୟ ଭଳି ବିଦ୍ୱାନମାନେ ନିରବରେ ସବୁ ଦେଖୁଥିଲେ । କାହାମୁହଁରେ ପ୍ରତିବାଦର ସ୍ୱର ନ ଥିଲା । ସମାଜରେ ଯେତେବେଳେ ଜ୍ଞାନୀଗୁଣୀ ଓ ବୁଦ୍ଧିଜୀବୀ ନିରବିଯିବେ ସମାଜ ଧ୍ୱଂସମୁଖରେ ଗତିକରିବା ନିଶ୍ଚିତ । ଆଜି ସମାଜରେ ସେହିକଥା ହିଁ ଦୃଶ୍ୟମାନ ହେଉଛି । ଆଜି ରାଜତନ୍ତ୍ରର ବିଲୋପ ଘଟିଛି । ଗଣତନ୍ତ୍ର ଶାସନର ପ୍ରତିଷ୍ଠା ହୋଇଛି । ବିଶ୍ୱର ପ୍ରାୟତଃ ସବୁ ରାଷ୍ଟ୍ରରେ ବର୍ତ୍ତମାନ ଗଣତନ୍ତ୍ର ଶାସନ ବ୍ୟବସ୍ଥା ରହିଛି । ରାଜାରାଜୁଡ଼ା ସମୟରେ ରାଜ୍ୟ ପରିଚାଳନା ପାଇଁ ବିଭିନ୍ନ ବିଧିବ୍ୟବସ୍ଥା ରହିଥିଲା । ଅପରାଧୀମାନଙ୍କୁ ଦଣ୍ଡବିଧାନ ପାଇଁ ଦଣ୍ଡସଂହିତା ରହିଥିଲା । ଏହି ଦଣ୍ଡସଂହିତା ଆଧାରରେ ଦୋଷୀମାନଙ୍କ ଦଣ୍ଡପ୍ରଦାନ ସହିତ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଉଦ୍ୟମ ରହିଥିଲା । ଆଜି ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ସମ୍ବିଧାନ ରହିଛି । ଏହି ସମ୍ବିଧାନ ଆଧାରରେ ରାଷ୍ଟ୍ରର ବିକାଶ ଓ ଶୃଙ୍ଖଳା ପାଇଁ ଅନେକ ନିୟମ କାନୁନ ପ୍ରଣୟନ ହୋଇ କାର୍ଯ୍ୟକାରୀ ହେଉଛି । ଏହି ଆଇନକାନୁନକୁ କାର୍ଯ୍ୟକାରୀ କରିବାପାଇଁ ଅଧିକାରୀ ଅଛନ୍ତି । ସେମାନଙ୍କ ଉପରେ ଅଛନ୍ତି ବିଧାୟକ , ସାଂସଦ ,ମନ୍ତ୍ରୀ ,ମୁଖ୍ୟମନ୍ତ୍ରୀ ,ପ୍ରଧାନମନ୍ତ୍ରୀ ,ରାଷ୍ଟ୍ରପତି ,ଯେଉଁମାନେ କି ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ନିର୍ବାଚିତ ପ୍ରତିନିଧି । ଏମାନେ ହିଁ ବର୍ତ୍ତମାନ ରାଜା ବା ସମ୍ରାଟର କ୍ଷମତା ଉପଭୋଗ କରନ୍ତି । ରାଜ୍ୟ ବା ଦେଶରେ ସୁଶାସନ କରିବା ଏମାନଙ୍କ ଦାୟିତ୍ୱ । ବ୍ୟବସ୍ଥାପିକା ,କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମିଳିତ ଭାବରେ ଦେଶର ନାଗରିକମାନଙ୍କ ସ୍ୱାର୍ଥପାଇଁ କାର୍ଯ୍ୟକରିବାର ଗୁରୁଦାୟିତ୍ୱ ବହନ କରିଛନ୍ତି । କିନ୍ତୁ ଆଜି ସମାଜରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା ଚିନ୍ତାଜନକ ଅଟେ । ଅନ୍ୟାୟ ,ଅନୀତି ବଢି ବଢିଚାଲିଛି । ସମାଜ ବିଶୃଙ୍ଖଳିତ ହୋଇଛି । ପ୍ରତ୍ୟହ ହତ୍ୟା,ଦୁଷ୍କର୍ମ ,ଲୁଣ୍ଠନ ଦ୍ରୁତଗତିରେ ବଢିଛି । ଦିନ ଦ୍ୱିପହରେ ଅପରାଧୀ ଅପରାଧ ଭିଆଇ ଖସିଯାଉଛି । ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିବଢି ଚାଲିଛି । ସମୂହସ୍ୱାର୍ଥ ଅପେକ୍ଷା ବ୍ୟକ୍ତିସ୍ୱାର୍ଥ ହାସଲର ପ୍ରାଧାନ୍ୟ ବଢିଛି । ସବୁଠାରୁ ବଡ଼ ସମ୍ବେଦନଶୀଳ କଥା ହେଲା କ୍ଷମତାକେନ୍ଦ୍ରରେ ଅପରାଧୀଙ୍କ ଭିଡ଼ ଜମିଛି । ଅନେକ ନିର୍ବାଚିତ ଜନପ୍ରତିନିଧିଙ୍କ ନାମରେ ଲମ୍ବିଛି ସଂଖ୍ୟାଧିକ ଅପରାଧିକ ମାମଲା । ବଡ଼ବଡ଼ ନେତା ଓ ଅଧିକାରୀ ଛନ୍ଦି ହୋଇଛନ୍ତି ଆର୍ଥିକ ତୋଷରପାତର ଅଭିଯୋଗରେ । ଏ ସମସ୍ତ ଅଭିଯୋଗ ସତ୍ୟ ହୋଇନପାରେ । କ୍ଷମତାର ଲଢେଇରେ ବେଳେବେଳେ ଅନେକ ମିଛ ଅଭିଯୋଗ ମଧ୍ୟ ଆସିଥାଏ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ସେମାନଙ୍କ ନାମରେ ଥିବା ସମସ୍ତ ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା ନୁହେଁ । କ୍ଷମତାର ଅପବ୍ୟବହାର କରି କେଉଁମନ୍ତ୍ରୀଙ୍କ ପୁଅ ଚାଷୀଙ୍କ ଉପରେ ଗାଡ଼ି ମଡାଇ ଦେଉଛି ତ କେଉଁ ମହାମହିମ ଶାସକଙ୍କ ପୁଅ ଜନସେବାରେ ନିୟୋଜିତ ଅଧିକାରୀଙ୍କୁ ଆକ୍ରମଣ କରିବା ପାଇଁ ସାମାନ୍ୟ କୁଣ୍ଠାପ୍ରକାଶ କରୁନାହିଁ । କେଉଁଠି ଖୋଦମନ୍ତ୍ରୀ ଧର୍ଷଣ ମାମଲାର ମୁଖ୍ୟ ଅଭିଯୁକ୍ତ ତ କେଉଁଠି ଜନସାଧାରଣଙ୍କ ସେବାପାଇଁ ନିର୍ବାଚିତ ଜନପ୍ରତିନିଧିଙ୍କ ଘରେ ପୁଳାପୁଳା ନୋଟ ଜବତ ହେଉଛି ।

ଦେଶର ବିକାଶ ପାଇଁ ନିୟୋଜିତ ଯନ୍ତ୍ରୀ ଓ ଅଧିକାରୀଙ୍କଘରେ ବିଡ଼ାବିଡ଼ା ନୋଟ ଥାକଥାକ ହୋଇ ସଜାହୋଇଛି ତ ସାଧାରଣ ଜନତାଙ୍କୁ ନ୍ୟାୟପ୍ରଦାନ ପାଇଁ ନିଯୁକ୍ତିପ୍ରାପ୍ତ ନ୍ୟାୟାଧୀଶଙ୍କଘରେ କୋଟିକୋଟି ଟଙ୍କାର ଅର୍ଦ୍ଧଦଗ୍ଧନୋଟ ମିଳୁଛି । କିଏ ହଜାର ହଜାର କୋଟି ଟଙ୍କା ହ ଡ଼ପ କରି ବିଦେଶ ଚାଲି ଯାଉଛି ତାକୁ ଧରିବା ପାଇଁ ପୋଲିସର ହାତ ପାଉନାହିଁ କିନ୍ତୁ ଜମାଖାତାରୁ କେଇଟା ଟଙ୍କା ଉଠାଣ ପାଇଁ କାହାକୁ ଶ୍ମଶାନରୁ କଙ୍କାଳ ଆଣି ମୃତ୍ୟୁର ପ୍ରମାଣ ଦେବାକୁ ପଡୁଛି । ଏପଟେ ଭୋକବିକଳରେ ହଜାରହଜାର ଶ୍ରମିକ ରାଜ୍ୟବାହରେ ଦାଦନ ଖଟୁଛି ତ ଅଭାବ ଓ ଅନଟନରେ କିଏ ସ୍ତ୍ରୀର ଶବକୁ କାନ୍ଧରେ ବୋହି କିଲୋମିଟର କିଲୋମିଟର ଚାଲିବାକୁ ପଡୁଛି । ବାର ବର୍ଷର ଝିଅଟିଏ ରୁଗ୍ଣ ମା'ର ସେବାପଇଁ ପୋଥିରେ ଡୋରିବାନ୍ଧି ସହର ଯାଉଛି ଦୁଇ ପଇସା ରୋଜଗାର କରିବାପାଇଁ । ଆଉ ଏପଟେ ସହରର ନାମୀ ଦାମୀ କ୍ଲବମାନଙ୍କରେ ଆମ ଜମିଦାର ,ରାଜା ଓ ସମ୍ରାଟମାନଙ୍କ ରାତ୍ରୀ କଟୁଛି ସୁନ୍ଦରୀ ତରୁଣୀଙ୍କ ନୃତ୍ୟଗୀତରେ ତାଳେ ତାଳେ । ଭୁଲ କାହାର ? ନିର୍ବାଚନବେଳେ ଆମେ ସତରେ ନିରପେକ୍ଷତାର ସହିତ ସୁସ୍ଥ ମାନସିକତାରେ ଆମ ରାଜା ଚୟନ କରିପାରୁଛୁ ତ .. ତେବେ ଦୋଷ ଦେବା କାହାକୁ ? ରାଜା ଚୟନ ପ୍ରକ୍ରିୟା ଯଦି ଭୁଲ ରାଜଧର୍ମର ସଂଜ୍ଞା ବି ଅବଶ୍ୟ ବଦଳିବ ।
ସିନାପାଲି (ଗୋଡ଼ାଲ ) ,ନୂଆପଡ଼ା
ଦୂରଭାଷ- ୮୦୧୮୧୮୦୩୮୧

# ଅପରେସନ୍ ଖୁକ୍ରୀ ( ୨ )

## ବିଷ୍ଣୁ ପ୍ରସାଦ ଦାସ

ନିଜର ଛୋଟ ଭୁଲ୍ ଯୋଗୁଁ ମେଜର ପୁନିଆ ତାଙ୍କ ସହକର୍ମୀଙ୍କ ସହିତ ଆର୍ ୟୁ ଏଫ୍ ଙ୍କ ହାତରେ ବନ୍ଦୀ ହେଲେ । ଏକ ନିଷିଦ୍ଧ ବାରାକ୍ ମଧ୍ୟରେ ସେମାନଙ୍କୁ ରଖାଗଲା, ଖାଦ୍ୟ ପାନୀୟ ବିନା ସେମାନଙ୍କର ବଞ୍ଚିବା କଷ୍ଟକର ହୋଇ ଯାଇଥିଲା । ମେଜର ପୁନିଆ ଆର୍‌ୟୁଏଫ୍‌ର ମେଜର କୁପାୟଙ୍କୁ ତାଙ୍କ କ୍ୟାମ୍ପରୁ କିଛି ଖାଦ୍ୟ ଆଣିବାକୁ ଅନୁରୋଧ କରିଥିଲେ । କୁପାୟ ଅନୁରୋଧ ରକ୍ଷା କରି ମେଜର ପୁନିଆଙ୍କ ଡ୍ରାଇଭର ସହିତ କିଛି ଆର୍ ୟୁ ଏଫ୍ ଙ୍କୁ ସାଙ୍ଗରେ ପଠାଇଲେ । ଡ୍ରାଇଭର ଭାରତୀୟ ବେସ୍ କ୍ୟାମ୍ପରେ ପହଞ୍ଚି ଦେଖିଲେ ଯେ, ଆର୍ ୟୁ ଏଫ୍ ସମସ୍ତ ଭାରତୀୟ ସୈନିକଙ୍କୁ ଘେରି ରହିଛନ୍ତି । କ୍ୟାପଟେନ୍ ସୁନୀଲଙ୍କୁ ମଧ୍ୟ ସେମାନେ ବନ୍ଦୀ କରି ରଖିଛନ୍ତି, ଅସ୍ତ୍ରଶସ୍ତ୍ର ସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ୟାପଟେନ୍ ସୁନୀଲ ସମସ୍ତ ଭାରତୀୟ ସେନା ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ କି ତାଙ୍କ ଜୀବନ ପଛେ ଯାଉ କିନ୍ତୁ ଜଣେ ମଧ୍ୟ ସୈନିକ ଅସ୍ତ୍ର ତ୍ୟାଗ କରିବେ ନାହିଁ କିମ୍ବା ଆର୍ ୟୁ ଏଫ୍ ନିକଟରେ ଆତ୍ମ ସମର୍ପଣ କରିବେ ନାହିଁ । ଏହା ଆମ ତ୍ରିରଙ୍ଗାର ଇଜ୍ଜତ୍‌ର କଥା , ଭାରତର ଗରିମାର କଥା । ଏହାହିଁ ଭାରତୀୟ ସୈନିକ ମାନଙ୍କର ପରାକ୍ରମ ତଥା ଦେଶ ଭକ୍ତିର ଉଦାହରଣ ଥିଲା । ଭାରତ ଠାରୁ ପ୍ରାୟ ଦଶ ହଜାର କିଲୋମିଟର ଦୂରରେ ଅନ୍ୟ ଏକ ମହାଦେଶରେ ଭାରତୀୟ ଶାନ୍ତି ସେନା ଉପରେ ଘଟି ଯାଉଥିବା ଅଘଟଣ ଉପରେ ଭାରତୀୟ ମାନେ ଅଜ୍ଞ ଥିଲେ । ସେମାନେ ଜାଣି ନଥିଲେ ଯେ ଭାରତ ମାତାର ୨୩୩ ଜଣ ସୁଯୋଗ୍ୟ ସୈନିକ ନିଜ କର୍ତ୍ତବ୍ୟ କରିବାକୁ ଯାଇ ବିଦେଶ ମାଟିରେ କେତେ ନିର୍ଯାତନାର ଶିକାର ହେଉଛନ୍ତି ? ଜୀବନକୁ ବାଜିରେ ଲଗାଇ ତ୍ରିରଙ୍ଗାର ମାନ ସମ୍ମାନକୁ ଅକ୍ଷୁଣ୍ଣ ରଖିଛନ୍ତି । ଆଠ ତାରିଖ ମଇ ୨୦୦୦ ମସିହା ଫୋଡ଼ିଙ୍କ ବାସଭବନ ଆଗରେ ଲୋକମାନେ ବିଦ୍ରୋହ କରୁଥିଲେ , ଏହି ସମୟରେ ତାଙ୍କ ଉପରକୁ ଫୋଡ଼ିଙ୍କ ସୁରକ୍ଷା କର୍ମୀ ଗୁଳି ଚାଳନା କଲେ ପ୍ରାୟ ୨୧ ଜଣଙ୍କ ପ୍ରାଣହାନି ଘଟିଲା । ଏହି କାର୍ଯ୍ୟ ପାଇଁ ୧୭ ମଇ ୨୦୦୦ ମସିହାରେ ଫୋଡ଼େ ଙ୍କୁ ଗିରଫ କରାଗଲା । ଆର୍‌ୟୁଏଫ୍‌ମାନେ ତାଙ୍କ ନେତାଙ୍କ ଗିରଫଦାରି ଯୋଗୁଁ ଉତ୍‌କ୍ଷିପ୍ତ ହୋଇ ଉଠିଲେ । ସେମାନେ ଶାନ୍ତି ସେନା ମାନଙ୍କୁ ହାତ ହତିଆର ସହିତ ଆତ୍ମସମର୍ପଣ କରି ନିଜ ଦେଶକୁ ଫେରି ଯିବାକୁ ଚାପ ପକାଇଲେ । ମିଳିତ ଜାତିସଙ୍ଘ ଚିନ୍ତାରେ ପଡିଗଲା , ଲାଇବେରିଆର ଶାସକଙ୍କ ଉପରେ ଅନ୍ତର୍ଜାତୀୟ ଚାପ ପଡିଲା, ସେ ଆର୍‌ୟୁଏଫ୍ ସହିତ ଆଲୋଚନା କରି ଏପରି ସିଦ୍ଧାନ୍ତ ନେଲେ ଯେ, ଯେଉଁ ଶାନ୍ତି ସେନା ମାନେ ଜୀବନ ବଞ୍ଚାଇ ନିଜ ଦେଶକୁ ଫେରିବାକୁ ଚାହୁଁଛନ୍ତି ସେମାନେ ଆର୍‌ୟୁଏଫ୍ ନିକଟରେ ଆତ୍ମ ସମର୍ପଣ କରନ୍ତୁ ଅନ୍ୟଥା ପରିଣାମ ପାଇଁ ଦାୟୀ ରହିବେ । କିଛି ଦେଶର ଶାନ୍ତି ସେନା ଏହାକୁ ସ୍ୱୀକାର କରିନେଲେ କିନ୍ତୁ ଭାରତୀୟ ଗୋର୍ଖା ସେନା ଅସ୍ତ୍ର ତ୍ୟାଗ କରିବାକୁ ରୋକ୍‌ଠୋକ୍ ମନା କରିଦେଲେ ।

ଗୋରଖା ସୈନିକମାନଙ୍କ ମନୋବଳ ଦେଖି ଆର୍‌ୟୁଏଫ୍ ମାନେ ମଧ୍ୟ ଭୟଭୀତ ହୋଇଗଲେ । କ୍ୟାମ୍ପ ବାହାରୁ ଆସୁଥିବା ଖାଦ୍ୟପେୟ ତଥା ଅନ୍ୟାନ୍ୟ ସୁବିଧା ବନ୍ଦ୍ କରିଦେଲେ । ଭରତୀୟ ସୈନ୍ୟ ମାନଙ୍କୁ ଖାଦ୍ୟ ପାନୀୟ ବିନା ନିର୍ବାସିତ ଜୀବନ କାଟିବାକୁ ବାଧ କରାଗଲା । ମିଳିତ ଜାତିସଙ୍ଘ ଭାରତ ସରକାରଙ୍କୁ ଏହି ବିଷୟରେ ଅବଗତ କରାଇବା ପରେ ସୈନ୍ୟ ମାନଙ୍କ ସୁରକ୍ଷା ତଥା ତାଙ୍କୁ ସିଏରା ଲିଅନ୍ ରୁ ଅପସାରଣ କରି ଭାରତ ଆଣିବାର ଯୋଜନା ଆରମ୍ଭ ହେଲା । ରାଜନୈତିକ ଆଲୋଚନା ବିଫଳ ହେବା ପରେ ଭାରତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସମରିକ ବଳ ପ୍ରୟୋଗ କରିବାକୁ ନିଷ୍ପତ୍ତି ନେଇଥିଲା । ସେହି ସାମରିକ କାର୍ଯ୍ୟାନୁଷ୍ଠାନର ନାମ ' ଅପରେସନ ଖୁକ୍ରି ' ରଖାଗଲା । ଏହାର ନେତୃତ୍ୱ ଭାରତ ନେଇଥିଲା ।

ମିଳିତ ଜାତିସଙ୍ଘର ଅନୁମୋଦନ କ୍ରମେ ଅପରେସନ୍ ଖୁକ୍ରିରେ ଭାରତ ୧୨୦ କମାଣ୍ଡୋ ସୈନିକ, ତିନୋଟି ଏମ ଆଇ ୧୭ ହେଲିକପ୍ଟର , ଚାରି ଗୋଟି ଏମ ଆଇ ୮ ଚିତା ହେଲକପ୍ଟର ପଠାଇଥିଲା । ତାଙ୍କୁ ସହଯୋଗ କରିବା ପାଇଁ ଘାନା ଦେଶ ଦୁଇଟି ବାହିନୀ ସୈନ୍ୟ, ବ୍ରିଟିଶ ବିମାନ ବାହିନୀର ଅତ୍ୟାଧୁନିକ ଦୁଇଟି ଚିନୁକ୍ ହେଲିକପ୍ଟର , ସି ୧୩୦ ପରିବହନ ବିମାନ ଯୋଗାଇ ଦେଇଥିଲେ । ଅପରେସନ୍ ଖୁକ୍ରିରେ ୨୨୦୦ ରୁ ଊର୍ଦ୍ଧ୍ୱ ସୈନିକ, ବିଭିନ୍ନ ପ୍ରକାର ଆଧୁନିକ ହାତହତିଆର ସହିତ କୈଲା ହୁନ୍ ଆଡକୁ ଅଗ୍ରସର ହୋଇଥିଲେ । ସୈନ୍ୟମାନଙ୍କ ମଧ୍ୟରେ ଯୋଗାଯୋଗ ନିମନ୍ତେ ମାଲାୟାଲାମ ଭାଷାର ବ୍ୟବହାର ହେଉଥିଲା ଫଳରେ ବିଦ୍ରୋହୀ ଆର୍ ୟୁଏଫ୍ କିଛି ବୁଝିବା ସମ୍ଭବ ନଥିଲା । ବିଭିନ୍ନ ଦେଶର ସୈନିକ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ଏବଂ ବନ୍ଧକ ସୈନିକ ମାନଙ୍କୁ ଉଦ୍ଧାର କରିବାର କୌଶଳ ଖୁବ୍ ଗୁପ୍ତ ରଖା ଯାଇ ଥିଲା । ଗୁପ୍ତଚର ଭାବେ ଭାରତୀୟ ପାରା କମାଣ୍ଡୋମାନେ ଆର୍ ୟୁ ଏଫ୍ ମାନଙ୍କ ଗତିବିଧି ସାତ ଦିନ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣ କରିଥିଲେ । ପ୍ରତିକୂଳ ପାଗ , ଘଞ୍ଚ ଜଙ୍ଗଲ, ପାହାଡିଆ ରାସ୍ତା ଉଦ୍ଧାରକାରୀ ସୈନିକ ମାନଙ୍କ ଗତିରୋଧ କରୁଥିଲା । ତଥାପି କର୍ତ୍ତବ୍ୟ, ଦୃଢ଼ ଇଚ୍ଛା ଶକ୍ତି ଦେଶର ମାନ ମର୍ଯ୍ୟାଦା ବନ୍ଧକ ମାନଙ୍କର ନିର୍ଯାତନାକୁ ପ୍ରାଥମିକତା ଦେଇ ସେମାନେ କାନ୍ଧକୁ କାନ୍ଧ ମିଶାଇ ଆଗେଇ ଚାଲିଥିଲେ ।

କୈଲା ହୁନ୍ ଠାରେ ବନ୍ଧକ ଥିବା ୨୩୩ ଭାରତୀୟ ସୈନିକଙ୍କୁ ଉଦ୍ଧାର କରି ଫେଣ୍ଡେମ୍ବୁ ଦେଇ ଦାରୁ ନାମକ ସ୍ଥାନକୁ ଅଣାଯିବ ବୋଲି ଠିକ୍ ହେଲା । ୧୫ ତାରିଖ ଜୁଲାଇ ମାସ ୨୦୦୦ ମସିହା ସକାଳ ୬ ଟା ସମୟ ଦୁଇଟି ବ୍ରିଟିଶ ଚିନୁକ୍ ହେଲିକପ୍ଟର କୈଲା ହୁନ୍ ଉପରେ ଉଡୁଥିଲା, ସେଥିରୁ ୮୦ ଜଣ କମାଣ୍ଡୋ ଦୌଡ଼ି ସାହାଯ୍ୟରେ ତଳକୁ ଓଲହାଇ ଥିଲେ । କିଛି ସମୟ ପରେ ଏକ ବିସ୍ଫୋରଣ ହୋଇଥିଲା ଏବଂ ଆର୍ ୟୁ ଏଫ୍ ର ଶିବିରର ଦ୍ୱାର ଧ୍ୱଂସ ହୋଇ ଯାଇଥିଲା । ଆର୍‌ୟୁଏଫ୍ ଏହି ଅପ୍ରତ୍ୟାଶିତ ଆକ୍ରମଣ ନିମନ୍ତେ ପ୍ରସ୍ତୁତ ନଥିଲା । ସେହି ସୁଯୋଗରେ ଅପରେସନ୍ ଖୁକ୍ରିର ସେନା ମାନେ ଆର୍ ୟୁ ଏଫ୍ ର ସମସ୍ତ ବାରୁଦ ଗୋଦାମ , ଚେକ୍ ପୋଷ୍ଟ ଦଖଲ କରିନେଲେ । ବନ୍ଧକ ଥିବା ଗୋର୍ଖା ଯବାନମାନେ ମଧ୍ୟ ଭାରତୀୟ ସୈନିକଙ୍କ ସହିତ ଯୋଗ ଦେଇ ଆର୍ ୟୁଏଫ୍ ର ବିଦ୍ରୋହୀ ମାନଙ୍କୁ ଦମନ କରିବାକୁ ଲାଗିଲେ । ଅନେକ ଆର୍ ୟୁ ଏଫ୍ ମୃତାହତ ହେଲେ । ଦୀର୍ଘ ୭୫ ଦିନ ଅସହ୍ୟ ଯନ୍ତ୍ରଣାର ଶିକାର ହୋଇଥିବା ଗୋର୍ଖା ସୈନିକଙ୍କ ସହିତ ମେଜର ପୁନିଆ , କ୍ୟାପଟେନ୍ ସୁନୀଲଙ୍କୁ ମୁକ୍ତି ମିଳିଲା । ଫେରିବା ସମୟରେ ପାଗ ଖରାପ, ଅତ୍ୟଧିକ ବର୍ଷା ଯୋଗୁ ନାନା ପ୍ରକାର ଅସୁବିଧା , ମଝିରେ ମଝିରେ ଆର୍ ୟୁ ଏଫ୍ ମାନଙ୍କ ଆକ୍ରମଣକୁ ଖାତିର ନକରି ଆଗେଇ ଚାଲିଲେ । ପ୍ରାୟ ସକାଳ ୯.୩୦ ସମୟରେ ପାଗର ପରିବର୍ତ୍ତନ ପରେ ହେଲିକପ୍ଟରରେ ସହାୟତା ମିଳିଲା । ସେମାନେ ଫେଣ୍ଡେମ୍ବୁ ପହଞ୍ଚି ଗଲେ, ଦ୍ୱିତୀୟ ଉଦ୍ଧାରକାରୀ ଦଳ ଦାରୁ ଠାରୁ ଫେଣ୍ଡେମ୍ବୁ ଆଡକୁ ଅଗ୍ରସର ହେଉଥିଲେ । ସେମାନେ ଦେଣ୍ଡେମ୍ବୁ ଠାରେ ଆର୍ ୟୁ ଏଫ୍ ମାନଙ୍କୁ ଦମନ ବିନା ଏଆର ଲିଫ୍ଟ ସମ୍ଭବ ନଥିଲା ବୋଲି ଧରିନେଲେ । କୁଇକ୍ ରିଆକ୍ସନ୍ କମ୍ପାନୀ , ମେକାନାଇଜଡ୍ ଇନ୍ଫ୍ରାଣ୍ଟ୍ରି , ଗୋର୍ଖା ରାଇଫଲ୍‌ର ଯବାନ ସେଠାରେ ଉପସ୍ଥିତ ଥିଲେ । ଉଦ୍ଧାରକାରୀ ଦଳ ସହିତ ଆର୍ ୟୁ ଏଫ୍ ର ବ୍ରିଗେଡ୍ ଏବଂ କୁଇଭା ଠାରେ ଭୀଷଣ ଗୁଳି ଗୋଳା ବିନିମୟ ହୋଇଥିଲା । ଭାରତୀୟ ସୈନିକ ବିଜୟ ଲାଭ କରିଥିଲେ ।

ଭାରତୀୟ ହେଲିକପ୍ଟର ଫେଣ୍ଡେମ୍ବୁ ରେ ଆର୍ ୟୁ ଏଫ୍ ଶିବିର ଉପରେ ଭୀଷଣ ଗୁଳି ବର୍ଷଣ କରି ଚାଲିଥିଲା । କିଛି ଘଣ୍ଟା ପରେ ଫେଣ୍ଡେମ୍ବୁ ଭାରତୀୟ ସେନା ଅକ୍ତିଆରକୁ ଆସି ଯାଇଥିଲା । ଉଦ୍ଧାର ପାଇଥିବା ସବୁ ସୈନିକ ସେଦିନ ରାତିରେ ସେଠାରେ ବିଶ୍ରାମ ନେଇଥିଲେ । ସାରା ରାତି ଆର୍ ୟୁ ଏଫ୍ ମାନେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଭାରତୀୟ ହେଲିକପ୍ଟର ପହରା ଦେଇ ସେମାନଙ୍କ ଆଶାକୁ ଧୂଳିସାତ କରି ଦେଇଥିଲା । ୧୬ ଜୁଲାଇ ସନ୍ଧ୍ୟା ପ୍ରାୟ ୫.୩୦ ସମୟରେ ସବୁ ସୈନିକ ସୁରକ୍ଷିତ ଭାବେ ଦାରୁ ପହଞ୍ଚି ଯାଇଥିଲେ । ଅପରେସନ୍ ଖୁକ୍ରିର ପରିଚାଳନା ଶୈଳୀ ଅତୀବ ଚମତ୍କାର ତଥା ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରିବାର ଏକ ଅନନ୍ୟ ଉଦାହରଣ । ଅପରେସନ ଖୁକ୍ରିରେ ଭାରତୀୟ ସୈନିକ ମାନଙ୍କ ସହିତ ସାମିଲ ଥିବା ବିଦେଶୀ ସୈନିକ ମାନେ ଆର୍ ୟୁ ଏଫ୍ ର ମୂଳୋତ୍ପାଟନ କରି ଦେବାକୁ ସକ୍ଷମ ହୋଇଥିଲେ । ସେହିଦିନ ଠାରୁ ସିଏରା ଲିଅନ୍‌ରେ ଆର୍ ୟୁଏଫ୍‌ର ସତ୍ତା ନାହିଁ କହିଲେ ଚଳେ । ଭାରତୀୟ ସୈନ୍ୟ ମାନେ ପୃଥିବୀରେ ଖୁବ୍ ଟାଣୁଆ ସୈନ୍ୟ ଭାବେ ପରିଚିତ, ଦେଶ ମାତୃକା ପାଇଁ ସେମାନେ ଜୀବନ ଦେବାକୁ ପଛାନ୍ତି ନାହିଁ । ଆମ ସୈନିକ ମାନଙ୍କ ପାଇଁ ଆମେ ଶତ ପ୍ରତିଶତ ସୁରକ୍ଷିତ ତଥା ଗର୍ବିତ।
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

16. 05.2026.pmd 1 5/15/2026, 6:04 PM

## ଗୋଷ୍ଠୀସ୍ତରୀୟ ପ୍ରକଳ୍ପ ସମ୍ବନ୍ଧୀୟ କର୍ମଶାଳା
### ସାମଗ୍ରିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହେବ

କୁଚିଣ୍ଡା,୧୫।୫ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅଧୀନସ୍ଥ ବକ୍କମା ପଞ୍ଚାୟତର ଠାକୁରନିକ୍ତିମାଲ ଠାରେ ଭୁବନେଶ୍ୱର ଜାତୀୟ ଭାରତ ପ୍ରତିଷ୍ଠାନ (ଏନ୍ଏଫ୍ଆଇ) ଆନୁକୂଲ୍ୟରେ ରୋପ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଗୋଷ୍ଠୀସ୍ତରୀୟ ପ୍ରକଳ୍ପ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋପ ସମ୍ପାଦକ ପ୍ରଦୀପ କୁମାର ମହାକୁଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରୋପ ଉପଦେଷ୍ଟା ସଞ୍ଜୟ କୁମାର ମିଶ୍ର,ଏମବିକେ ହୁମସିନି ଠାକୁର, ଅଙ୍ଗନୱାଡି କର୍ମୀ ସଂଯୁକ୍ତା ଦେହୁରୀ ଓ ପୁଷ୍ପଲତା ଅମାତ,ୱାର୍ଡ ମେମ୍ବର ସୌଦାମିନୀ ଅମାତ, କୃଷିମିତ୍ର ପ୍ରେମଲତା ନିଖଣ୍ଡିଆ, ସିଆରପି ଅନିତା ମାଝି ଏବଂ ଇସି ମେମ୍ବର ମିନତି ନାୟକ ଓ ସବିତା ବାଘ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଭୁବନେଶ୍ୱର ଜାତୀୟ ଭାରତ ପ୍ରତିଷ୍ଠାନ (ଏନଏଫଆଇ) ସହଯୋଗରେ ୩ବର୍ଷ ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ସାମଗ୍ରିକ ବିକାଶକୁ ଲକ୍ଷ୍ୟ ରଖି ଯୋଜନା ପ୍ରସ୍ତୁତ କରିବାକୁ ଏନଏଫ୍ଆଇର ଲକ୍ଷ୍ୟ ସମ୍ପର୍କରେ ଅବଗତ କରି ୨୦୨୫/୨୬ ଆର୍ଥିକ ବର୍ଷ ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପୂର୍ବକ ଗ୍ରାମବାସୀଙ୍କ ସହଯୋଗ କାମନା କରି ଏହାର ସଫଳତା ପାଇଁ ଅନୁରୋଧ କରିଥିଲେ। ସେହିପରି ଅପରାହ୍ନରେ ବାଙ୍କେ ପଞ୍ଚାୟତ ଅନ୍ତର୍ଗତ ବାବୁମଲଟିରେ ମଧ୍ୟ କାର୍ଯ୍ୟକ୍ରମ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

## ଆଠଗଡ଼ରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି

ଆଠଗଡ଼,୧୫।୫ (ନିପ୍ର): ଆଠଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ସଭାପତିତ୍ୱରେ ଚଳିତ ବର୍ଷର ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀ ଅଟ୍ଟାଳି ଜଗନ୍ନାଥ ଓ ଶ୍ରୀ ଜଗନ୍ନାଥ ବଲ୍ଲଭ ମଠର ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ, ସୁରକ୍ଷିତ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଉକ୍ତ ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସେବାୟତ ସଂଘ, ସଂକୀର୍ତ୍ତନ ମଣ୍ଡଳୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ରଥଯାତ୍ରାର ସମସ୍ତ ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଚଳିତ ବର୍ଷ ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ନୀତି ସମ୍ପନ୍ନ ହେବାକୁ ଥିବାବେଳେ ଜୁଲାଇ ୧୪ ରେ ନେତ୍ରୋତ୍ସବ ଏବଂ ଜୁଲାଇ ୧୬ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ସେହିପରି ବାହୁଡ଼ା ଯାତ୍ରା ଜୁଲାଇ ୨୪ ରେ, ଜୁଲାଇ ୨୫ ରେ ସୁନାବେଶ ଓ ଜୁଲାଇ ୨୭ରେ ନିଳାଦ୍ରୀ ବିଜେ ନୀତି ସମ୍ପନ୍ନ ହେବ ବୋଲି ରାଜ ପୁରୋଧା ସୁଶାନ୍ତ କୁମାର ମିଶ୍ର ସୂଚନା ଦେଇଥିଲେ।

## ନିରାକାରପୁରରେ ମାଙ୍କଡ଼ ଆତଙ୍କ
### ବନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ, ପୁଣି ଜଣେ ନାବାଳକ ରକ୍ତାକ୍ତ

ନିରାକାରପୁର,୧୫।୫ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ହିଂସ୍ର ମାଙ୍କଡ଼ଙ୍କ ଉପଦ୍ରବ ଏବେ ଚରମ ସୀମାରେ ପହଞ୍ଚିଛି। ଦିନକୁ ଦିନ ମାଙ୍କଡ଼ କାମୁଡ଼ା ସଂଖ୍ୟା ବଢୁଥିବା ବେଳେ ସ୍ଥାନୀୟ ବନ ବିଭାଗର ନିଦ ଭାଙ୍ଗୁ ନଥିବା ଅଭିଯୋଗ ହେଉଛି। ଆଜି ପୁଣି ଜଣେ ନାବାଳକ ଛାତ୍ର ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିରାକାରପୁର ମଞ୍ଜରିଆ ପାଟଣା ଗ୍ରାମର ଆୟୁଷ ବାହୁବଳେନ୍ଦ୍ର ନାମକ ଜଣେ ପଞ୍ଚମ ଶ୍ରେଣୀ ଛାତ୍ର ଆଜି ଟିଉସନ ସାରି ଘରକୁ ଫେରୁଥିଲେ। ଏହି ସମୟରେ ଏକ ହିଂସ୍ର ମାଙ୍କଡ଼ ହଠାତ୍ ତାଙ୍କ ଉପରକୁ ଝାମ୍ପି ପଡ଼ିଥିଲା ଏବଂ ତାଙ୍କର ଦୁଇଟି ଯାକ ଗୋଡ଼କୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଇଛି। ଗତ କିଛି ଦିନ ମଧ୍ୟରେ ଏହି ଅଞ୍ଚଳରେ ମାଙ୍କଡ଼ କାମୁଡ଼ାରେ ୫୦ରୁ ଅଧିକ ଲୋକ ଆହତ ହୋଇସାରିଲେଣି।କିଛି ଦିନ ପୂର୍ବେ ବନ ବିଭାଗ ଗୋଟିଏ ହନୁ ମାଙ୍କଡ଼କୁ କାବୁ କରିଥିଲେ ମଧ୍ୟ ଅନ୍ୟ ଏକ ହିଂସ୍ର ମାଙ୍କଡ଼ ଏବେବି ବାହାରେ ବୁଲି ଆକ୍ରମଣ ଜାରି ରଖିଛି।ଗତ କିଛି ଦିନ ହେବ ଏହି ନିର୍ଦ୍ଦିଷ୍ଟ ମାଙ୍କଡ଼ଟି ମଞ୍ଜରିଆ ପାଟଣା ଅଞ୍ଚଳରେ ଡେରା ପକାଇଛି ଏବଂ ୫ରୁ ଅଧିକ ଲୋକଙ୍କୁ କ୍ଷତାକ୍ତ କରିସାରିଲାଣି।'ମାଙ୍କଡ଼ ଭୟରେ ଲୋକେ ଏବେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପିଲାମାନେ ସ୍କୁଲ କିମ୍ବା ଟିଉସନ ଯିବାକୁ ନିରାପଦ ମଣୁନାହାନ୍ତି। ବନ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଉଚିତ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ମାଙ୍କଡ଼ ଉପଦ୍ରବ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏକ ପ୍ରକାର ଅଘୋଷିତ କର୍ଫ୍ୟୁ ଭଳି ସ୍ଥିତି ସୃଷ୍ଟି ହୋଇଛି। ବନ ବିଭାଗର ଶିଥିଳତାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ପାରଳାଖେମୁଣ୍ଡି,୧୫।୫ (ନିପ୍ର); ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗକୁ ଆସୁଥିବା ମୌସୁମୀକୁ ଆଖି ଆଗରେ ରଖି କିଭଳି ଲୋକେ ସୁରକ୍ଷିତ ଭାବେ ରହିବେ ସେ ନେଇ ବିଭିନ୍ନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଲୋକଙ୍କ କିଭଳି କୌଣସି ଅସୁବିଧା ନହେବା ସେଥିପାଇଁ ପୂର୍ବରୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସତର୍କ ରହି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ ।

## ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ୍

ରାଉରକେଲା ,୧୫।୫ (ନିପ୍ର): ଇରାନ ସହିତ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଲାଗିବା ଏବଂ ପରେ ଯୁଦ୍ଧ ବିରତି ହୋଇଥିଲେ ମଧ୍ୟ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଛି। ଷ୍ଟ୍ରେଟ୍ ଅଫ୍ ହରମୁଜ ଦେଇ ସମସ୍ତ ତୈଳବାହୀ ଜାହାଜ ଆସୁଥିବା ବେଳେ ପ୍ରଥମେ ଇରାନ୍ ଦ୍ୱାରା ଏହାର ଅବରୋଧ ଏବଂ ପରେ ଆମେରିକା ଦ୍ୱାରା ଏହାର ଅବରୋଧ କରାଯାଇଥିବାରୁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଭାରତ ସରକାରଙ୍କ ପକ୍ଷରୁ ଅବସ୍ଥାକୁ ଦୃଷ୍ଟି ରଖି ଏବଂ ଅଶୋଧିତ ତୈଳ ଦର ୮୦ରୁ ୧୦୦ ଟଙ୍କା ବୃଦ୍ଧି ଫଳରେ, ଦୀର୍ଘ ୩ ମାସ ଧରି ଅଟକି ରହିଥିବା ପେଟ୍ରୋଲ ଓ ଡିଜେଲ ଦର ୩ ଟଙ୍କା ଅଧିକ ବୃଦ୍ଧି କରିଛନ୍ତି।

ଗାଡିରେ ବ୍ୟବହାର କରାଯାଉଥିବା ସିଏନଜି ଦର ମଧ୍ୟ ୨ ଟଙ୍କା ବୃଦ୍ଧି କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ପେଟ୍ରୋଲ ପରିବହନରେ ସୃଷ୍ଟି ହୋଇଥିବା ଅସୁବିଧାକୁ ଦୃଷ୍ଟିରେ ରଖି ପେଟ୍ରୋଲ ପମ୍ପମାନଙ୍କ ପକ୍ଷରୁ ବାଇକ୍ ଓ ସ୍କୁଟର ପାଇଁ ୨୦୦ ଟଙ୍କା ଏବଂ କାର୍ ପାଇଁ ୫୦୦ ଟଙ୍କାର ପେଟ୍ରୋଲ ଦେବା ପାଇଁ ବ୍ୟବସ୍ଥା ରହିଥିଲା। ଆଜି ଠାରୁ ପେଟ୍ରୋଲର ଲିଟର ପିଛା ମୂଲ୍ୟ ୩ ଟଙ୍କା ବୃଦ୍ଧି ପାଇଥିଲେ ମଧ୍ୟ, ପେଟ୍ରୋଲ ପମ୍ପ ଗୁଡିକରେ ପୂର୍ବପରି ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଦେଖିବାକୁ ବାକି ରହିଲା ଯେ, ଆଗକୁ ଏପରି ସ୍ଥିତି ଲାଗିରହିବ ନା ଆଗକୁ ସ୍ଥିତି ସଙ୍ଗୀନ ହେବ।

# ପଥର ବ୍ଲାଷ୍ଟିଂ ଯୋଗୁଁ ଚାଷୀ ଓ ଗ୍ରାମବାସୀ ହନ୍ତସନ୍ତ
## ଉଚ୍ଛବପାଲି ଓ ଉପରବାହାଲ ଗ୍ରାମବାସୀଙ୍କ ଅଭିଯୋଗ ପରେ ବି କର୍ତ୍ତୃପକ୍ଷଙ୍କ ତତ୍ପରତା ନାହିଁ !

ବଲାଙ୍ଗିର,୧୫।୫ (ନିପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତର ଉଚ୍ଛବପାଲି ଠାରେ ପଥରକୁଆରି ବ୍ଲାଷ୍ଟିଂ ଯୋଗୁଁ ଚାଷୀ ନାହିଁ ନ ଥିବାର ଅସୁବିଧା ଭୋଗୁଛନ୍ତି । ଏହାକୁ ନେଇ କିଛି ବର୍ଷ ପୂର୍ବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଅଭିଯୋଗ କରିଥିଲେ ଗ୍ରାମବାସୀ ତତ୍କାଳିନ ଉପଜିଲ୍ଲାପାଳଙ୍କୁ ଏ ସମ୍ବନ୍ଧରେ ଅଭିଯୋଗ ଓ ଅବଗତ କରାଯାଇଥିଲା । କିଛି ମାସ ପଥର ବ୍ଲାଷ୍ଟିଂ କାମ ବନ୍ଦ ହୋଇଥିଲା କିନ୍ତୁ ପୁଣି ତିନି ଚାରି ବର୍ଷ ହେବ ଏ ଅଂଚଳରେ ପଥର କୁଆରିରେ ବ୍ଲାଷ୍ଟିଂ ରେ ଲିଜଧାରୀଙ୍କ ଦ୍ୱାରା ପଥର ଖନନ ପାଇଁ ବ୍ଲାଷ୍ଟିଂ ଯୋଗୁଁ ସ୍ଥାନୀୟ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ ଜମି ଗୁଡିକରେ ପଥର ଏପଟ ସେପଟେ ପଡୁଥିବାରୁ ଚାଷ ନଷ୍ଟ ହେବା ସହିତ ଚାଷ କାମ ପାଇଁ ଜମିକୁ ଯିବା ପାଇଁ ଚାଷୀମାନେ ଡରୁଛନ୍ତି । ଏହାକୁ ନେଇ ଉପରବାହାଲ ପଂଚାୟତର ଉଚ୍ଛବପାଲି ଓ ଉପରବାହାଲରୁ ଚାଷୀ ଓ ଗ୍ରାମବାସୀମାନେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ପାଖକୁ ପୁଣିଥରେ ଆସି ଅଭିଯୋଗ କରିଛନ୍ତି । ସେମାନେ ଜଣାଇଛନ୍ତି ଯେ ଚାଷ ଜମି ନଷ୍ଟ ହେବା ସହ ସେଠାକାର ରେଡ ରାସ୍ତା ତଥା ବାସଗୃହ ଗୁଡିକ ଭୟଙ୍କର ବିସ୍ଫୋରଣ ପ୍ରଭାବରେ କାନ୍ଥ ଗୁଡିକ ଚିରି ହୋଇଯାଉଛି । ଛୋଟ ଛୋଟ ଛୁଆମାନେ ସ୍କୁଲକୁ ଯିବା ପାଇଁ ଡରୁଛନ୍ତି । ତେଣୁ ଏହା ଶୀଘ୍ର ସମାଧାନ ପାଇଁ ସେମାନେ ଗୁହାରି କରିଥିଲେ। ଏହାର ପ୍ରତିକ୍ରିୟାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ ଏଭଳି ଅସୁବିଧା ସମାଧାନ ଦିଗରେ ପ୍ରଶାସନ ସମ୍ବେଦନଶୀଳତା ଦେଖାଇବା କଥା । ପଥର



ବ୍ଲାଷ୍ଟିଂ ଯୋଗୁଁ ଚାଷ ଜମି ନଷ୍ଟ ହେଉଛି । ତା ସହ ପଥରଖଣ୍ଡ ଏପଟ ସେପଟ ଗାଁ ତଥା ଚାଷ ଜମିରେ ପଡୁଥିବାରୁ ଚାଷୀ ଜମିକୁ ଯିବା ପାଇଁ ଭୟ କରୁଛନ୍ତି । ଛୋଟ ଛୁଆ ସ୍କୁଲ ଯିବା ପାଇଁ ମଧ୍ୟ ଭୟଭୀତ ହେଉଛନ୍ତି । ଏହାକୁ ନେଇ କିଛି ବର୍ଷ ପୂର୍ବେ ଅଭିଯୋଗ କରାଯାଇଥିଲା। କିନ୍ତୁ କିଛି ମାସ ବ୍ଲାଷ୍ଟିଂ ବନ୍ଦ ପରେ ପୁଣି ବ୍ଲାଷ୍ଟିଂ ଜାରି ରହିଛି ।

ଅଭିଯୋଗ ପାଇଲା ପରେ ମଧ୍ୟ ପ୍ରଶାସନ ସମାଧାନ ଦିଗରେ ତତ୍ପରତା ନ ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କହିଛନ୍ତି । ରାଜସ୍ୱ ଆଦାୟ ପାଇଁ କୌଣସି ମତେ ମଧ୍ୟ ଚାଷୀ ଓ ଲୋକଙ୍କ ଜିବନକୁ ନେଇ ପ୍ରଶାସନ ଖେଳିବା ଉଚିତ ନୁହେଁ ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀ ମିଶ୍ର କହିଛନ୍ତି । ତେଣୁ ଏହି କୁଆରି ଗୁଡିକ ପଥର ବ୍ଲାଷ୍ଟିଂ ବନ୍ଦ କରିବା ପାଇଁ ପ୍ରଶାସନ ଶିଘ୍ର ପଦକ୍ଷେପ ନେବା ଉଚିତ । ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ଅଭିଯୋଗ କଲାବେଳେ ଉଚ୍ଛବପାଲି ର ସୁରେଶ ବେହେରା, କିରନ ବେହେରା, ସରୋଜ ପାତ୍ର, ଆନନ୍ଦ ପାତ୍ର, ଅରୁଣ ପାତ୍ର, ଉପରବାହାଲର ବାସୁଦେବ ପ୍ରଧାନ, ରାମଦାଶ ଭୋଇ, ରବିନ୍ଦ୍ର ବିଶ୍ୱାଳ, ବିରଂଚି ପ୍ରଧାନ, ଚକାମନ ବିଶ୍ୱାଳ, ଫକିର ବିଶ୍ୱାଳ ଏବଂ ମାଗୁରବେଡା ସରପଂଚ ସଂଜୟ ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

# ସାବିତ୍ରୀ ବ୍ରତ : ଫଳର ମୂଲ୍ୟ ଆକାଶଛୁଆଁ

ରାଉରକେଲା,୧୫।୫ (ନିପ୍ର): ଶନିବାର ସାବିତ୍ରୀ ବ୍ରତ। ଭାରତୀୟ ସଂସ୍କୃତିରେ ମହିଳାମାନଙ୍କ ଦ୍ୱାରା ସାବିତ୍ରୀ ବ୍ରତର ପାଳନ ତଥା ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁଖ ସମୃଦ୍ଧି କାମନା କରି ଏହି ବ୍ରତ ପାଳନ କରାଯାଇଥାଏ। ଓଡ଼ିଶାର ସଂସ୍କୃତିରେ ମହିଳାମାନଙ୍କ ଦ୍ୱାରା ସାବିତ୍ରୀ ବ୍ରତ ପାଳନର ଗୁରୁତ୍ୱ ଯଥେଷ୍ଟ ରହିଛି। ସାବିତ୍ରୀ ବ୍ରତ ପାଳନ ହେଉଥିବା ବେଳେ, ବଜାରରେ ଫଳର ମୂଲ୍ୟ ଆକାଶ ଛୁଆଁ ହୋଇଛି। ସାବିତ୍ରୀ ବ୍ରତ ପାଳନ ପାଇଁ ମହିଳାମାନେ ଦୋକାନରୁ ଫଳ ଏବଂ ପୂଜା ସାମଗ୍ରୀ କିଣୁଛନ୍ତି। ସହରର ମୁଖ୍ୟ ରାସ୍ତାର ଟ୍ରାଫିକ୍ ମାର୍କେଟ୍, ଡେଲି ମାର୍କେଟ, ବାସନ୍ତୀ ମାର୍କେଟ, ଛେଣ୍ଡ ଭିଏସ୍ଏସ୍ ମାର୍କେଟ, ଇସ୍ପାତ ମାର୍କେଟ, ଆମ୍ବବାଗାନ୍ ମାର୍କେଟ, ପାନପୋଷ ମାର୍କେଟ ସମେତ ଫର୍ଟିଲାଇଜର୍ ମାର୍କେଟରୁ ଫଳ ଏବଂ ପୂଜା ସାମଗ୍ରୀ ସହ ମିଠା କିଣୁଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ଦୋକାନଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। ଫଳର ମୂଲ୍ୟ ବୃଦ୍ଧି ଯୋଗୁଁ ନଡିଆ ଗୋଟା ୬୦ ଟଙ୍କା, କଦଳୀ ଡଜନ ପିଛା ୬୦ ଟଙ୍କା, ଆମ୍ବ କିଲୋ ୬୦ରୁ ୧୦୦ ଟଙ୍କା, ଡାଳିମ୍ବ କିଲୋ ୧୨୦ ଟଙ୍କା, ଲିଚୁ କିଲୋ ୧୧୦ ଟଙ୍କା, ପିଜୁଳି କିଲୋ ୧୦୦ ଟଙ୍କା, ମୌସୁମୀ କିଲୋ ୧୦୦ ଟଙ୍କା, ତାଳ ଗୋଟା ୩୦ ଟଙ୍କା, ଖଜୁରୀ ୫୦ ଟଙ୍କା, ଅନାରସ ତଥା ସପୁରୀ ଗୋଟା ୪୦ ଟଙ୍କା, ସେଓ ୧୨୦ ଟଙ୍କା, କମଳା ୧୦୦ ଟଙ୍କା, ସପେଦା ଫଳ ଏବଂ ଅନ୍ୟାନ୍ୟ ଫଳ ଜୋର ସୋରରେ ବିକ୍ରି ହେଉଛି। ସାବିତ୍ରୀ ପୂଜା ପାଇଁ ମହିଳାମାନେ କପଡ଼ା ଦୋକାନରୁ ଶାଢ଼ୀ ମଧ୍ୟ କିଣୁଛନ୍ତି। ଆଜି ସହରର ବଜାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ସାବିତ୍ରୀ ପୂଜା ପାଇଁ ମହିଳାମାନେ ବ୍ରତ ସମେତ ଅନ୍ୟାନ୍ୟ ସାମଗ୍ରୀ ପୂଜା କିଣୁଥିବା ଦେଖିବାକୁ ମିଳିଛି।



## ଗାଡ଼ି ପିଛା୧୦୦ଟଙ୍କା ତେଲ ,ଲମ୍ବା ଲାଇନ : ଗ୍ରାହକ ହୀନସ୍ତା

ଭଦ୍ରକ,୧୫।୫ (ନିପ୍ର): ଜିଲ୍ଲାରେ ପେଟ୍ରୋଲ ସଙ୍କଟର ପ୍ରଭାବ ଦେଖିବାକୁ ମିଳିଛି। ଜିଲ୍ଲାର ଅନେକ ପେଟ୍ରୋଲ ପମ୍ପରେ ତେଲ ନ ପାଇଁ ଗାଡ଼ି ଧରି ଫେରିଛନ୍ତି ଲୋକେ । ତେବେ ସନ୍ଧ୍ୟାରେ ଚରମ୍ପା ସ୍ଥିତ ଏକ ପମ୍ପରେ ଲମ୍ବା ଲାଇନରେ ଛିଡ଼ା ହୋଇ ଗାଡ଼ି ପିଛି ୧୦୦ ଟଙ୍କାର ତେଲ ଦେବାରେ ଦେଖିବାକୁ ମିଳିଥିଲା । ଏଠି ପ୍ରଶ୍ନ ରାଜ୍ୟରେ



ତେଲର ଅଭାବ ନାହିଁ ବୋଲି ସରକାର କହୁଥିବା ବେଳେ ତେଲ ନ ମିଳିବା ବା ୧୦୦ ଟଙ୍କାର ତେଲ ଦେବା ପଛରେ କାରଣ କଣ ? ଫଳରେ ସାଧାରଣ ଲୋକ ହଇରାଣ ହେବା ସହ ଏକ ସଙ୍କଟ ସ୍ଥିତି ଉପୁଜିଛି । ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ସ୍ୱରୁପ ପ୍ରତି ପମ୍ପର ତେଲ ଷ୍ଟକ୍ ଯାଞ୍ଚ କରିବା ଆବଶ୍ୟକ ଯେ ପ୍ରକୃତରେ ତେଲର ସଙ୍କଟ ଅଛି ନା ଏଭଳି ସ୍ଥିତି ସୃଷ୍ଟି କରାଯାଉଛି ।

# ପୁରୁଣାଗଡ଼ ମାଟି ତଳେ ଲୁଚିରହିଛି ଦ୍ୱିତୀୟ ନଗରୀ ସଭ୍ୟତା
## ପ୍ରତ୍ନତାତ୍ତ୍ୱିକ ଖନନ ଶୁଭାରମ୍ଭ ଆରମ୍ଭ, ମିଳିଛି ଅନେକ ପୁରୁଣା ପାତ୍ର

ରେଢ଼ାଖୋଲ,୧୫।୫ (ନିପ୍ର) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନଏସି ଅନ୍ତର୍ଗତ ପୁରୁଣାଗଡ଼ ମାଟି ତଳେ ଲୁଚି ରହିଛି ଖ୍ରୀଷ୍ଟ ପୂର୍ବ ଷଷ୍ଠ ଶତାବ୍ଦୀ ଦ୍ୱିତୀୟ ନଗରୀକରଣ ସଭ୍ୟତା । ପୂର୍ବରୁ ଅନୁସନ୍ଧାନ ସମୟରେ ମାଟି ତଳୁ ମିଳିଛି ଅନେକ ପୁରୁଣା ପାତ୍ର। ଯାହାକି ୧୦୦୦ରୁ ୨୦୦୦ ବର୍ଷର ପୁରୁଣା ହୋଇ ଥିବାର ଅନୁମାନ କରାଯାଇଛି । ଏହା ଉପରେ ଅଧିକ ତଥ୍ୟ ଜାଣିବା ପାଇଁ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଇତିହାସ ବିଭାଗର ଅତୁଲ କୁମାର ପ୍ରଧାନଙ୍କ ନିର୍ଦ୍ଦେଶନାରେ ତାର ଶୁଭାରମ୍ଭ ହେଲା। ଏଥିରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଏହା ଖନନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଗତ ଦିନରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ପ୍ରଚେଷ୍ଟାରେ ରେଢ଼ାଖୋଲ ଏବଂ ନାକଟିଦେଉଳ ଅଞ୍ଚଳର ଇତିହାସ ପ୍ରତ୍ନତତ୍ତ୍ୱ ଓ ପର୍ଯ୍ୟଟନ ଶିଳ୍ପରେ ଯେଉଁ ଅଗ୍ରଗତି ହେଉଛି ସେଥିପାଇଁ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦେଇଛନ୍ତି ରେଢ଼ାଖୋଲବାସୀ । ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ବିଗତ ଦିନରେ ରେଢ଼ାଖୋଲ ଓ ନାକଟିଦେଉଳ ଅଞ୍ଚଳରେ ପ୍ରାକ ଐତିହାସିକ ଯୁଗର ଜିନିଷ ମିଳିଛି । ବିଗତ ୨ ବର୍ଷ ହେଲା ପ୍ରାକ ଐତିହାସିକ ଯୁଗର ଜିନିଷ ମିଳିଛି। ବିଗତ ୨ ବର୍ଷ ହେଲା ଏହି ଅଞ୍ଚଳରେ ସର୍ବେକ୍ଷଣ କରିଛୁ । ଏହା ଦ୍ୱାରା ଜାଣିଛୁ ଯେ ଏହି ଅଞ୍ଚଳ ସଂସ୍କୃତି ସଭ୍ୟତାର ଗନ୍ତାଘର ଅଟେ । ତେବେ ସେଠାରେ କୌଣସି ପ୍ରତ୍ନତାତ୍ତ୍ୱିକ ଖନନ ହେଉ ନଥିଲା। ତେଣୁ ସମ୍ବଲପୁର ଓ ପଶ୍ଚିମ ଓଡିଶାର ଇତିହାସକୁ ସାଂସ୍କୃତିକ କାଳକ୍ରମ ଦେବା ପାଇଁ ଭାରତ ସରକାରଙ୍କୁ ଅନୁମତି ମାଗିଥିଲୁ, ଆଉ ବର୍ତ୍ତମାନ ଅନୁମତି ମିଳିଛି । ସେ ଆହୁରି କହିଛନ୍ତି, 'ପ୍ରାଥମିକ ଅନୁସନ୍ଧାନ ସମୟରେ ମାଟି ତଳୁ ଯାହା ସବୁ ପାତ୍ର ମିଳିଛି ତାହା ୧୫ଶହ ରୁ ୨ ହଜାର ବର୍ଷ ପୁରୁଣା ପରି ଲାଗୁଛି '।

# ଦୁର୍ନୀତିଗ୍ରସ୍ତ ଏମ୍‌ଡିଙ୍କୁ କାର୍ଯ୍ୟରୁ ଅନ୍ତର,କାର୍ଯ୍ୟାନୁଷ୍ଠାନ ଶୂନ୍ୟ !

ରାୟଗଡା,୧୫।୪ (ନିପ୍ର): ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଏକମାତ୍ର କୃଷକ ବ୍ୟାଙ୍କ ଓ ସମବାୟ ସମିତି। ଏହି ସମବାୟ ସମିତିରେ ୭୫ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଦାୟିତ୍ୱରେ ଥିବା ଏମଡି ନିଜେ ଓ ନିଜ ପରିବାର ଓ ସମ୍ପର୍କୀୟଙ୍କ ନାମରେ ଆତ୍ମସାତ କରିଥିବା ୧୫୫ପୃଷ୍ଠା ପ୍ରମାଣ ହୋଇଥିବା ଡ଼ିଆରସିଏସଙ୍କ ନିକଟରେ ଅଭିଯୋଗ ରହିଛି।ସମସ୍ତ ଘଟଣାକୁ ନେଇ ଲେକଗୁଡ଼ା ପୂର୍ତ୍ତ ବିଭାଗର ଡାକ ବଙ୍ଗଳା ଠାରେ ଲ୍ୟାମ୍ପ ପରିଚାଳନା କମିଟି ସଦସ୍ୟ ଓ ସଦସ୍ୟାଙ୍କ ମଧ୍ୟରେ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସଭାପତି ଶଙ୍କର ହୁଇକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ୭୫ଲକ୍ଷ ଟଙ୍କାରୁ ଅଧିକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଅର୍ଥ ଆତ୍ମସାତ କରିଥିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏଆରସିଏସ ଜନ୍ମଜେୟ ମହାପାତ୍ର କମିଟ ନିର୍ଣ୍ଣୟ ନେବେ ବୋଲି ଦାୟିତ୍ୱ ଦେଇଥିଲେ। ବୈଠକରେ କେବଳ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ରିଜୁଲେସନ ହୋଇଥିଲା। ୭୫ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ପ୍ରମାଣ ମିଳିବା ପରେ ମଧ୍ୟ କେଜାଣି କାହିଁକି କେବଳ ଦାୟିତ୍ୱ ହସ୍ତାନ୍ତର ପାଇଁ ବୈଠକ କରି ସାରି ଦେଇଥିଲେ। ଏଠି ପରିଚାଳନା କମିଟି କିଛି କାର୍ଯ୍ୟାନୁଷ୍ଠାନ ନନେବା ଘଟଣା ସନ୍ଦେହେ ପ୍ରକାଶ ପାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳେ। ଏତେ ଗୁଡ଼ାଏ ଟଙ୍କା ସମିତି ଓ କେସିସି ବ୍ୟାଙ୍କରୁ ବେଆଇନ ଭାବରେ ମିଥ୍ୟା ଗ୍ରହକଙ୍କ ନାମରେ ଉଠାଇ ନେବା ଘଟଣା ଏବେ ରାଜ୍ୟ ସରକାର, ଭିଜିଲାନ୍ସ, ଜିଲ୍ଲା ପ୍ରଶାସନ ଓ ସମବାୟ ସଚିବଙ୍କ ନିକଟରେ ପହଁଚିଛି। କିନ୍ତୁ ଆଜିଯାଏଁ କମିଟି ଓ ଜିଲ୍ଲା ପ୍ରଶାସନ ଓ ସମବାୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନିକି ଟଙ୍କା ଆଦାୟ କରାଯାଇନଥିବା ଆଶ୍ଚର୍ଯ୍ୟ କରିଛି ସାଧାରଣ ଲୋକଙ୍କୁ । ଏଆରସିଏସ ଜନ୍ମଜେୟ ମହାପାତ୍ର ଓ ଲ୍ୟାମ୍ପ ପରିଚାଳନା କମିଟି ତଦନ୍ତ ବେଳେ ଦୁର୍ନୀତି କରିଥିବା କାଗଜ ପତ୍ରରେ ପ୍ରମାଣିତ ହୋଇଥିଲା। ସେତେବେଳେ ଏମଡିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ କହିଥିଲେ କମିଟି। କିନ୍ତୁ ସାତ ଦିନ ସମୟ ମାଗିଥିଲେ ଏମଡି । କିନ୍ତୁ ଆଜିଯାଏ ଦାୟିତ୍ୱ ହସ୍ତାନ୍ତର କରି ନଥିବାରୁ ୧୦ ଦିନହେବ ଲେମ୍ପ ଓ ବ୍ୟାଙ୍କ ରେ କୌଣସି କାର୍ଯ୍ୟ ହେଉନି। କୌଣସି ଚାଷୀ, ଏସେଚଜି, ଜମାକାରୀ କାର୍ଯ୍ୟ ପାଇଁ ଗଲେ କିଏବି କର୍ମଚାରୀ ରହୁ ନାହାନ୍ତି। ଜନୈକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାର ଥିଲେ ମଧ୍ୟ ଦୁର୍ନୀତି ଗ୍ରସ୍ତ ଏମଡି ଲେଡଜର, ଫାଇଲ, ଜମା ଖାତା, ପାସ ବହି,ରସିଦ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ପ୍ରଦାନ କରିନଥିବାରୁ ଲ୍ୟାମ୍ପ ଓ ବ୍ୟାଙ୍କ ଏକ ରକମ ଅଚଳ ହୋଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଯଦି ଏମଡି ୭୫ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ କରିଛନ୍ତି। ତେବେ ତାଙ୍କଠୁ ଆଦାୟ କରା ଯାଉନି କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଭିଜିଲାନ୍ସ ଜୟପୁର ଡିଭିଜନ କଲ୍ୟାଣସିଂହପୁର ଲ୍ୟାମ୍ପରେ ତଦନ୍ତ କଲେ ଆହୁରି ଅଧିକ ତଥ୍ୟ ପଦାକୁ ଆସିବ ବୋଲି କୁହା ଯାଉଛି।ଲ୍ୟାମ୍ପ ଓ ବ୍ୟାଙ୍କକୁ ତଦାରଖ କରିବା ପାଇଁ ପ୍ରତିମାସରେ ଦୁଇଥର ଆସୁଥିବା ସୁପଭାଇଜର ଓ ଏସଆରସିଏସ ମାନେ କଣ ଟଙ୍କା ହେରେଫେର ହୋଇଥିବା ଜାଣି ପାରିଲେନି କେମିତି ନା ସବୁଜାଣି ଚୁପ କାହିଁକି ରହିଲେ ବୋଲି ପ୍ରଶ୍ନ ଉଠିବାରେ ଲାଗିଛି।

ପରିଚାଳନା କମିଟି ବୈଠକ ହୋଇଛି ଉକ୍ତ ବୈଠକରେ ଦାୟିତ୍ୱ ଓ ଲେଜର ଦେବା ପାଇଁ କହିଥିଲେ ମଧ୍ୟ ଦୁର୍ନୀତିଗ୍ରସ୍ତ ଏମଡି ଦାୟିତ୍ୱ ଦେବାପାଇଁ ଅମଙ୍ଗ ହୋଇଥିଲେ। ପୂର୍ବରୁ କୁଆଡେ ବିଭିନ୍ନ ଲ୍ୟାମ୍ପର ଏମଡିମାନେ ଭିଜିଲାନ୍ସ କେସରେ ଅଛନ୍ତି ସେମାନେ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି ତେଣୁ ମୁଁ ଦେବିନାହିଁ ବୋଲି ଜିଦରେ ଅଟଳଥିଲେ। ପରେ କମିଟି ସଦସ୍ୟ ଆପଲସ୍ୱାମୀ କୌଶଲ୍ୟା ଅନ୍ୟମାନଙ୍କ ଲେମ୍ପ କଥା ଏଠି ଆଲୋଚନା ନକରି ଆମ ଲ୍ୟାମ୍ପର ଦୁର୍ନୀତି ହୋଇଛି ତେଣୁ ତୁମେ ଦାୟିତ୍ୱ ହସ୍ତାନ୍ତର କର ବୋଲି କହିବା ପରେ ଦାୟିତ୍ୱ ହସ୍ତାନ୍ତର କରିଥିଲେ ବୋଲି କୁହାଯାଇଛି।

## ମହାରାଜା ବ୍ରଜ ମୋହନ ଦେଓଙ୍କ ଜୟନ୍ତୀ

ଭବାନୀପାଟଣା, ୧୫/୫ (ନି.ପ୍ର)- ଆଧୁନିକ କଳାହାଣ୍ଡିର ନିର୍ମାତା ୩୦ ତମ ନାଗବଂଶୀ ଶାସକ ମହାରାଜା ବ୍ରଜ ମୋହନ ଦେଓଙ୍କ ୧୩୦ ତମ ଜୟନ୍ତୀ ବ୍ରଜ ମୋହନ ସାହିତ୍ୟ ସମିତି ପକ୍ଷରୁ ପାଳିତ ହୋଇଛି। ଭବାନୀପାଟଣା ସ୍ଥିତ ଷ୍ଟାଚ୍ୟୁ ଛକରେ ବ୍ରଜମୋହନ ଦେଓଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ତାପରେ ରାଜବାଟି ସ୍ଥିତ ସଭା ମଣ୍ଡପରେ ଆୟୋଜିତ ସାହିତ୍ୟ ସଭାରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ, ମହାରାଣୀ ରିତୁଜା କୁମାରୀ ଦେବୀ ଓ କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଆଲୋଚକ ଭାବରେ ଡ଼ ଦାଶରଥି ଆଚାର୍ଯ୍ୟ ଓ ଅର୍ଚ୍ଚନା ମିଶ୍ର ଯୋଗ ଦେଇଥିଲେ। ୧୯୧୭ ରୁ ୧୯୩୯ ଯାଏଁ ୩୦ ତମ ନାଗବଂଶୀ ଶାସକ ଭାବରେ ମହାରାଜା ବ୍ରଜ ମୋହନ ଦେଓ କଳାହାଣ୍ଡିରେ ରାଜୁତି କରିଥିଲେ।


# ବିଷ୍ଣୁମୁଣ୍ଡାରେ ହେବ ନୂଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ: ୧୦୦ କୋଟିର ବ୍ୟୟ ବରାଦ

ବଲାଙ୍ଗିର,୧୫।୫ (ନିପ୍ର):ବଲାଙ୍ଗିର ସହରର ବିଷ୍ଣୁମୁଣ୍ଡା ଠାରେ ହେବ ପ୍ରସ୍ତାବିତ ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ। ଏନେଇ ପୂର୍ତ୍ତ ବିଭାଗ ପକ୍ଷର ପ୍ଲାନିଂ ଏବଂ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି । ବିଭାଗ ପକ୍ଷରୁ ପ୍ରସ୍ତୁତ ନକ୍ସା ଅନୁଯାୟୀ ଭବିଷ୍ୟତକୁ ନଜରରେ ରଖି ପ୍ରାୟ ୧୪ ଏକର ଜମି ଅଧିଗ୍ରହଣ କରାଯିବ। ସେଥିରୁ ପ୍ରାୟ ୩.୯୨୫ ଏକର ଜମିରେ ହେବାକୁ ଥିବା ଏହି ଅତ୍ୟାଧୁନିକ କୋଠାଟି ତିନି ମହଲା(ଜି-୩) ବିଶିଷ୍ଟ ହେବ । ଏହାବାଦ୍ ୮୨୬ ବର୍ଗମିଟର ଅଂଚଳରେ ଏକ ଦୁଇ ମହଲା ବିଶିଷ୍ଟ ଅତିଥି ଭବନ ଏବଂ ୮୨୩ ବର୍ଗ ମିଟର ଜମିରେ ଏକ ଦୁଇମହଲା ବିଶିଷ୍ଟ ପୁଲିସ ଷ୍ଟେସନ ରହିବାର ବ୍ୟବସ୍ଥା କରାଯାଇଛି। କେବଳ ଏତିକି ନୁହେଁ ଏହି କ୍ୟାମ୍ପସରେ ଏକ ପ୍ରସ୍ତିତି ହ୍ୟାଲିପେଡର ବ୍ୟବସ୍ଥା ମଧ୍ୟ କରାଯାଉଛି । ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ଏହି ଗୋଟିଏ କୋଠାରେ ରହିବ। କୋଠା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ତେବେ ଜୁନ ସୁଦ୍ଧା ଡିପିଆରକୁ ଅନୁମୋଦନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୂର୍ତ୍ତ ବିଭାଗ ପ୍ରସ୍ତୁତି ଚଳାଇଥିବା ପୂର୍ତ୍ତବିଭାଗ ସୁପରିଟେଣ୍ଡିଙ୍ଗ ଇଂଜିନିୟର ଆଶୁତୋଷ ଜେନା ପ୍ରକାଶ କରିଛନ୍ତି । ଡିପିଆର ଅନୁଯାୟୀ ମିନି-ସଚିବାଳୟ ଢାଚାଂରେ ହେବାକୁ ଥିବା ଏହି କୋଠାର ମଧ୍ୟଭାଗରେ ଜିଲ୍ଲାପାଳଙ୍କ ଚାମ୍ବାର, ଏଡିଏମଙ୍କ ଚାମ୍ବାର, ଏନଆଇସି ବୈଠକ କକ୍ଷ, ଅଭିଯୋଗ ହଲ, କୋର୍ଟ ରୁମ୍, ରେକର୍ଡ ରୁମ୍, ପ୍ରତୀକ୍ଷାଳୟ,



ସିଡି, ଲିଫ୍ଟ ଏବଂ ମହିଳା ଓ ପୁରୁଷ ଶୌଚାଳୟ ରହିବ। ପ୍ରଥମ ମହଲାରେ ବିଭାଗୀୟ ଶାଖା ଯଥା ତାଉଜି, ରାଜସ୍ୱ ପ୍ରତିଷ୍ଠାନ, ସାଧାରଣ, ନଜାରତ, ଜରୁରୀକାଳୀନ, ନ୍ୟାୟିକ, ନିର୍ବାଚନ, ଶାଖା ସମେତ ଶୌଚାଳୟ ଇତ୍ୟାଦି ରହିବ । ଦ୍ୱିତୀୟ ମହଲାରେ ଜମି ଅଧିଗ୍ରହଣ, ଜନଗଣନା, ମଙ୍ଗଳ କାର୍ଯ୍ୟାଳୟ, ସଚଂୟ ଅଧିକାରୀ କାର୍ଯ୍ୟାଳୟ, ସମ୍ମିଳନୀ ହଲ୍ ଅଦି ରହିବ । ସେହିପରି ତୃତିୟ ମହଲାରେ ମଧ୍ୟ ବିଭିନ୍ନ କାଯ୍ୟାଳୟ ରହିବ। ଏହାବାଦ ନିକଟରେ ଏକ ପୁଲିସ ଷ୍ଟେସନ ରହିବ। ଯେଉଁଥିରେ ମାର୍ଗଦର୍ଶିକା ଅନୁଯାୟୀ ମହିଳା ଓ ଶିଶୁ ଡେସ୍କ, ଭିଏଚଏଫ ରୁମ୍, ସିସିଟିଏନଏସ, ରାଡାର, ବାରାକ, ମାଲଖାନା, ଶୌଚାଳୟ ରହିବ । ଏହାବାଦ ପାଖରେ ଦୁଇମହଲା ବିଶିଷ୍ଟ ଏକ ଅତିଥି ଭବନ ହେବ। ଯେଉଁଥିରେ ପାର୍କିଂ, ପ୍ରତୀକ୍ଷାଳୟ ଏବଂ ୫ଟି ଅତିଥି କକ୍ଷ ରହିବ। ଏହାବାଦ୍ କାର୍ଯ୍ୟାଳୟକୁ ସ୍ୱତନ୍ତ୍ର ପ୍ରବେଶ ଏବଂ ପ୍ରସ୍ଥାନ ରାସ୍ତା ରହିବ । ସମ୍ପୂର୍ଣ୍ଣ କୋଠାଟି ଅଗ୍ନି ନିରାପତା ମାନଦଣ୍ଡ ଅନୁଯାୟୀ ହାଇଡ୍ରାଟଂ ସିଷ୍ଟମ, ଅଗ୍ନି ନିର୍ବାପକ, ଆଲାରାମ୍, ସ୍ୱୟଂଚାଳିତ ସ୍ପ୍ରିଙ୍କଲର ସିଷ୍ଟମ, କ୍ୟାମେରା ଲାଗିବ। ଯାହା କୋଠାର ସୁରକ୍ଷା ଏବଂ ସ୍ଥାୟିତ୍ୱକୁ ବଜାୟ ରଖିବ ବୋଲି ଏସସି ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ଡଲାର ମୂଲ୍ୟ ୯୬ ଟଙ୍କାରୁ ଅଧିକ



ନୂଆଦିଲ୍ଲୀ, ୧୫/୫: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୧୧୦ ଡଲାରରୁ ଅଧିକ ହୋଇଯିବା ପରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇ ୯୬ ଟଙ୍କା ସ୍ତର ଅତିକ୍ରମ କରିଛି। ପ୍ରଥମ ଥର ପାଇଁ ଡଲାର ମୂଲ୍ୟ ୯୬ ଟଙ୍କାରୁ ଅଧିକ ହୋଇଛି। ଗତ କିଛି ଦିନ ଧରି ଟଙ୍କା ଦୁର୍ବଳରୁ ଅତି ଦୁର୍ବଳ ସ୍ତର ଆଡ଼କୁ ଗତି କରୁଥିଲା। ମୁଦ୍ରା ବିନିମୟ ବଜାରରେ କାରବାର ବେଳେ ଆଜି ଏକ ସମୟରେ ଡଲାର ଦାମ୍ ୯୬ ଟଙ୍କା ୫ ପଇସା ହୋଇଯାଇଥିଲା। ଚଳିତ ବର୍ଷ ଡଲାର ତୁଳନାରେ ଟଙ୍କା ୬ ପ୍ରତିଶତରୁ ଅଧିକ ଦୁର୍ବଳ ହୋଇସାରିଲାଣି। ଏସିଆର ବିଭିନ୍ନ ଦେଶ ତୁଳନାରେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ପ୍ରଦର୍ଶନ ସବୁଠୁ ଖରାପ ରହିଛି। ଅଶୋଧିତ ତୈଳ ଦର ବଢ଼ିଲେ ଡଲାର ଚାହିଦା ହଠାତ୍ ବଢ଼ିଯାଏ। ଆମଦାନିକାରୀମାନେ ଅଧିକ ଡଲାର କିଣୁଥିବାରୁ ତାହାର ଦାମ୍ ବଢୁଥିବା ଟ୍ରେଡରମାନେ କହିଛନ୍ତି। ଭାରତ ଅଶୋଧିତ ତେଲ, ସାର, ଖାଇବା ତେଲ ଭଳି ଅତ୍ୟାବଶ୍ୟକ ଜିନିଷ କିଣିବା ପାଇଁ ବିପୁଳ ପରିମାଣର ଡଲାର ଖର୍ଚ୍ଚ କରୁଛି। ଏଭଳି ସ୍ଥିତିରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି ହୋଇଛି। ସେଥିରେ ଥିବା ଡଲାରକୁ ରିଜର୍ଭ ବ୍ୟାଙ୍କ ବାହାର କରି ବିକ୍ରି କରୁଥିବାରୁ ଭଣ୍ଡାର ପରିମାଣ ଲାଗାତାର ଭାବେ କମ୍ ହେବାରେ ଲାଗିଛି। ଅନ୍ୟପଟେ, ଇକ୍ୱିଟି ବଜାରରୁ ବିଦେଶୀ ନିବେଶକମାନେ ପ୍ରତିଦିନ କୋଟି କୋଟି ଡଲାର ପ୍ରତ୍ୟାହାର କରୁଛନ୍ତି। ଗୋଟିଏ ପଟେ ନୂଆ ବିଦେଶୀ ମୁଦ୍ରା ଆଗମନ ହ୍ରାସ ପାଇବା ଓ ଅନ୍ୟପଟେ ଦେଶରେ ଯେତିକି ବିଦେଶୀ ମୁଦ୍ରା ରହିଛି ତାହା ଦ୍ରୁତ ଗତିରେ କମ୍ ହେଉଥିବାରୁ ଦେଶରେ ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି ହୋଇଛି।

# ବିବାଦୀୟ ସ୍ଥାନକୁ ମନ୍ଦିର ମାନ୍ୟତା ଦେଲେ ଇନ୍ଦୋର ହାଇକୋର୍ଟ



**ନୂଆଦିଲ୍ଲୀ, ୧୫/୫:** ମଧ୍ୟପ୍ରଦେଶର ଧାର ଭୋଜଶାଳା ମାମଲାରେ ଇନ୍ଦୋର ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କୋର୍ଟ ବିବାଦୀୟ ସ୍ଥାନକୁ ମନ୍ଦିର ଭାବରେ ମାନ୍ୟତା ଦେଇଛନ୍ତି ଏବଂ କହିଛନ୍ତି ଯେ, ଏଠାରେ ହିନ୍ଦୁ ମାନଙ୍କର ପୂଜା କରିବାର ଅଧିକାର ଅଛି। ଚଳିତ ମାସ ୧୨ ତାରିଖରେ ହାଇକୋର୍ଟ ଏହି ମାମଲାରେ ତାଙ୍କର ନିଷ୍ପତ୍ତି ସଂରକ୍ଷିତ ରଖିଥିଲେ। ଏବେ ଅଦାଲତଙ୍କ ଏହି ନିଷ୍ପତ୍ତି ଉପରେ ସହର କାଜି ଓ୍ୱାକାର ସାଦିକ ଏକ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ସେ କୋର୍ଟଙ୍କ ନିଷ୍ପତ୍ତି ପଢିବେ ଏବଂ ବୁଝିବେ। ସେ ଏହା ମଧ୍ୟ କହିଛନ୍ତି ଯେ, ମୁସଲିମ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। ଧାର ଭୋଜଶାଳା ମାମଲାରେ ରାୟ ପ୍ରଦାନ କରିବା ପାଇଁ ଆଜି (ଶୁକ୍ରବାର) ହାଇକୋର୍ଟ ବେଞ୍ଚ ଏକ ବୈଠକ କରିଥିଲେ। ଏହି ସମୟରେ ବିଚାରପତି କୋର୍ଟକୁ ସହାୟତା କରିଥିବା ସମସ୍ତ ଓକିଲଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। କୋର୍ଟ କହିଛନ୍ତି, 'ଆମେ ତଥ୍ୟ ଏବଂ ଏଏସଆଇ ଆଇନ ଯାଞ୍ଚ କରିଥିଲୁ। ପ୍ରତ୍ନତତ୍ତ୍ୱ ଏକ ବିଜ୍ଞାନ। ଏହାର ଆଧାରରେ ଆସିଥିବା ନିଷ୍କର୍ଷକୁ ବିଶ୍ୱାସ କରାଯାଇପାରିବ। ଏହା ବ୍ୟତୀତ, ସମ୍ବିଧାନ ଅନୁଯାୟୀ ସୁନିଶ୍ଚିତ ମୌଳିକ ଅଧିକାର ଗୁଡ଼ିକୁ ମଧ୍ୟ ବିଚାର କରିବାକୁ ପଡିବ। ଏହା ପରମାର ରାଜବଂଶର ରାଜା ଭୋଜଙ୍କ ସମୟରେ ସଂସ୍କୃତ ଶିକ୍ଷାର ଏକ କେନ୍ଦ୍ର ଥିଲା।' ଏହା ଦେବୀ ସରସ୍ୱତୀଙ୍କ ପ୍ରତି ଉତ୍ସର୍ଗୀକୃତ ଏକ ମନ୍ଦିର ଥିଲା। ଭୋଜଶାଳା ସଂକଳନ ଏକ ସଂରକ୍ଷିତ ସ୍ମାରକୀ। ଏହା ଏକ ମନ୍ଦିର। ଏଠାରେ ହିନ୍ଦୁ ମାନଙ୍କର ପୂଜା କରିବାର ଅଧିକାର ଅଛି। ସରକାର ଏବଂ ଏଏସଆଇ ସେଠାରେ ସଂସ୍କୃତ ଶିକ୍ଷା ପ୍ରଦାନ କରିବା ବିଷୟରେ ମଧ୍ୟ ବିଚାର କରିବା ଉଚିତ। ଦେବୀ ସରସ୍ୱତୀଙ୍କ ପ୍ରତିମାକୁ ଭାରତ ଫେରାଇ ଆଣିବା ଏବଂ ମନ୍ଦିରରେ ସ୍ଥାପନ କରିବା ବିଷୟରେ, କେନ୍ଦ୍ର ସରକାର ଏହା ବିଚାର କରିବା ଉଚିତ। ମୁସଲିମ ପକ୍ଷ ମସଜିଦ ପାଇଁ ସ୍ଥାନ ପାଇଁ ସରକାରଙ୍କୁ ଆବେଦନ କରିପାରିବେ। ମସଜିଦ ଏପରି ସ୍ଥାନରେ ଅବସ୍ଥିତ ହେବା ଉଚିତ ଯାହା ଯେପରି ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ନ କରେ। ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ କହିଛନ୍ତି ଯେ ୨୦୦୩ ମସିହାରେ ଇଏଓ ଦ୍ୱାରା ମୁସଲମାନ ମାନଙ୍କୁ ସେଠାରେ ନମାଜ ପାଠ କରିବାକୁ ଅନୁମତି ଦେବାର ଆଦେଶ ପ୍ରତ୍ୟାହାର କରାଯାଇଛି। ଏଏସଆଇ ସେହି ପରିସରକୁ ସୁରକ୍ଷା ଜାରି ରଖିବା ଉଚିତ।

# ତେଲ ଦର ବୃଦ୍ଧି: କେନ୍ଦ୍ର ଉପରେ ବର୍ଷିଲେ ରାହୁଲ



ନୂଆଦିଲ୍ଲୀ, ୧୫/୫: ଦେଶରେ ପେଟ୍ରୋଲ-ଡିଜେଲ ଦରରେ ୩ଟଙ୍କାରୁ ଅଧିକ ବୃଦ୍ଧି ହେବା ପରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସୋସିଆଲ ମିଡିଆ ପ୍ଲାଟଫର୍ମ ''ଏକ୍ସ''ରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି ଯେ, 'ମୋଦୀ ସରକାରଙ୍କ ଭୁଲ୍ ପାଇଁ ଜନତାଙ୍କୁ ମୂଲ୍ୟ ଦେବାକୁ ପଡୁଛି। ୩ ଟଙ୍କାର ଝଟକା ଲାଗିସାରିଛି ଏବଂ ବାକି କିସ୍ତିରେ ଲୋକଙ୍କଠୁ ଆଦାୟ କରାଯିବ। କଂଗ୍ରେସ ଦଳ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ''ଇନଫ୍ଲେସନ୍ ମ୍ୟାନ୍'' (ମୁଦ୍ରାସ୍ଫୀତି ବ୍ୟକ୍ତି) ଭାବେ ସମ୍ବୋଧିତ କରିବା ସହ ନିର୍ବାଚନ ଶେଷ ହେବା ମାତ୍ରେ ସାଧାରଣ ଜନତାଙ୍କ ଉପରେ ଦରବୃଦ୍ଧିର ମାଡ଼ ଆରମ୍ଭ କରିଦିଆଇଛି ବୋଲି କହି ସମାଲୋଚନା କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏହି ପରିସ୍ଥିତିକୁ 'ମୋଦି-ସରକାର-ନିର୍ମିତ ସଙ୍କଟ' ବୋଲି କହିବା ସହ ଦେଶର ଆର୍ଥିକ ଅବସ୍ଥା ପାଇଁ ସରକାରଙ୍କ ଅକ୍ଷମତା ଓ ଦୂରଦୃଷ୍ଟିର ଅଭାବକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ ଇନ୍ଧନ ସଙ୍କଟ ତୁଳନାରେ ଭାରତରେ ନେତୃତ୍ୱର ଅଭାବ ଏହି ସମସ୍ୟାକୁ ଅଧିକ ଜଟିଳ କରିଛି। ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଜାରି ରହିଥିବା ସଂଘର୍ଷ ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ପେଟ୍ରୋଲ ଦର ୩.୧୪ ଟଙ୍କା ଓ ଡିଜେଲ ୩.୧୧ ଟଙ୍କା ବୃଦ୍ଧି ପାଇଛି, ସିଏନଜି ଦରରେ ମଧ୍ୟ ୨ ଟଙ୍କା ବୃଦ୍ଧି କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦୈନିକ ୧,୦୦୦ କୋଟିରୁ ଅଧିକ କ୍ଷତି ସହୁଥିବାରୁ ଏହି ଦର ବୃଦ୍ଧି ଅନିବାର୍ଯ୍ୟ ହୋଇପଡ଼ିଥିଲା। ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ଏବେ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳକୁ ବିପଦରେ ପକାଇଛି।

# ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବଢ଼ିବା ଆଶଙ୍କା

ନୂଆଦିଲ୍ଲୀ, ୧୫/୫: ତୈଳ କମ୍ପାନିଙ୍କ କ୍ଷତି ଅସହ୍ୟ ହେବା ପରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୩ ଟଙ୍କା ବଢ଼ିଛି। ତେବେ ଏତିକି ଦରବୃଦ୍ଧି ବନ୍ଦ ହୋଇଯିବ ନାହିଁ। ବିଶେଷଜ୍ଞମାନଙ୍କ ମତରେ ଅଶୋଧିତ ତେଲ ଦର ବ୍ୟାରେଲ ପ୍ରତି ୧୨୫ ଡଲାର ପାଖାପାଖି ରହିଛି। ସେହି ଅନୁସାରେ ଆଜି କରାଯାଇଥିବା ଦରବୃଦ୍ଧି ଯଥେଷ୍ଟ ନୁହେଁ। ତେଣୁ ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବହୁବାର ବଢ଼ିବାର ଆଶଙ୍କା ରହିଛି।ଭାଲେଣ୍ଟିସ୍ ଆଡଭାଇଜର୍ସର ପ୍ରତିଷ୍ଠାତା ଜ୍ୟୋତିବର୍ଦ୍ଧନ ଜୟପୁରିଆ କହିଛନ୍ତି ଯେ ଯଦି ଯୁଦ୍ଧ ଲାଗି ରହିବ ତେବେ ଆଗାମୀ ଦିନରେ ତେଲ ଦର ଆହୁରି ବଢ଼ିବ। ଦରବୃଦ୍ଧିର ପରିମାଣ ଯଥାସମ୍ଭବ କମ୍ ରଖିବାକୁ ହେଲେ ସରକାରଙ୍କୁ ନୀତି ନିୟମ ଆଧାରିତ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଇରାନ ଯୁଦ୍ଧ ଆରମ୍ଭ ହେବାର ୧୧ ସପ୍ତାହ ହୋଇଗଲାଣି। ଇତି ମଧ୍ୟରେ ଅଶୋଧିତ ତେଲ ଦର ବହୁତ ବଢ଼ିଥିଲେ ମଧ୍ୟ ସରକାରୀ ତେଲ କମ୍ପାନି ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ ଦରବୃଦ୍ଧିକୁ ଅଟକାଇଥିଲେ। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅଶୋଧିତ ତେଲ ଦର ବ୍ୟାରେଲ ପ୍ରତି ୬୦ ଡଲାର ଥିଲା। ଏବେ ତାହା ୧୨୫ ଡଲାର ପାଖାପାଖି ରହିଛି। ଆଲଫାନିତି ଫିନ୍‌ଟେକ୍‌ର ସହ ପ୍ରତିଷ୍ଠାତା ୟୁ ଆର ଭଟ୍ଟ ମଧ୍ୟ ଭାବୁଛନ୍ତି ଯେ ଆଜି ପେଟ୍ରୋଲ ଦରରେ ହୋଇଥିବା ବୃଦ୍ଧି ଯଥେଷ୍ଟ ନୁହେଁ। ଆଗାମୀ ଦିନରେ ଦର ଆହୁରି ବଢ଼ିବ। ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ଏଭଳି ଦରବୃଦ୍ଧି ଘଟିବ ବୋଲି ସେ ଆକଳନ କରିଛନ୍ତି।

### ୟୁଏଇରେ ପ୍ରଧାନମନ୍ତ୍ରୀ ମୋଦି

# ଭାରତରେ ୫ ବିଲିୟନ ଆମେରିକୀୟ ଡଲାର ହେବ ନିବେଶ

ନୂଆଦିଲ୍ଲୀ,୧୫।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ସଂଯୁକ୍ତ ଆରବ ଏମିରେଟ୍ସକୁ ସରକାରୀ ଗସ୍ତ କରିଛନ୍ତି। ବିମାନବନ୍ଦରରେ ୟୁଏଇର ରାଷ୍ଟ୍ରପତି ମହାମହିମ ଶେଖ ମହମ୍ମଦ ବିନ୍ ଜାୟେଦ ଅଲ୍ ନହୟାନ ତାଙ୍କୁ ସ୍ୱାଗତ କରିବା ସହ ସେଠାରେ ତାଙ୍କୁ ଭବ୍ୟ ସାମରିକ ସମ୍ମାନ ପ୍ରଦାନ କରାଯାଇଥିଲା। ଦୁଇ ନେତା ଏକାଧିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି, ଯେଉଁଥିରେ ପ୍ରଧାନମନ୍ତ୍ରୀ ୟୁଏଇ ଉପରେ ହୋଇଥିବା ଆକ୍ରମଣକୁ ଭାରତର ଦୃଢ଼ ନିନ୍ଦା ଓ ୟୁଏଇର ନେତୃତ୍ୱ ଏବଂ ଲୋକଙ୍କ ସହିତ ଭାରତର ଏକତାକୁ ପୁନଃସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ହର୍ମୁଜ୍ ପ୍ରଣାଳୀ ଦେଇ ନିରାପଦ ପରିବହନ ମାର୍ଗ ଏବଂ ଅବାଧ ନୌଚାଳନା ସୁନିଶ୍ଚିତ କରିବା ସପକ୍ଷରେ ଭାରତର ସ୍ପଷ୍ଟ ମତକୁ ମଧ୍ୟ ପ୍ରକାଶ କରିଛନ୍ତି, ଯାହା ଦୀର୍ଘସ୍ଥାୟୀ ଅଞ୍ଚଳୀୟ ଶାନ୍ତି, ସ୍ଥିରତା, ଏବଂ ଶକ୍ତି ଓ ଖାଦ୍ୟ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ସମୀକ୍ଷା ମଧ୍ୟ କରିଛନ୍ତି ଏବଂ ଶକ୍ତି, ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ସୁରକ୍ଷା, ଫିନଟେକ୍, ଭିତ୍ତିଭୂମି, ଶିକ୍ଷା, ସଂସ୍କୃତି ଏବଂ ଜନସମ୍ପର୍କ ସମେତ ବିଭିନ୍ନ ବ୍ୟାପକ ରଣନୈତିକ ସହଭାଗୀତାର ଗଭୀରତାକୁ ସ୍ୱାଗତ କରିଛନ୍ତି। ସେମାନେ ଭାରତ-ୟୁଏଇ ବ୍ୟାପକ ଆର୍ଥିକ ସହଭାଗିତା ଚୁକ୍ତିନାମା (ସିଇପିଏ)ର ସଫଳତାକୁ ସ୍ୱୀକାର କରିଛନ୍ତି, ଯାହା ଦ୍ୱିପାକ୍ଷିକ ବାଣିଜ୍ୟକୁ ନୂତନ ଉଚ୍ଚତାକୁ ନେଇଯାଇଛି। ଦୁଇ ନେତା ସଜୀବ ଏବଂ ବୃଦ୍ଧି ପାଉଥିବା ଦ୍ୱିପାକ୍ଷିକ ଶକ୍ତି ସହଭାଗୀତାକୁ ପ୍ରଶଂସା କରିଛନ୍ତି, ଯେଉଁଥିରେ ୟୁଏଇ ଅଶୋଧିତ ତୈଳ, ଏଲଏନଜି ଏବଂ ଏଲପିଜି ଯୋଗାଣ ସମେତ ଭାରତର ଶକ୍ତି ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଭାବରେ ନିଜର ଭୂମିକା ବଜାୟ ରଖିଛି। ଦୁଇ ନେତା ଏକ ବ୍ୟାପକ ଶକ୍ତି ସହଭାଗୀତା ପାଇଁ ନୂତନ ପଦକ୍ଷେପକୁ ପ୍ରୋତ୍ସାହିତ କରିବାକୁ ସହମତ ହୋଇଛନ୍ତି।ଦୁଇ ନେତା ୟୁଏଇ ସଂସ୍ଥାଗୁଡ଼ିକ ଦ୍ୱାରା ଭାରତରେ ୫ ବିଲିୟନ ଆମେରିକୀୟ ଡଲାର ନିବେଶ ଘୋଷଣାକୁ ସ୍ୱାଗତ କରିଛନ୍ତି।

# ଦୁଇ ଦିନ ଓ୍ୱାର୍କ ଫ୍ରମ୍ ହୋମ୍, ନୋ-କାର ଡେ

ନୂଆଦିଲ୍ଲୀ, ୧୫/୫: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବିଶ୍ୱବ୍ୟାପୀ ତୈଳ ସଙ୍କଟ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଦେଶବାସୀଙ୍କୁ ପେଟ୍ରୋଲ, ଡିଜେଲ ବ୍ୟବହାର କମାଇବା ପାଇଁ ଅନୁରୋଧ କରିଥିଲେ। ମୋଦୀଙ୍କର ଏହି ଅନୁରୋଧ ପରେ ଆଜି ଦିଲ୍ଲୀ ସରକାର ଇନ୍ଧନ ବଞ୍ଚାଇବା ପାଇଁ କେତେକ ଜରୁରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ନୂଆ ପଦକ୍ଷେପ ଅନୁଯାୟୀ ଦିଲ୍ଲୀର ସମସ୍ତ ସରକାରୀ କର୍ମଚାରୀ ପ୍ରତି ସପ୍ତାହରେ ୨ ଦିନ ଘରୁ କାମ (ଓ୍ୱାର୍କ ଫ୍ରମ୍ ହୋମ୍) କରିବେ। ତୈଳ ବ୍ୟବହାର କମାଇବା ପାଇଁ ୫୦ ପ୍ରତିଶତ ସରକାରୀ ବୈଠକ ଅନଲାଇନ୍ ଦ୍ୱାରା ହେବ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଏ ନେଇ ଘୋଷଣା କରିଛନ୍ତି। ସେହିପରି ଟ୍ରାଫିକ ଜାମ୍ ସମସ୍ୟାର ମୁକାବିଲା କରିବା ପାଇଁ ଦିଲ୍ଲୀ ସରକାର ଓ ଏମ୍‌ସିଡି ଅଫିସ୍ ସମୟ ବଦଳାଇବେ। ସରକାରୀ ଗାଡ଼ି ବ୍ୟବହାର କମାଇବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଅଫିସରମାନଙ୍କୁ ଦିଆଯାଇଥିବା ପେଟ୍ରୋଲ ଲିମିଟ୍‌କୁ ୨୦ ପ୍ରତିଶତ କମାଯାଇଛି। ସେହିପରି ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପଦକ୍ଷେପ ଗ୍ରହଣ କରି ଦିଲ୍ଲୀ 'ମେଟ୍ରୋ ଡେ' ପାଳନ କରିବ। ସରକାର ମଧ୍ୟ ପ୍ରତି ସପ୍ତାହରେ ଥରେ ଲୋକଙ୍କୁ 'ନୋ କାର ଡେ' (କାରବିହୀନ ଦିବସ) ପାଳନ କରିବା ପାଇଁ କହିଛନ୍ତି। ଦିଲ୍ଲୀ ସରକାର ଘୋଷଣା କରିଛନ୍ତି ଯେ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସରକାର କୌଣସି ନୂଆ ଗାଡ଼ି କିଣିବେ ନାହିଁ। ସରକାରୀ କର୍ମଚାରୀଙ୍କ ପାଇଁ ୨୯ଟି ସରକାରୀ କଲୋନିରେ ସ୍ୱତନ୍ତ୍ର ବସ୍ ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକମାନଙ୍କୁ ଅନାବଶ୍ୟକ ତୈଳ ଖର୍ଚ୍ଚ କମାଇବା ପାଇଁ ଅନୁରୋଧ କରିବା ପରେ ଦିଲ୍ଲୀ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

# ବିମାନ ଟିକଟ ଦରକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ



ନୂଆଦିଲ୍ଲୀ, ୧୫/୫: ଦେଶରେ ବିମାନ ଟିକଟ ଦରରେ ଘଟିଥିବା ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଯାତ୍ରୀମାନଙ୍କୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ ଯେ ସମାନ ରୁଟ ପାଇଁ ଗୋଟିଏ ଦିନରେ ଏକ ଏୟାରଲାଇନ୍‌ର ଟିକଟ ଦାମ୍ ୮୦୦୦ ଟଙ୍କା ରହୁଥିବା ବେଳେ ଆଉ କାହାର ୧୮ହଜାର ଟଙ୍କା ରହୁଛି। ଟିକଟ ଦାମ୍‌ରେ ରହୁଥିବା ଏହି ତାରତମ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବିମାନ ଯାତ୍ରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଦରକାର ବୋଲି ସରକାରଙ୍କ ପାଇଁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ କହିଥିଲେ। ବିମାନ ଟିକଟ ଦାମ୍‌ରେ ହେଉଥିବା ହଠାତ୍ ବୃଦ୍ଧିକୁ ବିରୋଧ କରି ସମାଜସେବୀ ଏସ୍ ଲକ୍ଷ୍ମୀନାରାୟଣ ଏକ ମାମଲା ରୁଜୁ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଦେଶରେ ଏୟାରକ୍ରାଫ୍ଟ ନିୟମ ୧୯୩୭ ପ୍ରଚଳନରେ ଅଛି। କିନ୍ତୁ ତାହାର ଧାରାଗୁଡ଼ିକୁ ପାଳନ କରାଯାଉନାହିଁ। ଟିକଟ ଦରକୁ ନେଇ ଏୟାରଲାଇନ୍‌ଗୁଡ଼ିକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କୌଣସି ନିର୍ଦ୍ଦେଶ ଦେଉନାହିଁ। ଇତି ମଧ୍ୟରେ ସରକାର ୨୦୨୫ ଜାନୁଆରିରୁ ଭାରତୀୟ ବାୟୁଯାନ ଅଧିନିୟମ ଲାଗୁ କରିଛନ୍ତି। ଗତ ଏପ୍ରିଲ ୩୦ରେ ଏହି ମାମଲାର ଶୁଣାଣି ବେଳେ ସତ୍ୟପାଠ ଦାଖଲ କରି ନଥିବାରୁ କେନ୍ଦ୍ର ସରକାରଙ୍କ ଉପରେ କୋର୍ଟ ବିରକ୍ତ ହୋଇଥିଲେ। କାହିଁକି ସତ୍ୟପାଠ ଦାଖଲ କରାଗଲା ନାହିଁ ତାହାର କାରଣ ଜଣାଇବାକୁ ସରକାରଙ୍କୁ କୋର୍ଟ କହିଛନ୍ତି।

# ଜର୍ମାନୀରୁ ହାଇଦ୍ରାବାଦ ଆସୁଥିବା ଲୁଫ୍‌ତହଂସା ବିମାନକୁ ଇ-ମେଲରେ ବୋମା ଧମକ

ହାଇଦ୍ରାବାଦ, ୧୫/୫: ଜର୍ମାନୀର ଫ୍ରାଙ୍କଫର୍ଟରୁ ହାଇଦ୍ରାବାଦ ଆସୁଥିବା ଲୁଫ୍‌ତହଂସା ଏୟାରଲାଇନ୍ସର ଏକ ବିମାନରେ ବୋମା ଥିବା ନେଇ ଇମେଲ ମାଧ୍ୟମରେ ଧମକ ମିଳିବା ପରେ ଆତଙ୍କ ଖେଳିଯାଇଛି। କଡ଼ା ସୁରକ୍ଷା ଭିତରେ ବିମାନ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନବନ୍ଦର ସୂତ୍ରରୁ 'ଇଣ୍ଡିଆ ଟୁଡେ' ପ୍ରକାଶ କରିଛି ଯେ, ଏୟାରଲାଇନ୍ସର କଷ୍ଟମର ସପୋର୍ଟକୁ ମିଳିଥିବା ଇ-ମେଲ୍‌ରେ ବିମାନ ଏଲ୍‌ଏଚ୍-୭୫୪ରେ ବୋମା ଥିବା ଦାବି କରାଯାଇଥିଲା। ବିମାନଟି ସମଶାବାଦରେ ପହଞ୍ଚିବା ପୂର୍ବରୁ ଏଥିରେ ବିସ୍ଫୋରଣ କରାଯିବ ବୋଲି ଧମକ ଦିଆଯାଇଥିଲା। ସୁରକ୍ଷା ଏଜେନ୍ସି ତୁରନ୍ତ ଆଲର୍ଟରେ ଥିବାବେଳେ ଜରୁରୀକାଳୀନ ପ୍ରୋଟୋକଲ ଆରମ୍ଭ କରାଯାଇଥିଲା। ବିମାନଟି ସୁରକ୍ଷିତ ଭାବରେ ବିମାନବନ୍ଦରରେ ଅବତରଣ କରିବା ପରେ ବିମାନର ସୁରକ୍ଷା ଯାଞ୍ଚ ପାଇଁ ଆଇସୋଲେସନ ବେକୁ ସ୍ଥାନାନ୍ତର କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ଓ ବିମାନବନ୍ଦର ସୁରକ୍ଷା କର୍ମଚାରୀ ବିମାନର ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ। ବିମାନର ଯାଞ୍ଚ ଚାଲିଥିବାବେଳେ ଏପର୍ଯ୍ୟନ୍ତ ବୋମା ଥିବା ଖବର ସ୍ପଷ୍ଟ ହୋଇପାରିନାହିଁ। ଏକ ପୃଥକ୍ ଘଟଣାକ୍ରମରେ ପ୍ରବଳ ପବନ ଜନିତ ପ୍ରତିକୂଳ ପାଣିପାଗ ଯୋଗୁ ସମଶାବାଦ ବିମାନବନ୍ଦରକୁ ଆସୁଥିବା ଦୁଇଟି ବିମାନ ଅବତରଣ କରିପାରିନଥିଲେ। ପୁଣେରୁ ଆସୁଥିବା ଏକ ବିମାନକୁ ବିଜୟଓ୍ୱାଡା ବିମାନବନ୍ଦର ଅଭିମୁଖେ ପଠାଯାଇଥିଲା ଓ ଦୁବାଇରୁ ଆସୁଥିବା ଏକ ଏମିରେଟ୍ସ ବିମାନକୁ ବେଙ୍ଗାଲୁରୁକୁ ପଠାଯାଇଥିଲା। ସୂତ୍ର ଅନୁଯାୟୀ ଦୁଇଟି ଯାକ ବିମାନ ସମଶାବାଦ ବିମାନବନ୍ଦରରେ ଦୁଇଥର ଅବତରଣ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଅତ୍ୟଧିକ ପବନ ଯୋଗୁ ବିମାନ ଦୁଇଟି ଅବତରଣ କରିପାରି ନଥିଲେ।

# ଉତ୍ତରପ୍ରଦେଶରେ ତାଣ୍ଡବ, ୧୧୭ ମୃତ

ଲକ୍ଷ୍ନୌ, ୧୫/୫: ଉତ୍ତରପ୍ରଦେଶରେ ଗତ ୩୬ ଘଣ୍ଟା ମଧ୍ୟରେ ଘନଘନ ବଜ୍ରପାତ ସାଙ୍ଗକୁ ପ୍ରବଳ ବର୍ଷା ଓ ଝଡ଼ତୋଫାନ ତାଣ୍ଡବ ରଚିଛି। ଏହି ବିପର୍ଯ୍ୟୟରେ ରାଜ୍ୟରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଛି। ୧୯ ଜିଲ୍ଲାରେ ବହୁ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାବେଳେ ଅନେକ ଘର ଧରାଶାୟୀ ହୋଇଛି। ଏଥିରେ ୧୧୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ପ୍ରୟାଗରାଜରେ ସର୍ବାଧିକ ୨୧ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଭଦୋହିରେ ୧୮, ମିର୍ଜାପୁରରେ ୧୫, ଫତେପୁରରେ ୧୦, ଉନ୍ନାଓ ଏବଂ ବଦାଉଁରେ ୧୨ ଜଣ, ପ୍ରତାପଗଡ଼ ଓ ବରେଲିରେ ୮ ଜଣ, ସୀତାପୁର, ରାଏବରେଲି ଓ ଚନ୍ଦୌଲିରେ ୨ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି କାନପୁର ଦେହତ, ହର୍ଦୋଇ, ସମ୍ଭଲରେ ୨ ଜଣ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ କୈଶମ୍ବି, ଶାହଜାହାନପୁର, ସୋନଭଦ୍ରା ଓ ଲକ୍ଷ୍ମୀପୁରରେ ଜଣେ ଲେଖାଏଁ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ବର୍ଷାପବନ ଯୋଗୁଁ ପ୍ରଥମେ ମୃତ୍ୟୁସଂଖ୍ୟା ୮୯ ଥିବାବେଳେ ପରେ ଏହା ବଢ଼ି ୧୧୭ରେ ପହଞ୍ଚିଛି।

# ଲାଞ୍ଚ ମାମଲା ରଫାଦଫା କରିବେ ଆଦାନୀ




ଓ୍ୱାସିଂଟନ, ୧୫/୫: ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକା ଆଣିଥିବା ଲାଞ୍ଚ ମାମଲାର ରଫାଦଫା କରିବାକୁ ଶିଳ୍ପପତି ଗୌତମ ଆଦାନୀ ୬ ନିୟୁତ ଡଲାର ଦେବାକୁ ରାଜି ହୋଇଛନ୍ତି। ନିଜ ହାତରେ ବହୁ ସଂଖ୍ୟାର ସୌର ପ୍ରକଳ୍ପ ଥିବାର ମିଛ ଦାବି କରି ଆମେରିକୀୟ ନିବେଶକଙ୍କଠାରୁ ଆଦାନୀ ପାଣ୍ଠି ଉଠାଇଥିଲେ ବୋଲି ଆମେରିକାର ସିକ୍ୟୁରିଟି ଆଣ୍ଡ୍ ଏକ୍ସଚେଞ୍ଜ କମିସନ (ଏସ୍‌ଇସି) ଅଭିଯୋଗ କରିଥିଲେ। ଏହି କାର୍ଯ୍ୟରେ ଗୌତମ ଆଦାନୀ ଓ ତାଙ୍କ ପୁତୁରା ସାଗର ଆଦାନୀଙ୍କ ସିଧାସଳଖ ହାତ ଥିବା କମିସନ ଅଭିଯୋଗ କରିଥିଲେ। କମିସନ ଆଦାନୀ ଗ୍ରୁପ୍‌ର କୌଣସି ସଂସ୍ଥାକୁ ଟାର୍ଗେଟ୍ ନ କରି ସିଧାସଳଖ ଦୁଇ ଆଦାନୀଙ୍କ ଉପରେ ଦୋଷ ଲଦିଥିଲା। ଭାରତରେ ସୌର ପ୍ରକଳ୍ପ ହାତେଇବା ପାଇଁ ଆଦାନୀ ବିଭିନ୍ନ ରାଜ୍ୟର କର୍ତ୍ତୃପକ୍ଷଙ୍କୁ ଲାଞ୍ଚ ଦେଉଥିଲା। ସାଗର ସେହି କାରବାରର ପ୍ରତ୍ୟକ୍ଷ ଦେଖାଶୁଣା କରୁଥିଲେ ବୋଲି କମିସନ ଅଭିଯୋଗ କରିଥିଲେ। ଏହି ମାମଲାର ଫଇସଲା କରିବାକୁ ଏସ୍‌ଇସି ଏକ ପ୍ରସ୍ତାବ ଦେଇଛି। ସେଥିରେ ଗୌତମ ଆଦାନୀଙ୍କୁ ୬ ନିୟୁତ ଡଲାର ଓ ତାଙ୍କ ପୁତୁରା ସାଗରଙ୍କୁ ୧୨ ନିୟୁତ ଡଲାର ଗଣିବାକୁ କୁହାଯାଇଛି। ଯଦି ଏହି ପ୍ରସ୍ତାବ ଚୂଡ଼ାନ୍ତ ହେବ ତେବେ ତାହା ଆଦାନୀଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ହେବ। ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଗେ ?ତମ ଆଦାନୀ କାମ କରୁଥିବା ବେଳେ ତାଙ୍କ ପୁତୁରା ସାଗର ଆଦାନୀ ଗ୍ରିନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛନ୍ତି। ଲାଞ୍ଚ କାରବାର ଅଭିଯୋଗ ପୂର୍ବରୁ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଏକ ସର୍ଟସେଲିଂ କମ୍ପାନି ହିଣ୍ଡେନବର୍ଗ ରିସର୍ଚ୍ଚ ସଙ୍ଗିନ ଅଭିଯୋଗ ଆଣିଥିଲା। ଜାଲ କମ୍ପାନି ଗଠନ, ସେୟାର ମୂଲ୍ୟକୁ ବଢ଼ାଇଚଢ଼ାଇ ପ୍ରଦର୍ଶନ କରିବା ଓ ବ୍ୟାପକ ଆର୍ଥିକ ହେରଫେରର ଅଭିଯୋଗ ଆସିଥିଲା ଯାହା ଭାରତରେ ଏକ ବଡ଼ ରାଜନୈତିକ ବିତର୍କକୁ ଜନ୍ମ ଦେଇଥିଲ। ସେହି ଘଟଣାକୁ ନେଇ ବିରୋଧୀ ଦଳ ମୋଦୀ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଅବଶ୍ୟ ସବୁ ଅଭିଯୋଗକୁ ଆଦାନୀ ଗ୍ରୁପ୍ ଖଣ୍ଡନ କରିଥିଲା। ଦେଶରେ କମ୍ପାନି ବିରୋଧରେ ତଦନ୍ତ ହୋଇଥିଲା ଓ କିଛି ବର୍ଷ ପରେ କମ୍ପାନିକୁ କ୍ଲିନ୍‌ଚିଟ୍ ବି ମିଳିଥିଲା।

# ପ୍ରଧାନମନ୍ତ୍ରୀଙ୍କ ଅପିଲ୍‌ର ପ୍ରଭାବ ସୁପ୍ରିମକୋର୍ଟରେ ସପ୍ତାହକୁ ଦୁଇ ଦିନ ଭର୍ଚୁଆଲ୍ ଶୁଣାଣି

**ନୂଆଦିଲ୍ଲୀ, ୧୫/୫:** ସୁପ୍ରିମକୋର୍ଟରେ ସପ୍ତାହକୁ ଦୁଇ ଦିନ ସମ୍ପୂର୍ଣ୍ଣ ଭାବେ ଭର୍ଚୁଆଲ୍ ଶୁଣାଣି କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୈଳ ସଂରକ୍ଷଣ ଅପିଲ୍ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିୟମ ଅନୁଯାୟୀ, ସୋମବାର ଏବଂ ଶୁକ୍ରବାର ଦିନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମାମଲା ଗୁଡ଼ିକର ଶୁଣାଣି ହେବ। ଅନ୍ୟପଟେ, ମଙ୍ଗଳବାର, ବୁଧବାର ଏବଂ ଗୁରୁବାର ଦିନ ଓକିଲ ଏବଂ ଆବେଦନକାରୀଙ୍କ ପାଖରେ ବିକଳ୍ପ ରହିବ ଯେ, ସେମାନେ ଫିଜିକାଲ ଭାବେ କିମ୍ବା ଭର୍ଚୁଆଲ୍ ମାଧ୍ୟମରେ କୋର୍ଟରେ ହାଜର ହେବେ। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ,ବିଚାରପତି ମାନେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି କି, ଇନ୍ଧନର ସଠିକ୍ ବ୍ୟବହାର ପାଇଁ ସେମାନେ 'କାର୍ ପୁଲିଂ' କୁ ପ୍ରୋତ୍ସାହନ ଦେବେ। ଏହା ବ୍ୟତୀତ, ସପ୍ତାହକୁ ଦୁଇ ଦିନ ସମସ୍ତ ରେଜିଷ୍ଟ୍ରି ଶାଖା କିମ୍ବା ସେକ୍ସନର ୫୦ ପ୍ରତିଶତ କର୍ମଚାରୀଙ୍କୁ 'ଓ୍ୱାର୍କ ଫ୍ରମ୍ ହୋମ୍' ପାଇଁ ଅନୁମତି ମିଳିବ। ଏଥିପାଇଁ ଏକ ସାପ୍ତାହିକ ରୋଷ୍ଟର ପ୍ରସ୍ତୁତ କରାଯିବ, ଯେପରି କୋର୍ଟର କାର୍ଯ୍ୟଧାରା ପ୍ରଭାବିତ ନହୁଏ। ନିଷ୍ପତ୍ତିରେ ଆହୁରି କୁହାଯାଇଛି ଯେ, ରେଜିଷ୍ଟ୍ରି ଅଧିକାରୀମାନେ କାମର ଆବଶ୍ୟକତା ଅନୁଯାୟୀ ଓ୍ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥାକୁ ବନ୍ଦ କିମ୍ବା ପରିବର୍ତ୍ତନ କରି ପାରିବେ। ଯଦି ସେମାନଙ୍କୁ ଲାଗେ ଯେ କୌଣସି ନିର୍ଦ୍ଦିଷ୍ଟ ଶାଖାରେ ଅଫିସରୁ କାମ କରିବା ଜରୁରୀ, ତେବେ ସେହି ଅନୁଯାୟୀ ନିଷ୍ପତ୍ତି ନିଆଯାଇ ପାରିବ। ଏହି ନିଷ୍ପତ୍ତି ଏଭଳି ସମୟରେ ଆସିଛି, ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆବଶ୍ୟକତା ଅନୁଯାୟୀ ତୈଳ ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ସଙ୍କଟ ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳର ବଢୁ ଥିବା ଦରକୁ ଦୃଷ୍ଟିରେ ରଖି ପିଏମ ମୋଦି ନାଗରିକମାନଙ୍କୁ ଏହି ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନିଜେ ମଧ୍ୟ ତାଙ୍କ କାରକେଡ୍‌ରେ ଯାନବାହନ ସଂଖ୍ୟା କମାଇ ଦେଇଛନ୍ତି। ପିଏମ ମୋଦିଙ୍କ ଅପିଲ୍ ପରେ ଦେଶରେ ବ୍ୟାପକ ସ୍ତରରେ ଲୋକମାନେ ମିତବ୍ୟୟୀ ଭାବେ ତୈଳ ବ୍ୟବହାର କରିବା ଆରମ୍ଭ କରିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ ମଧ୍ୟ ନିଜ ନିଜ କାରକେଡରେ ଗାଡ଼ି ସଂଖ୍ୟା କମାଇ ଦେଇଛନ୍ତି।

# ଆକ୍ରମଣ ଦ୍ୱାରା କିଛି ହାସଲ ହେବନି ବୋଲି ବୁଝିଲାଣି ଆମେରିକା



ନୂଆଦିଲ୍ଲୀ, ୧୫/୫: ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଆବ୍ୱାସ ଆରାଘଚି ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ଶୁକ୍ରବାର ଦିଲ୍ଲୀରେ ଅନୁଷ୍ଠିତ ''ବ୍ରିକ୍ସ'' ବୈଠକ ଅବସରରେ ସେ କହିଛନ୍ତି ଯେ, ଆମେରିକା ଏବେ ବୁଝିସାରିଲାଣି ଯେ କେବଳ ଆକ୍ରମଣାତ୍ମକ ଆଭିମୁଖ୍ୟ ଦ୍ୱାରା କିଛି ହାସଲ ହେବନାହିଁ। ପଶ୍ଚିମ ଏସିଆ ପାଇଁ କୂଟନୀତି ହିଁ ଏକମାତ୍ର ସମାଧାନ ଏବଂ ସାମରିକ ମୁହାଁମୁହିଁ ପରିସ୍ଥିତି ଏହି ଅଞ୍ଚଳରେ ସ୍ଥିରତା ଆଣିପାରିବ ନାହିଁ। ଆମେରିକାର ଚାପ ପ୍ରୟୋଗ ରଣନୀତି ଇରାନ ବିପକ୍ଷରେ ବିଫଳ ହୋଇଛି ଏବଂ ଓ୍ୱାଶିଂଟନରୁ ମିଳୁଥିବା ପରସ୍ପର ବିରୋଧୀ ବାର୍ତ୍ତା ସମସ୍ୟାକୁ ଅଧିକ ଜଟିଳ କରୁଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ବିଶ୍ୱର ଅତି ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ''ହର୍ମୁଜ ପ୍ରଣାଳୀ'' ସମ୍ପର୍କରେ ଉପୁଜିଥିବା ଆଶଙ୍କାକୁ ଦୂର କରି ଆରାଘଚି କହିଛନ୍ତି ଯେ, ଇରାନର ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାର କୌଣସି ଲକ୍ଷ୍ୟ ନାହିଁ। ବନ୍ଧୁ ରାଷ୍ଟ୍ରଗୁଡ଼ିକ ପାଇଁ ଏହି ପଥ ସବୁବେଳେ ଖୋଲା ରହିବ, କିନ୍ତୁ କେବଳ ଶତ୍ରୁମାନଙ୍କ ପାଇଁ ଏହାକୁ ବନ୍ଦ କରାଯାଇଛି। ବନ୍ଧୁ ଦେଶର ଜାହାଜଗୁଡ଼ିକ ସୁରକ୍ଷିତ ଯାତାୟାତ ପାଇଁ କେବଳ ଇରାନ ସେନା ସହ ସମନ୍ୱୟ ରକ୍ଷା କରିବା ଆବଶ୍ୟକ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବ୍ରିକ୍ସ ସଂଗଠନରେ ଭାରତର ନେତୃତ୍ୱାଧୀନ ଭୂମିକା ଓ ବିଶ୍ୱ ସଂଘର୍ଷ ପ୍ରତି ବ୍ରିକ୍ସର ଆଭିମୁଖ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଆନ୍ତର୍ଜାତୀୟ ଶକ୍ତି ଯୋଗାଣ କ୍ଷେତ୍ରରେ ସ୍ଥିରତା ଆଣିବା ପାଇଁ ଇରାନ ସବୁବେଳେ ପ୍ରସ୍ତୁତ ।

# ଜମି ମାଲିକାଣୀଙ୍କ ଭାଇ ପରିଚୟ ଦେଇ ୨୫ ଲକ୍ଷ ଠକେଇ

ଭୁବନେଶ୍ୱର(ନିପ୍ର): ନିଜକୁ ଜମି ମାଲିକାଣୀଙ୍କ ଭାଇ ବୋଲି ପରିଚୟ ଦେଇ ୨୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଠକକୁ ବୁଧବାର ଗିରଫ କରିଛି। ଗିରଫ ଠକର ନାମ ବିକାଶ ଚନ୍ଦ୍ର ପଣ୍ଡା ଓ ତାଙ୍କ ଘର କଟକ ବିଡ଼ାନାସୀରେ ବୋଲି ଜଣାପଡ଼ିଛି। ଏନେଇ ସେଲିଆ ବାଗ୍ ? ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜମି କିଣିବା ଉଦ୍ଦେଶ୍ୟରେ ମଧ୍ୟସ୍ଥି ଆଲୋକ ବରିଶାଲ ଏବଂ ଜାପାନୀ ଶ୍ରୀଚନ୍ଦନଙ୍କ ସହାୟତାରେ ମଳିପଡ଼ାରେ ଅବସ୍ଥିତ ଏକ ଜମି କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଉକ୍ତ ଜମିକୁ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମିଳା ପାଣିଗ୍ରାହୀଙ୍କ ମାଲିକାନାରେ ଥିବା ବୋଲି ଦର୍ଶାଯାଇଥିଲା । ଆଲୋଚନା ସମୟରେ ବିକାଶ ଚନ୍ଦ୍ର ପଣ୍ଡା ନାମକ ଜଣେ ବ୍ୟକ୍ତି ନିଜକୁ ଜମି ମାଲିକଙ୍କ ଭାଇ ବୋଲି ପରିଚୟ ଦେଇ ଜମି ସମ୍ବନ୍ଧୀୟ କାଗଜପତ୍ରର ଜେରକ୍ସ କପି ଦେଖାଇ ବିଶ୍ୱାସ ସୃଷ୍ଟି କରିଥିଲେ । ଉକ୍ତ ଉପସ୍ଥାପନାକୁ ବିଶ୍ୱାସ କରି ଅଭିଯୋଗକାରୀ ମୋଟ ୧ କୋଟି ୨୬ ଲକ୍ଷ ୯୩ ହଜାର ଟଙ୍କାରେ ଜମି କିଣିବାକୁ ସମ୍ମତ ହୋଇଥିଲେ ଏବଂ ପ୍ରାରମ୍ଭିକ ଚୁକ୍ତିନାମା ଅନୁଯାୟୀ ଗତ ୨ ଜାନୁଆରରେ ବ୍ୟାଙ୍କ ମାଧ୍ୟମରେ ମୋଟ ୨୫ ଲକ୍ଷ ଟଙ୍କା ଅଗ୍ରୀମ ଦେୟ ଭାବେ ପ୍ରଦାନ କରିଥିଲେ । ଏଥିରୁ ୧୦ ଲକ୍ଷ ଟଙ୍କା ଆରଟିଜିଏସ୍ ମାଧ୍ୟମରେ ପ୍ରମିଳା ପାଣିଗ୍ରାହୀଙ୍କ ଆକାଉଣ୍ଟକୁ ଏବଂ ୧୫ ଲକ୍ଷ ଟଙ୍କା ବିକାଶ ଚନ୍ଦ୍ର ପଣ୍ଡାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା । ପକ୍ଷମାନଙ୍କ ମଧ୍ୟରେ ଚୁକ୍ତିନାମା ସଂପାଦିତ ହୋଇଥିଲା । କିନ୍ତୁ ଅଗ୍ରୀମ ଟଙ୍କା ଗ୍ରହଣ କରିବା ପରେ ଅଭିଯୁକ୍ତମାନେ ଚୁକ୍ତି ଅନୁଯାୟୀ କୌଣସି କାର୍ଯ୍ୟ କରିନଥିଲେ । ସେମାନେ ମୂଳ ଜମି କାଗଜପତ୍ର ଯାଞ୍ଚ ପାଇଁ ଦେଇନଥିଲେ କିମ୍ବା ନିର୍ଦ୍ଧାରିତ ସମୟ ମଧ୍ୟରେ ବିକ୍ରୟ ଡିଡ୍ କରିବା କିମ୍ବା ଜମି ପଞ୍ଜିକରଣ ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ଅଭିଯୋଗକାରୀ ବାରମ୍ବାର ସଂପର୍କ କରିବା ସତ୍ତ୍ୱେ ସେମାନେ ଟଙ୍କା ଫେରସ୍ତ କରିନଥିଲେ ଏବଂ ପରେ ବିକାଶ ଚନ୍ଦ୍ର ପଣ୍ଡା ତାଙ୍କୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ । ଅଭିଯୁକ୍ତମାନେ ପରସ୍ପର ସହଯୋଗରେ ମିଥ୍ୟା ବାହାନାରେ ତାଙ୍କୁ ବିଶ୍ୱାସରେ ନେଇ ତାଙ୍କ ଠାରୁ ଅଧିକ ପରିମାଣର ଟଙ୍କା ଠକି ନେଇଥିବା ଜାଣିପାରି ଏନେଇ ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ସମୟରେ ପ୍ରାସଙ୍ଗିକ କାରବାର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା ଏବଂ ଅଭିଯୁକ୍ତ ବିକାଶ ଚନ୍ଦ୍ର ପଣ୍ଡାଙ୍କୁ ଗିରଫ କରାଯାଇ ଆଜି ତଥା ବୁଧବାର କୋର୍ଟ ଚାଲାଣ କରାଯାଇଛି ।

### ଯୌତୁକ ନିର୍ଯାତନାରୁ ବୋହୂ ମୃତ୍ୟୁ ମାମଲା

# ସ୍ୱାମୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର): ଏକ ଯୌତୁକ ନିର୍ଯାତନ ଜନିତ ଘଟଣାରେ ମହିଳାଙ୍କ ମୃତ୍ୟୁ ମାମଲାର ବିଚାରକରି ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ମଙ୍ଗଳବାର ଅଭିଯୁକ୍ତ ସ୍ୱାମୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛି ଦିଲ୍ଲିପ କୁମାର ଜେନା। ଏଥିସହ ବିଚାରପତି ତାଙ୍କ ରାୟରେ ଅଭିଯୁକ୍ତକୁ ୨୦ ହଜାର ଟଙ୍କା ଜରିମାନା ଅର୍ଥ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଜଣଙ୍କ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ଅଭିଯୋଗକାରୀ ଗୌରାଙ୍ଗ ଚନ୍ଦ୍ର ନାୟକଙ୍କ ଝିଅ ତଥା ମୃତା ପୂର୍ଣ୍ଣିମାରାଣୀ ଜେନା ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକଙ୍କ ସହିତ ମିଶି ଗତ ଛଅବର୍ଷ ଧରି ବ୍ରହ୍ମେଶ୍ୱରପାଟଣାରେ ଥିବା ଶ୍ୱଶୁର ଘରେ ରହିଆସୁଥିଲେ। ୨୦୧୨ ମସିହା ଜୁନ ୩ ତାରିଖରେ ଅଭିଯୋଗକାରୀଙ୍କ ପତ୍ନୀ ଝିଅ ସହିତ ଫୋନ୍ ?ରେ କଥା ହୋଇଥିଲେ। ତାଙ୍କ ଝିଅ ମାଆଙ୍କୁ ସେଠାକାର ପରିସ୍ଥିତି ସଂପର୍କରେ କୌଣସି ସୂଚନା ଦେଇନଥିଲେ। ତାପରେ ଗତ ୪ ତାରିଖ ତାରିଖ ସକାଳ ପ୍ରାୟ ୫ଟା୧୫ ମିନିଟ ସମୟରେ ଅଭିଯୋଗକାରୀଙ୍କ ଜ୍ୱାଇଁ ଦିଲ୍ଲିପ କୁମାର ଜେନା ଫୋନ୍ କରି ଜଣାଇଥିଲେ ଯେ, ତାଙ୍କ ଝିଅ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ଏବଂ ସେ ଏହି ସୂଚନା ପାଇ ତ୍ରିଶୁଳିଆରୁ ଘରକୁ ଫେରୁଛନ୍ତି। ଏହି ସୂଚନା ପାଇବା ପରେ ଅଭିଯୋଗକାରୀ ତାଙ୍କ ଝିଅ ଏବଂ ଜ୍ୱାଇଁଙ୍କୁ ଫୋନ୍ ? କରିଥିଲେ ମଧ୍ୟ ଫୋନ ରିସିଭ୍ ହୋଇନଥିଲା ଏବଂ ପରେ ସେମାନେ ତାଙ୍କ ଝିଅର ଶ୍ୱଶୁର ଘରକୁ ଯାଇଥିଲେ। କିନ୍ତୁ ସେମାନେ ପହଞ୍ଚିବା ପୂର୍ବରୁ ତାଙ୍କ ଜ୍ୱାଇଁ ଏବଂ ତାଙ୍କ ପରିବାର ସଦସ୍ୟ ସେଠାରେ ପହଞ୍ଚି ସାରିଥିଲେ। ସେଠାରେ ସେ ତାଙ୍କ ଝିଅର ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇ ସେ ସନ୍ଦେହ କରିଥିଲେ ଯେ, ଜ୍ୱାଇଁ ଦିଲ୍ଲିପ କୁମାର ଜେନା, ପରିବାର ସଦସ୍ୟଙ୍କ ସହିତ ମିଶି ତାଙ୍କ ଝିଅକୁ ହତ୍ୟା କରି ମୃତଦେହକୁ ଟାଙ୍ଗି ଦେଇଛନ୍ତି ଏବଂ ତାଙ୍କ ଝିଅ ଆତ୍ମହତ୍ୟା କରିଛି ବୋଲି କହୁଛନ୍ତି। ପୂର୍ବରୁ ଝିଅର ଶ୍ୱଶୁର ଘର ଲୋକ ଏବଂ ତାଙ୍କ ସ୍ୱାମୀ ଯୌତୁକ ବାବଦକୁ ବିପୁଳ ପରିମାଣର ଟଙ୍କା ଦାବି କରି ନିୟମିତ ଭାବେ ତାଙ୍କ ଝିଅକୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏହି ଘଟଣାରେ ଅଭିଯୋଗକାରୀ ଗଭୀର ଭାବେ ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ମହିଳା ଥାନା କେସ ନଂ- ୨୫୦/୨୦୧୨ ରେ ମାମଲା ରୁଜୁ ହୋଇଥିଲା ଏବଂ ତତ୍କାଳୀନ ସବ୍-ଇନ୍ସପେକ୍ଟର କଲ୍ୟାଣୀ ବେହେରା (ବର୍ତ୍ତମାନ ସୋନପୁର ଏସଡିପିଓ ଭାବେ କାର୍ଯ୍ୟରତ) ଏହାର ତଦନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ଦିଲ୍ଲିପ କୁମାର ଜେନାଙ୍କୁ ଗିରଫ କରିବା ସହ କୋର୍ଟକୁ ଚାଲାଣ କରିଥିବା ବେଳେ ପରେ ସେପ୍ଟେମ୍ବର ୩୦ ତାରିଖ ଦିନ ତାଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲେ। କୋର୍ଟରେ ୧୮ ଜଣ ସାକ୍ଷୀଙ୍କ ଜବାନବନ୍ଦି ଏବଂ ୧୧ ଗୋଟି ପ୍ରାସଙ୍ଗିକ ଦଲିଲ ପତ୍ରକୁ ଅଧ୍ୟୟନ କରି ବିଚାର କାର୍ଯ୍ୟ ସମାପ୍ତ କରିଥିଲେ। ତାଙ୍କ ରାୟରେ ଅଭିଯୁକ୍ତ ଦିଲ୍ଲିପ କୁମାର ଜେନାଙ୍କୁ ଆଇପିସି ଦଫା ୩୦୪-ବି/୩୪ ଆଧାରରେ ୧୦ ବର୍ଷର ସଶ୍ରମ କାରାଦଣ୍ଡ ଘୋଷଣା କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସଫଳତାର ସହ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୪୮ ତମ ମାମଲା।

## ଦେଶୀମଦ ସହ ପୋଚନଷ୍ଟ: ୬ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା, (ଉପରଗଡ଼, ଗରପଡ଼ା,ପାଇକ ସାହି), ପଣସପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଚୌଦ୍ୱାର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ ଏବଂ ତିଗିରିଆ ଥାନା ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ୩୨୨୦ ଲିଟର ଦେଶୀମଦ ସହ ୩୧୩୬୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୬ଟି ମାମଲା ରୁଜୁ କରାଯାଇଛି। କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଚୌଦ୍ୱାର ଅବକାରୀ ଥାନା, ଆଠଗଡ଼ ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ ଏସଆଇ ଅକ୍ଷୟ କୁମାର ଜେନା, ତିଗିରିଆ ଥାନା ଏବଂ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ।

## ମହୁମାଛି ଆକ୍ରମଣରେ ସାମ୍ବାଦିକ ଗୁରୁତର

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବରିଷ୍ଠ ସାମ୍ବାଦିକ ସନାତନ ଷଡ଼ଙ୍ଗୀ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ଗୁରୁବାର ସକାଳୁ ଯାମୁସାହି ବଜାରକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସେଠାରେ ସେ ଠିଆ ହୋଇଥିଲା ଅବସ୍ଥାରେ ଶତାଧିକ ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ସେ ଜୀବନ ବିକଳରେ ଦୌଡୁଥିବା ସମୟରେ ମଧ ମହୁମାଛିମାନେ ତାଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଡାକ୍ତରଖାନାରେ ଚିକିତ୍ସିତ କରାଯାଇଛି। ତାଙ୍କ ଦେହରୁ ୫୦ରୁ ଉର୍ଦ୍ଧ୍ୱ ମହୁମାଛିଙ୍କ ଶୁଣ୍ଢ ବାହାର କରାଯାଇଥିଲା। ସେ ବର୍ତ୍ତମାନ ନିରାପଦ ରହିଥିବା ଡାକ୍ତରଙ୍କ ଠାରୁ ପ୍ରକାଶ।

## ମହାବୀର ମନ୍ଦିରରୁ ଚୋରି

ପିପିଲି(ନିପ୍ର): ବୁଧବାର ରାତିରେ ଏକ କାଳୀନ ବଳଙ୍ଗା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରରେ ଥିବା ମନ୍ଦିରରୁ ଦୁର୍ବୃତ୍ତ ମାନେ ବିଭିନ୍ନ ସାମଗ୍ରୀ ଚୋରି କରିଥିଲା ବେଳେ ପୁନର୍ବାର ଗୁରୁବାର ରାତିରେ ଚନ୍ଦ୍ରାଦେଇପୁର ଗ୍ରାମର ମହାବୀର ମନ୍ଦିରରୁ ଚୋରି କରି ପୋଲିସର ନିଦ ହଜାଇଛନ୍ତି। ଦୁର୍ବୃତ୍ତମାନେ ଗତକାଲି ରାତିରେ ଚନ୍ଦ୍ରାଦେଇପୁର ଗ୍ରାମର ମହାବୀର ମନ୍ଦିରରୁ ୪୦କେଜି ଓଜନର ୨ଟି ପିତଳ ଘଣ୍ଟି ଚୋରୀ କରିନେଇଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଛି।

## ପତ୍ନୀକୁ ତଣ୍ଟିଚିପି ହତ୍ୟା ଉଦ୍ୟମ !

ପିପିଲି(ନିପ୍ର): ଧାର ଟଙ୍କା ନ ଶୁଝିବା ପାଇଁ ଜଣେ ଯୁବକ କେତେ ତଳକୁ ଖସିପାରେ ତାହା ବଳଙ୍ଗା ଥାନା ଅନ୍ତର୍ଗତ କଣ୍ଟା ବଣିଆ ଗ୍ରାମରେ ଦେଖିବାକୁ ମିଳିଛି। ଧାର ଦେଇଥିବା ବ୍ୟକ୍ତି ଟଙ୍କା ମାଗିବାରୁ ଯୁବକ ଜଣଙ୍କ ଧାର ଦେଇଥିବା ବ୍ୟକ୍ତି ନିଜ ପତ୍ନୀ ସହିତ ଖରାପ ସମ୍ପର୍କ ରଖିଥିବା ନେଇ ଥାନାରେ ମିଥ୍ୟା ଅଭିଯୋଗ କରିବାକୁ ନିଜ ପତ୍ନୀକୁ ପ୍ରବର୍ତ୍ତାଇବା ଥିଲେ । ପତ୍ନୀ ରାଜି ନ ହେବାରୁ ଯୁବକ ଜଣଙ୍କ ପତ୍ନୀଙ୍କୁ ମାଡ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।

# ନୟାହାଟ ଗ୍ରାହକ ସେବା କେନ୍ଦ୍ରରୁ ଲକ୍ଷେ ଟଙ୍କା ଲୁଟ୍: ଫାଣ୍ଡିରେ ଅଭିଯୋଗ




ଚାରିଛକ(ନିପ୍ର): ଚାରିଛକ ନିକଟସ୍ଥ ନୟାହାଟରେ ଏକ ଗ୍ରାହକ ସେବା କେନ୍ଦ୍ରରୁ ଦିନଦ୍ୱିପ୍ରହରରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସିଙ୍ଗି ପାନିଆ ବାସୁଦେବ ପୀଠ ନିକଟରେ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଏହି ଗ୍ରାହକ ସେବା କେନ୍ଦ୍ରରୁ ଦୁର୍ବୃତ୍ତମାନେ ୧୧:୩୦ଟା ସମୟରେ ପ୍ରାୟ ଏକ ଲକ୍ଷ ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଚାରିଛକ ଥାନା ବାହାରଣା ଗ୍ରାମର ତୁଷାର ରଞ୍ଜନ ରାଉତ ତୁଳସୀପୁର ଶାଖାର ‘ସ୍ୱୟଂଶ୍ରୀ ମାଇକ୍ରୋ କ୍ରେଡିଟ୍’ ସଂସ୍ଥା ଜରିଆରେ ଏହି ଗ୍ରାହକ ସେବା କେନ୍ଦ୍ରଟି ପରିଚାଳନା କରନ୍ତି। ପ୍ରତିଦିନ ଭଳି ଶୁକ୍ରବାର ମଧ ସେ ଏକ ଲକ୍ଷ ଟଙ୍କା ଆଣି କେନ୍ଦ୍ରରେ ଥିବା କର୍ମଚାରୀଙ୍କୁ ଦେଇଥିଲେ। ଏହାପରେ ଶ୍ରୀ ରାଉତ କୌଣସି କାମରେ ନୟାହାଟ ଷ୍ଟେଟ୍ ବ୍ୟାଙ୍କ ଶାଖାକୁ ଯାଇଥିଲେ। ଏହି ସମୟର ସୁଯୋଗ ନେଇ ପୂର୍ବରୁ ଛକି ରହିଥିବା ଜଣେ ଅଜଣା ବ୍ୟକ୍ତି ଏକ ନମ୍ବର ବିହୀନ ବାଇକରେ ଆସି ହଠାତ୍ କେନ୍ଦ୍ର ଭିତରକୁ ପଶିଥିଲେ। ସେ ସେଠାରେ ଥିବା କର୍ମଚାରୀଙ୍କୁ ଠେଲି ଦେବା ସହ ମାରିଦେବାକୁ ଧମକ ଦେଇ କ୍ୟାସ୍ ଡ୍ରୟରରେ ଥିବା ସମସ୍ତ ଲୁଟି ନେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ମାଲିକ ଶ୍ରୀ ରାଉତ ତୁରନ୍ତ ସେଠାରେ ପହଞ୍ଚିଥିଲେ ଏବଂ ନୟାହାଟ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଦିନ ଦ୍ୱିପ୍ରହରରେ ଏଭଳି ଲୁଟ୍‌କୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ଧାନ ଚୋରି ଘଟଣାରେ ପୁଣି ଜଣେ ଗିରଫ



ହିଞ୍ଜିଳିକାଟୁ(ନିପ୍ର): ଖରା ବର୍ଷା ଓ ଶୀତକୁ ଖାତିର ନକରି ଓ ମୁଣ୍ଡର ଝାଳ ତୁଣ୍ଡରେ ମାରି ଅମଳ ଫସଲକୁ ସାଇତି ରଖିଥିବା ବେଳେ ଚାଷୀର ଅମଳ ଫସଲକୁ ଲୁଟି ନେଇଥିଲେ ଲୁଟେରା ଦଳ । ଘଟଣା ସମ୍ପର୍କରେ ଲୁଟର ଶୀକାର ହୋଇଥିବା ଚାଷୀ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ସଂପୃକ୍ତ ଘଟଣାରେ ହିଞ୍ଜିଳି ପୁଲିସ ଗୁରୁବାର ଆଉ ଜଣେ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ହିଞ୍ଜିଳି ଥାନା କରାଖଣ୍ଡି ଗ୍ରାମର ଭଗବାନ ସେଠି। ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି। ପ୍ରକାଶ ଥାଉକି ଶ୍ରୀରାମପୁର ଗ୍ରାମର ଏସ. ସନ୍ତୋଷଙ୍କ ଚାଷଜମିରୁ ଗତ ଜାନୁୟାରୀ ୨୦ ତାରିଖରେ କୌଣସି ଦୁବୃର୍ତ୍ତ ୩୫ ବସ୍ତା ଧାନ ଚୋରିକରି ନେଇଯାଇଥିଲେ। ଘଟଣା ନେଇ ସନ୍ତୋଷ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ ୧୦୬/୨୬ରେ ଏକ ମାମଲା ରୁଜୁକରି ସେହି ସମୟରେ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଫଳ ବଜାର ଏବଂ ପେଟ୍ରୋଲ ଟାଙ୍କିରେ ଭିଡ଼

ଭାପୁର(ନିପ୍ର): ଶନିବାର ସାବିତ୍ରୀ ବ୍ରତ ପଡୁଥିବା ବେଳେ ଶୁକ୍ରବାର ସଂକ୍ରାନ୍ତି ଉପଲକ୍ଷେ ଭାପୁର ବଜାର ବନ୍ଦ ରହିଥିଲା । ଫଳରେ ଗାଉଁଲି ଛୋଟ ଛୋଟ ଫଳ ଦୋକାନଗୁଡିକ ପ୍ରବଳ ଭିଡ଼ ସହିତ ଅଧିକ ଫଳ ଦର ପରିଲକ୍ଷିତ ହୋଇଥିଲା। କଦଳୀ ଡଜନ ୭୦ରୁ ୮୦ ଟଙ୍କା ହୋଇଥିବାବେଳେ ସପୁରି ଗୋଟା ୩୦ରୁ ୪୦ଟଙ୍କା, ନଡ଼ିଆ ୪୦ ଟଙ୍କା, ସେଉ, ଅଙ୍ଗୁର, କମଳା ଚଢା ମୂଲ୍ୟରେ ବିକ୍ରି ହେଉଥିବା ଜଣାପଡିଛି। ସେହିପରି ସାବିତ୍ରୀ ବଜାରରେ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ମିଳୁ ନ ଥିବାରୁ ଭଉଣୀମାନଙ୍କ ଘରକୁ ସାବିତ୍ରୀ ଭାର ଯିବା ଭାଇ ପାଇଁ କଷ୍ଟ ଦାୟକ ହୋଇଛି। ଭାପୁର ପେଟ୍ରୋଲ ଟାଙ୍କି ଏବଂ ଫତେଗଡ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ପାଇଁ ଲମ୍ବା ଲାଇନ ଦେଖିବାକୁ ମିଳିଛି। ଲୋକମାନେ ନିକଟ ବନ୍ଧୁ ଘରକୁ ସାଇକେଲରେ ଯାତାୟାତ କରିବାର ଦେଖାଯାଇଥିଲା। ଅତୀତର ସାଇକେଲରେ ଯାତାୟାତ ପୁଣି ଥରେ ଫେରିଆସିବାର ଦେଖାଯାଇଛି।

## ପେଟ୍ରୋଲ ପାଲଟିଲା ମୃତ୍ୟୁର କାରଣ



କଟକ/କେନ୍ଦ୍ରାପଡ଼ା(ନିପ୍ର): ପେଟ୍ରୋଲ ପାଇଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ । ତାହାର ମୃତ୍ୟୁର କାରଣ ହେଲା ପେଟ୍ରୋଲ । ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ଯୁବକ କୌଣସି କାରଣ ବଶତଃ ବିଷ ପିଇଦେଇଥିବା ବେଳେ ପରିବାର ପକ୍ଷରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା । କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ତୁରନ୍ତ ଡାକ୍ତର କଟକ ବଡ଼ମେଡିକାଲ ରେଫର କରିଦେଇଥିଲେ । ଏକ ଘରୋଇ ଆମ୍ବୁଲାନ୍ସ ସାହାଯ୍ୟରେ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଉଥିବା ବେଳେ ଭାଗ୍ୟର ବିଡମ୍ବନା ହଠାତ ମହାନଦୀ କାଠଯୋଡ଼ି ପୋଲ ଉପରେ ଆମ୍ବୁଲାନ୍ସରୁ ତେଲ ସରିଯାଇଥିଲା । ଯାହା ଫଳରେ ଆମ୍ବୁଲାନ୍ସ ଉକ୍ତ ସ୍ଥାନରେ କିଛି ସମୟ ରହିଯିବା ଦ୍ୱାରା ବିଷ ପିଇଥିବା ବ୍ୟକ୍ତିଙ୍କ ଅକ୍ସିଜେନ ଅଭାବରୁ ଜୀବନ ଚାଲିଯାଇଥିଲା । ଉକ୍ତ ଘଟଣା ବିଷୟରେ ସାଙ୍ଘାତିକ ଅଭିଯୋଗ କରିଛନ୍ତି ମୃତ ବ୍ୟକ୍ତିଙ୍କ ସାଥିରେ ଥିବା ମହିଳା ଜଣକ । ଯାହା ସମଗ୍ର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବାର ଦେଖିବାକୁ ମିଳିଛି । ଏବେ ସମଗ୍ର ଦେଶରେ ପେଟ୍ରୋଲ ସଙ୍କଟ ଦେଖାଯାଇଥିବା ବେଳେ କେନ୍ଦ୍ର ସରକାର ଆବଶ୍ୟକ ଏବଂ ଜରୁରୀ କାର୍ଯ୍ୟରେ ପେଟ୍ରୋଲ ବ୍ୟବହାର କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ଏହି ପରିପେକ୍ଷୀରେ ବିଭିନ୍ନ ପେଟ୍ରୋଲ ପମ୍ପମାନଙ୍କରେ ପେଟ୍ରୋଲ ଆବଶ୍ୟକ ପରିମାଣରେ ମିଳୁନାହିଁ । ଫଳରେ ଏହିଭଳି ଦୁର୍ଘଟଣା ଦେଖିବାକୁ ମିଳୁଛି । ସାଧାରଣରେ ଏବେ ଅଭିଯୋଗ ହେଉଛି, ଆମ୍ବୁଲାନ୍ସ ଭଳି ଏକ ଜରୁରୀ କାଳିନ ସେବାକୁ କିପରି ଆବଶ୍ୟକ ପରିମାଣରେ ପେଟ୍ରୋଲ ମିଳିଲା ନାହିଁ । ତାହା ଏବେ ସମଗ୍ର ରାଜ୍ୟରେ ସମଗ୍ର ଗଣମାଧ୍ୟମରେ ଆଲୋଚନାର ବଡ ପ୍ରଶ୍ନ ହୋଇ ଉଭା ହୋଇଛି ।

### ବସ୍ ଓ ଟ୍ରକ୍ ମାଲିକ ସଙ୍ଘ ସହ ଏସଟିଏର ବୈଠକ

## ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ରିଟେଲ୍ ଆଉଟଲେଟ୍ ସ୍ଥିର କରାଯିବ

- ଇନ୍ଧନ ପ୍ରସଙ୍ଗରେ ଗୁଜବକୁ ବିଶ୍ୱାସ ନକରିବାକୁ ଅନୁରୋଧ
- ସ୍ୱାଭାବିକ ରହିବ ପବ୍ଲିକ୍ ଟ୍ରାନ୍ସପୋର୍ଟ ସେବା

କଟକ(ନିପ୍ର): ପବ୍ଲିକ ଟ୍ରାନ୍ସପୋର୍ଟ ସେବାର ସୁଚାରୁ ପରିଚାଳନା ପାଇଁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଟ୍ରକ ମାଲିକ ସଂଘ, ବସ୍ ମାଲିକ ସଂଘ ଏବଂ ପ୍ରମୁଖ ତୈଳ କମ୍ପାନୀର ପ୍ରତିନିଧି ତଥା ରାଜ୍ୟ ସଂଯୋଜକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବସ ଓ ଟ୍ରକ ମାଲିକମାନେ ପର୍ଯ୍ୟାପ୍ତ ଇନ୍ଧନ ପାଉନଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ପବ୍ଲିକ୍ ଟ୍ରାନ୍ସପୋର୍ଟ ସେବାରେ କୌଣସି ବିଘ୍ନ ନଉପୁଜେ ସେଥିପାଇଁ ଏହି ବୈଠକରେ ଅନେକ ସ୍ୱଳ୍ପକାଳୀନ ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ପ୍ରତି ଜିଲ୍ଲାରେ ବସ୍ ଏବଂ ଟ୍ରକ୍ ପାଇଁ ସ୍ୱତନ୍ତ୍ର ପେଟ୍ରୋଲ ପମ୍ପ ସଂରକ୍ଷିତ ରଖିବା ସହ ଗାଡ଼ି ମାଲିକମାନେ ପୂର୍ବରୁ ବ୍ୟବହାର କରୁଥିବା ତେଲ ଟାଙ୍କିର ଏକ ସୂଚୀ ପ୍ରଦାନ କରିବେ ଏବଂ ଚିହ୍ନଟ ହୋଇଥିବା ସେହି ନିର୍ଦ୍ଦିଷ୍ଟ ଆଉଟ୍‌ଲେଟ୍‌ଗୁଡ଼ିକରେ ସର୍ବଦା ଆବଶ୍ୟକୀୟ ଇନ୍ଧନ ମହଜୁଦ ରଖାଯିବ। ଏହା ସହିତ ଟ୍ରକଗୁଡ଼ିକ ସୁବିଧା ପାଇଁ ଜାତୀୟ ରାଜପଥ (ହାଇୱେ) କଡ଼ରେ ପ୍ରତି ଜିଲ୍ଲାରେ ପେଟ୍ରୋଲ ପମ୍ପ ଚିହ୍ନଟ କରାଯିବ ଏବଂ ଗାଡ଼ିଗୁଡ଼ିକର ଦୈନିକ ଆବଶ୍ୟକତା ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ପମ୍ପଗୁଡ଼ିକୁ ତୈଳ ଯୋଗାଣ ପ୍ରକ୍ରିୟାକୁ ସରକାର ଓ ତୈଳ କମ୍ପାନୀ ସିଧାସଳଖ ମନିଟରିଂ କରିବେ। ଇନ୍ଧନ ପ୍ରସଙ୍ଗରେ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ ଅନୁରୋଧ କରାଯାଇଛି । ପବ୍ଲିକ ଟ୍ରାନ୍ସପୋର୍ଟ ସ୍ୱାଭାବିକ ରହିବ ବୋଲି ଆଶ୍ୱାସନା ଦିଆଯାଇଛି। ଏହି ବୈଠକରେ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ।

# ତେଲ ପାଇଁ ହାହାକାର: ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ଼

ନିରାକାରପୁର(ନିପ୍ର): ମଧ ପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧର ପ୍ରଭାବ ଏବେ ସ୍ଥାନୀୟ ବଜାର ଉପରେ ପଡ଼ିବାରେ ଲାଗିଛି। ବିଶେଷ କରି ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସର ଘୋର ଅଭାବ ଦେଖାଦେବା ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ସଙ୍କଟକୁ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଇନ୍ଧନ କମ୍ ଖର୍ଚ୍ଚ କରିବାକୁ ଏବଂ ସଞ୍ଚୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲାର ୧୬ ନମ୍ବର ଜାତୀୟ ରାଜପଥ ସମେତ ଜଂକିଆ ଓ ନିରାକାରପୁର ଅଞ୍ଚଳରେ ଇନ୍ଧନ ସଙ୍କଟର ଚିତ୍ର ସ୍ପଷ୍ଟ ଦେଖିବାକୁ ମିଳିଛି। ଅଧିକାଂଶ ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ଗାଡ଼ି ମାଲିକମାନେ ଇତସ୍ତତଃ ହୋଇ ଏଣେତେଣେ ବୁଲୁଥିବାର ଦେଖାଯାଇଥିଲା। ଗାଡ଼ିର ଟାଙ୍କି ଫୁଲ୍ କରିବା ପାଇଁ ଚାଳକମାନେ ଗୋଟିଏ ପମ୍ପରୁ ଅନ୍ୟ ପମ୍ପକୁ ଦୌଡ଼ି ଦୌଡ଼ି ହତାଶ ହେଉଛନ୍ତି। ଯେଉଁ କିଛି ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପରେ ତେଲ ଉପଲବ୍ଧ ଅଛି, ସେଠାରେ ଗାଡ଼ିଗୁଡ଼ିକର ନାହିଁନଥିବା ଭିଡ଼ ଜମୁଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏବଂ ସମସ୍ତଙ୍କୁ ଅଳ୍ପ ବହୁତେ ଇନ୍ଧନ ଯୋଗାଇବା ପାଇଁ କିଛି ପମ୍ପ କର୍ତ୍ତୃପକ୍ଷ ‘ରେସନିଂ’ ବ୍ୟବସ୍ଥା ଆପଣାଇଛନ୍ତି। ନୂତନ ଷ୍ଟକ୍ ଆସିବା ପର୍ଯ୍ୟନ୍ତ ଗୋଟିଏ ଗାଡ଼ିକୁ କେବଳ ଏକ ନିର୍ଦ୍ଦିଷ୍ଟ ପରିମାଣର ତେଲ ଦିଆଯାଉଥିବା ଦେଖିବାକୁ ମିଳିଛି। ଏହି ସଙ୍କଟ ଜାରି ରହିଲେ ଆଗାମୀ ଦିନରେ ପରିବହନ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା କରାଯାଉଛି। ଜନସାଧାରଣ ଅନାବଶ୍ୟକ ଭାବେ ଗାଡ଼ି ବ୍ୟବହାର ନ କରିବାକୁ ପ୍ରଶାସନ ପକ୍ଷରୁ ମଧ ପରୋକ୍ଷରେ ସୂଚନା ଦିଆଯାଉଛି।




## ବେଲଗୁଣ୍ଠାରେ ପେଟ୍ରୋଲ ଓ ଡିଜେଲ ଅଭାବ, ଗ୍ରାହକ ହନ୍ତସନ୍ତ

ବେଲଗୁଣ୍ଠା(ନିପ୍ର): କିଛି ଦିନ ହେଲା ବେଲଗୁଣ୍ଠା ସହରରେ ଡିଜେଲ, ପେଟ୍ରୋଲର ଗୁରୁତର ଅଭାବ ସୃଷ୍ଟି ହୋଇଛି। ବେଲଗୁଣ୍ଠା ସହର ଓ ବ୍ଲକ ଅଞ୍ଚଳରେ ୩ ଗୋଟି ପେଟ୍ରୋଲ ଟାଙ୍କି ଥିବାବେଳେ ସେଥିରୁ ଦୁଇଟି ଟାଙ୍କି ପ୍ରାୟତଃ ଅଧିକାଂଶ ସମୟରେ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି । ବହୁ ସମୟରେ ବେଲଗୁଣ୍ଠା ଟାଙ୍କି ବନ୍ଦ ରହୁଛି ।



ତେଲ ଥିଲେ ବାଇକ ପାଇଁ ୨୦୦ ଓ କାର ପାଇଁ ୧୦୦୦ ଟଙ୍କାର ପେଟ୍ରୋଲ ଦେବାର ସୀମିତ ରଖାଯାଇଛି । ପେଟ୍ରୋଲ ପମ୍ପ ନିକଟରେ ଲମ୍ବା ଲାଇନ ଲାଗିଥିବା ବେଳେ ବରିଷ୍ଠ ବ୍ୟକ୍ତିମାନେ ଲାଇନରେ ଜଗି ଅଣନିଶ୍ୱାସୀ ହୋଇପଡୁଛନ୍ତି। ସେହିପରି ଗାଙ୍ଗପୁର ପେଟ୍ରୋଲ ପମ୍ପ ଦୁଇଦିନ ହେଲା ବନ୍ଦ ଅଛି। ଗୋବରା ପମ୍ପରେ ପ୍ରବଳ ଭିଡ଼ ଲାଗିରହୁଛି। ଏଭଳି ଅବସ୍ଥା ସୃଷ୍ଟି ହେଲେ ଗମନାଗମନ ପ୍ରଭାବିତ ହେବାର ଦେଖାଦେବ ଓ ଜନସାଧାରଣ ନାହିଁନଥିବାର ଅବସ୍ଥାର ସମ୍ମୁଖୀନ୍ନ ହେବେ ।

## ପେଟ୍ରୋଲ ପାଇଁ ସାଧାରଣ ଖାଉଟିଙ୍କ ମଧ୍ୟରେ ଠେଲାପେଲା

କେନ୍ଦ୍ରାପଡ଼ା(ନିପ୍ର): ଏସିଆ ମଧ୍ୟପ୍ରାଚ୍ୟ ଦୀର୍ଘ ମାସରୁ ଲାଗିରହିଥିବା ଯୁଦ୍ଧ ପ୍ରଭାବ ଏବେ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀରେ ପଡିବା ଆରମ୍ଭ ହୋଇଗଲାଣି । ବଜାରରେ ପ୍ରତ୍ୟକ ସାମଗ୍ରୀ ଦରଦାମ ଦିନକୁ ଦିନ ଅହେତୁକ ବୃଦ୍ଧି ପାଉଥିବା ବେଳେ ସାଧାରଣ ଖାଉଟିଟିଏ ଏହା ଭିତରେ ପେଷି ହୋଇଯାଉଛି । ଏହାର ପ୍ରଭାବରେ କିଛି ପେଟ୍ରୋଲ ପମ୍ପଗୁଡିକ ବାଇକକୁ ୧୦୦ ଟଙ୍କାର ପେଟ୍ରୋଲ ଦେଉଥିବା ବେଳେ ଚାରିଚକିଆ ଜାନକୁ ୫୦୦ ଟଙ୍କାର ପେଟ୍ରୋଲ ଦେଉଥିବାର ଦେଖିବାକୁ ମିଳୁଛି । କିଛି ଦିନ ତଳେ ବଜାରରେ ରନ୍ଧନ ଗ୍ୟାସର ଘୋର ଅଭାବ ଦେଖିବାକୁ ମିଳୁଥିବା ବେଳେ ଏବେ ପେଟ୍ରୋଲରେ ଘୋର ସଙ୍କଟ ଦେଖିବାକୁ ମିଳିଛି । ଏକ ସପ୍ତାହ ହେବ ସମଗ୍ର ରାଜ୍ୟରେ ପେଟ୍ରୋଲ ସଙ୍କଟ ଦେଖାଯାଇଥିବା ବେଳେ ଏବେ ଧୀରେ ଧୀରେ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ହେବାକୁ ବସିଲାଣି । ଶୁକ୍ରବାର ପେଟ୍ରୋଲ ଅଭାବର ସମ୍ପୂର୍ଣ୍ଣ ପ୍ରଭାବ କେନ୍ଦ୍ରାପଡ଼ା ବଜାରରେ ଦେଖିବାକୁ ମିଳିଛି । ବିଭିନ୍ନ ପେଟ୍ରୋଲ ପମ୍ପମାନଙ୍କରେ ଦୁଇ ଚକିଆ ଏବଂ ଚାରି ଚକିଆଗୁଡିକ ଲମ୍ବାଲାଇନ ଦେଖିବାକୁ ମିଳିଥିବା ବେଳେ ବିଭିନ୍ନ ପେଟ୍ରୋଲ ଟାଙ୍କିମାନଙ୍କରେ ପେଟ୍ରୋଲ ନଥିବା କାରଣରୁ ସେମାନେ ପେଟ୍ରୋଲ ପମ୍ପ ବନ୍ଦ କରିଦେଉଛନ୍ତି । ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ମହଜୁତ ଥିବା କଥା କହୁଥିବା ବେଳେ ରାଜ୍ୟବାସୀ ଆବଶ୍ୟକତାଠାରୁ ଅଧିକ ତେଲ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି। ଯାହାଫଳରେ ଆବଶ୍ୟକ ଗାଡ଼ିଗୁଡିକୁ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ମିଳିପାରୁନାହିଁ, ଯାହା ଏବେ ସରକାରଙ୍କ ପାଇଁ ବଡ ଚାଲେଞ୍ଜ ହୋଇ ଉଭା ହୋଇଛି ।

# ୧୮ ଓ ୨୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୧୫/୫(ନିପ୍ର): ଆସନ୍ତା ମଇ ୧୮ ଓ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ମଇ ୧୮ ତାରିଖ ଓ ପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଆୟ ବହିର୍ଭୂତ ସଂପତ୍ତି ଠୁଳ କରିବା ଅଭିଯୋଗରେ ଜୁନିୟର ଇଂଜିନିୟର ଗିରଫ

ଭୁବନେଶ୍ୱର, ୧୫/୫(ନିପ୍ର): ଓଡ଼ିଶା ଭିଜିଲାନ୍ସ ବିଭାଗ ଆୟ ବହିର୍ଭୁତ ସଂପତି ଠୁଳ କରିବା ମାମଲାରେଭଦ୍ରକସ୍ଥିତ କମାଣ୍ଡ ଏରିଆ ଡେଭଲପମେଣ୍ଟ (ସିଏଡି) ଡିଭିଜନର ଜୁନିୟର ଇଞ୍ଜିନିୟର ବିଜୟ କୁମାର ମହାନ୍ତିଙ୍କୁ ଗିରଫ କରିଛି । ତାଙ୍କୁ ଆଜି ବାଲେଶ୍ୱର ସ୍ଥିତ ବିଶେଷ ଭିଜିଲାନ୍ସ ଅଦାଲତରେ ହାଜରକରାଯିବ ।ଉଲ୍ଲେଖନୀୟ ଯେ, ଗୁରୁବାର ଦିନ ମହାନ୍ତିଙ୍କ ସହସମ୍ପୃକ୍ତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା । ଏହି ଚଢ଼ାଉ ସମୟରେ ତାଙ୍କପାଖରେ ବହୁ ପରିମାଣର ଅଘୋଷିତ ସମ୍ପତ୍ତି ଥିବାର ସନ୍ଦେହ ମିଳିଥିଲା । ତଦନ୍ତରେ ଦୁଇଟି ବହୁମହଲାଘର, ସାତଟି ମୂଲ୍ୟବାନ ପ୍ଲଟ୍, ୧.୭୩ ଲକ୍ଷ ଟଙ୍କା ନଗଦ, ୩୫୦ ଗ୍ରାମ ସୁନା ଏବଂ ୧୯.୪୬ ଲକ୍ଷ ଟଙ୍କାର ଜମାରାଶି ସହ ଅନ୍ୟାନ୍ୟସମ୍ପତ୍ତି ଜବତ କରାଯାଇଛି । ଏହି ସମ୍ପତ୍ତି ସମ୍ବନ୍ଧରେ ସେ ସନ୍ତୋଷଜନକ ସ୍ୱଷ୍ଟୀକରଣଦେଇପାରିନଥିଲେ । ଏହି ସମ୍ବନ୍ଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଭ୍ରଷ୍ଟାଚାର ନିବାରଣ ଅଧିନିୟମ, ୨୦୧୮ ଅନୁଯାୟୀ କେସ୍ ନମ୍ବର ୬/୨୦୨୬ ରୁଜୁ କରାଯାଇଛି । ମାମଲାର ଅଧିକତଦନ୍ତ ଜାରି ରହିଛି ।

# ଓଡ଼ିଆ ଚଳଚ୍ଚିତ୍ର ନୀତି ଖୁବ୍‌ଶୀଘ୍ର ପ୍ରଣୟନ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫।୫: ଓଡିଶାର ଚଳଚ୍ଚିତ୍ର ଜଗତରେ ଆଶାର ଲହରୀ ସୃଷ୍ଟି କରିଥିବା ଏକ ଐତିହାସିକ ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଘୋଷଣା କରିଛନ୍ତି ଯେ ଓଡ଼ିଆ ସିନେମା ଆଉ 'ସାଧାରଣ' ନୁହେଁ – ଏହା 'ଅସାଧାରଣ ପ୍ରୟାସ'ର ସମୟ ।ସଂସ୍କୃତି ଭବନରେ ପ୍ରମୁଖ ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକ ଏବଂ କାରିଗରୀଙ୍କ ଏକ ଭିଡ଼ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ଏକ ବ୍ୟାପକ ନୂତନ ଓଡ଼ିଆ ଚଳଚ୍ଚିତ୍ର ନୀତି ଖୁବ୍ ଶୀଘ୍ର ପ୍ରଣୟନ କରାଯିବ, ଯାହା ରାଜ୍ୟର ସାଂସ୍କୃତିକ ପରିଚୟ ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତି ପାଇଁ ସିନେମାକୁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ସ୍ଥାନିତ କରିବ । ସିନେମାକୁ କେବଳ ମନୋରଞ୍ଜନ ଅପେକ୍ଷା ଅଧିକ କିଛି ବୋଲି ବର୍ଣ୍ଣନା କରି ମାଝୀ କହିଛନ୍ତି, 'ସିନେମା ହେଉଛି ଏକ ଜାତିର ସ୍ମୃତି, ସଂସ୍କୃତି, ଭାବନା ଏବଂ ଆତ୍ମା । ଯେଉଁ ସମାଜ ମହାନ ସିନେମା ସୃଷ୍ଟି କରେ ତାହା ବିଶ୍ୱ ସ୍ତରରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିଥାଏ ।' ସେ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ଅନ୍ୟ ଶିଳ୍ପଗୁଡ଼ିକୁ ଅନୁକରଣ କରିବା ବନ୍ଦ କରିବା କହିଥିଲେ । ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଆ ସଂସ୍କୃତିର କାହାଣୀ, ପ୍ରାଚୀନ କଳିଙ୍ଗର ସାମୁଦ୍ରିକ ଗୌରବ, ଆଦିବାସୀ ଐତିହ୍ୟ, ଘୂର୍ଣ୍ଣିବାତ୍ୟା ଏବଂ ବନ୍ୟା ସମୟରେ ଲୋକଙ୍କ ସ୍ଥିରତା, ଗ୍ରାମୀଣ ଜୀବନର ସୁଖ ଏବଂ ଦୁଃଖ ଏବଂ ମହାନଦୀ ଏବଂ ଅନ୍ୟାନ୍ୟ ନଦୀ କୂଳରେ ଦୈନନ୍ଦିନ ସଂଘର୍ଷର କାହାଣୀରୁ ନିଜର ସ୍ୱତନ୍ତ୍ର ସ୍ୱର ଆବିଷ୍କାର କରିବାକୁ ଅନୁରୋଧ କରିଥିଲେ ।

# କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା



ନୟାଗଡ଼, ୧୫।୫(ନିପ୍ର): ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ପରିଷଦର ସୃଜନ ସଭାକକ୍ଷରେ ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ ୱାନ୍ ପାଇଥିବା ସର୍ବମୋଟ ୫୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନୟାଗଡ଼ର ଜିଲ୍ଲାପାଳ ମଧୁମିତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀର ସାଂସଦ ଡା ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡାର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ନୟାଗଡ଼ର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଅବସରରେ ମୁଖ୍ୟ ଅତିଥି ଡା ସମ୍ବିତ ପାତ୍ର ପ୍ରତ୍ୟେକ କୃତୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ, ଖାତା ସହ ଏକ ବ୍ୟାଗ ମଧ୍ୟ ଉପହାର ଭାବେ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ କୁ ଶରତ ଚନ୍ଦ୍ର ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଶିକ୍ଷା ଅଧିକାରୀ ସଂଧାରାଣୀ ରାଉତ ।



ସାବିତ୍ରୀ ବ୍ରତ ପାଇଁ ଫଳ ଦୋକାନରେ ଭିଡ଼ (ଫଟୋ-ଦିନଲିପି)

# ରାଜସ୍ୱ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଶୀଘ୍ର ସାରିବାକୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୫/୫(ନିପ୍ର): ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ ମନ୍ତ୍ରଣାଳୟ କର୍ମଚାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଓ ରୋଟେସନ୍ ପ୍ରକ୍ରିୟାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ।ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, ବିଭାଗରେ କାର୍ଯ୍ୟରତ ସେକ୍ସନ୍ ଅଫିସର (ଏସଓ), ସିନିୟର ରେଭେନ୍ୟୁ ଆସିଷ୍ଟାଂଟ୍ (ଏସଆରଏ), ଜୁନିୟର ରେଭେନ୍ୟୁ ଆସିଷ୍ଟାଂଟ (ଜେଆରଏ) ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଭେନ୍ୟୁ ସୁପରଭାଇଜର (ଆରଏସ), ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ), ଅସିଷ୍ଟାଂଟ ରେଭେନ୍ୟୁ ଇନ୍ସପେକ୍ଟର (ଏଆରଆଇ), ଅମିନ ପ୍ରମୁଖ କର୍ମଚାରୀ ଯେଉଁମାନେ ଗୋଟିଏ କାର୍ଯ୍ୟାଳୟରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି, ସେମାନଙ୍କର ବଦଳି ଓ ରୋଟେସନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍, ତହସିଲ୍ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି ।ତେବେ, ବିଭିନ୍ନ ଜିଲ୍ଲାରେ ବକେୟା ଥିବା ବଦଳିକୁ ରାଜ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ବଦଳି ଋତୁ ମଧ୍ୟରେ ଅର୍ଥାତ୍ ୧୫ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ରୋଟେସନ୍ ପ୍ରକ୍ରିୟା ସମାପ୍ତ କରିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ତିନିବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟ କିମ୍ବା ପ୍ରତିଷ୍ଠାନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବଦଳି ସରକାରଙ୍କ ପ୍ରଚଳିତ ନୀତି ଓ ନିର୍ଦ୍ଦେଶାବଳୀ ଅନୁସାରେ ଅନୁପାଳନ କରିବାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି ।

# କାରରୁ ୫୪୦ ଲିଟର ଦେଶୀ ମଦ ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୫/୫(ନିପ୍ର): ଆଠଗଡ଼ରୁ ଭାୟା ବାରଙ୍ଗ ଦେଇ ଚନ୍ଦକାକୁ ଏକ କାରରେ ହେଉଥିଲା ଦେଶୀ ମଦ ଚାଲାଣ । ଖବର ପାଇ ଚନ୍ଦକା ଛକରେ ମାଡି ବସିଲା ଭୁବନେଶ୍ୱର ଅବକାରୀ ସ୍କ୍ୱାଡ । କାର ଭିତରୁ ୫୪୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲା, ଶ୍ରୀତମ ଦାସ । ପରେ ଏକ ବେଆଇନ୍ ଦେଶୀ ମଦ ଚାଲାଣ ମାମଲା ରୁଜୁକରି ବୁଧବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଚନ୍ଦକା ଅଞ୍ଚଳରେ ଅବକାରୀ ସ୍କ୍ୱାର୍ଡ ବୁଧବାର ସକାଳୁ ସକାଳୁ ପାଟ୍ରୋଲିଂ ଚଳାଉଥିଲା । ଏହି ସମୟରେ ବିଶ୍ୱସ୍ତ ଶୁତ୍ରରୁ ଖବର ମିଳିଥିଲା ଯେ, ଆଠଗଡ଼ରୁ ଭାୟା ବାରଙ୍ଗ ଦେଇ ଚନ୍ଦକାକୁ ଏକ (ଓଡ଼ି ୨୫ଇ-୮୦୦୫) ନମ୍ବର ରହିଥିବା ଏକ କାରରେ ଦେଶୀ ମଦ ଲୋଡ ହୋଇ ଆସୁଥିବା ଖବର ପାଇଥିଲେ । ପରେ ଟିମ୍ ଚନ୍ଦକା ଛକରେ ସାଧାପୋଷାକରେ ଛପି ବସିଥିଲେ । ଏତିକି ବେଳେ କାରଟି ଆସି ଚନ୍ଦକା ଛକରେ ପହଞ୍ଚିବା ବେଳେ, ଟିମ କାରକୁ ମାଡି ବସିଥିଲେ । ପରେ କାରର ତଲାସି ବେଳେ, କାର ଭିତରୁ ୫୪୦ ଲିଟରେ ତଥା ୧ ଲକ୍ଷ ଟଙ୍କାର ଦେଶୀ ମଦ ରହିଥିବା ୬ଟି ବଡ଼ ବଡ଼ ଜରି ପଲଥିନ୍ ଜବତ କରାଯାଇଥିଲା ।

# ଓଡ଼ିଶାରେ ନୀଳ ଅର୍ଥନୀତି ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ

ଭୁବନେଶ୍ୱର, ୧୫/୫(ନିପ୍ର): ଓଡ଼ିଶାରେ ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ ରଖି ନୀଳ ଅର୍ଥନୀତି (ବ୍ଲୁ ଇକୋନୋମି) କ୍ଷେତ୍ରର ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଗତ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏ ସଂପର୍କରେ ଗତ ମାର୍ଚ୍ଚ ୧୩ ଓ ୧୪ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ନୀଳ ଅର୍ଥନୀତିସଂପର୍କିତ ବୈଶ୍ୱିକ ସମ୍ମିଳନୀ (ଗ୍ଲୋବାଲ ସମିଟ୍ ଅନ୍ ନୀଳ ଅର୍ଥନୀତି–୨୦୨୬) ର ସୁପାରିଶ ଗୁଡ଼ିକ ଆଧାରରେ ରାଜ୍ୟର ଏକ ସମନ୍ୱିତ ନୀଳ ଅର୍ଥନୀତି ରୋଡମ୍ୟାପ୍ ପ୍ରସ୍ତୁତି କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ବୈଠକରେ ରାଜ୍ୟରେ ବ୍ଲୁ ଇକୋନୋମି କ୍ଷେତ୍ରରେ ପଦକ୍ଷେପ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନିତ କରାଯାଇଛି । ସରକାରଙ୍କ ବିଭିନ୍ନ ବିଭାଗର ସାମୁହିକ ପ୍ରୟାସରେ ସମନ୍ୱିତ ଯୋଜନାରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବ ।ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ରାଜ୍ୟରେ ନୀଳ ଅର୍ଥନୀତି କ୍ଷେତ୍ରରେ ନିଆଯିବାକୁ ଥିବା ପଦକ୍ଷେପ ସଂପର୍କରେଉପସ୍ଥାପନ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ସମେତ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଜଳ ସଂପଦ, ଶକ୍ତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ବାଣିଜ୍ୟ ଓ ପରିବହନ, ପର୍ଯ୍ୟଟନ ଆଦି ବିଭାଗଙ୍କ ସମ୍ମିଳିତ ପ୍ରୟାସରେ ଏକ ସମ୍ମିଳିତ ପଦକ୍ଷେପ (କନଭରଜେନ୍ସ ଫ୍ରେମୱାର୍କ) ସ୍ଥାପନ କରାଯିବ । ଭୁବନେଶ୍ୱରସିଟି ନଲେଜ ଇନୋଭେସନ କ୍ଲଷ୍ଟର (ବିସିକେଆଇସି) ନଲେଜ୍ ପାର୍ଟନର ଭାବେ ସହଯୋଗ କରିବ । ସମନ୍ୱିତ ଯୋଜନା, ଭାଗିଦାରୀ ଧାର୍ଯ୍ୟ ଲକ୍ଷ୍ୟ ନେଇ ଏକ ବ୍ଲୁ ଇକୋନୋମି ରୋଡ୍ ମ୍ୟାପ୍ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।ନୀଳ ଅର୍ଥନୀତି ପ୍ରୟାସର ନିରୀକ୍ଷଣ ଓ ସମନ୍ୱୟ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯିବ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗକୁ ଆନ୍ତଃ ବିଭାଗୀୟ ସମନ୍ୱୟ କରି ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବାକୁ ପରାମର୍ଶ ଦିଆଯାଇଛି । ସେହିପରି ବିଶେଷଜ୍ଞ, ଗବେଷଣା ସଂସ୍ଥା ଓ ବାୟୋ ଟେକ୍ନୋଲୋଜି ଉଦ୍ୟୋଗ ସଂଗଠନମାନଙ୍କୁ ନେଇ ଏକ "ଟେକ୍ନିକାଲ ଆଡଭାଇଜରି ଗ୍ରୁପ୍" ଗଠନ କରାଯିବ ।ବୈଠକରେ ରାଜ୍ୟରେ ଏକ "ନୀଳ ଅର୍ଥନୀତି ହବ୍ (ବି-ହବ୍)" ସ୍ଥାପନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ।



# ସ୍କର୍ପିଓ ବାଇକ ମୁହାଁମୁହିଁ ଧକ୍କା, ୨ ମୃତ ଜଣେ ଗୁରୁତର

କୁଚିଣ୍ଡା, ୧୫/୫(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ନିକଟସ୍ଥ ଫରେଷ୍ଟ ପାର୍କ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି । ସ୍କର୍ପିଓ ସହ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଜଣେ ୮ ବର୍ଷୀୟା ଶିଶୁ କନ୍ୟା ଗୁରୁତର ଆହତ ହୋଇ ବୁର୍ଲା ଭିମସାର ମେଡ଼ିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର ହୋଇଛନ୍ତି । ମୃତକ ମାନେ ହେଲେ ମହୁଲପାଲି ଥାନା (କୁ) ଜମନକିରା ଗ୍ରାମର ଶିବ ମୁଣ୍ଡା(୪୦)ଓ ଦୀପକ ମୁଣ୍ଡା (୪୨) । ଏଥିରେ ୮ ବର୍ଷିୟା ସୁନୟନା ମୁଣ୍ଡା ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଭିମସାର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଆସିବ ଅନାସ୍ଥା

ନୟାଗଡ଼, ୧୫।୫(ନିପ୍ର): ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜୁ ଜନତା ଦଳରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ । ସେ ଆଜି ବିଜେପିରେ ମିଶିଛନ୍ତି । କିଶୋରଙ୍କ ସହିତ ଜଣେ ବି ସରପଞ୍ଚ, ସମିତି କି କର୍ମୀ ବିଜେପିରେ ମିଶିବାକୁ ରାଜି ହୋଇ ନାହାନ୍ତି । କିଶୋର ବିଜେଡିରୁ ଇସ୍ତଫା ଦେବା ପରେ ତାଙ୍କ ବିରୁଦ୍ଧରେ ଅନାସ୍ଥା ଆଣିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି । ନୟାଗଡ଼ ବ୍ଲକର ଅନେକ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ପାଇଁ ରଣନୀତି ଚୂଡ଼ାନ୍ତ କରିଛନ୍ତି । ୪୫ରୁ ଊର୍ଦ୍ଧ୍ୱ ସମିତି ଓ ସରପଞ୍ଚ ଅନାସ୍ଥା ଆଣିବାକୁ ଦସ୍ତଖତ କରି କାଗଜପତ୍ର ପ୍ରସ୍ତୁତି କରି ସାରିଛନ୍ତି । ଆସନ୍ତା ସୋମବାର ଅନାସ୍ଥା ପ୍ରସ୍ତାବ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସମ୍ଭାବନା ରହିଛି ।

# ଓବିସି ଗଣନା ପାଇଁ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୧୫/୫(ନିପ୍ର): ଓବିସି ମଞ୍ଚ ବଲାଙ୍ଗିରର ପ୍ରତିନିଧି ଦଳ ଏବଂ ଆନନ୍ଦ ପଧାନ ସଂଯୋଜକ ଓବିସି ମଞ୍ଚ ଆଗଲପୁର ବ୍ଲକ ବଲାଙ୍ଗିରଙ୍କ ନେତୃତ୍ୱରେ ଆଗଲପୁର ତହସିଲଦାର ତହସିଲଦାରଙ୍କୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଭାରତ ସରକାର ୨୦୨୫ ଜାନୁଆରୀ ମାସ ୩୦ ତାରିଖର କେନ୍ଦ୍ର କେବିନେଟ ନିଷ୍ପତ୍ତି କ୍ରମେ ୨୦୨୭ ଜନଗଣନାରେ ଜାତିଭିତ୍ତିକ ଓବିସି ବର୍ଗର ଜନଗଣନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ମିଥ୍ୟା ପ୍ରମାଣିତ ହୋଇଛି । ବର୍ତ୍ତମାନର ଗୃହଗଣନା ଯାହା ଜନଗଣନାର ପ୍ରଥମ ସୋପାନ, ସେଥିରେ ୩୩ଟି ପ୍ରଶ୍ନର ଉତ୍ତର ଗୃହକର୍ତ୍ତା ଦେବେ । ପ୍ରଶ୍ନ ନମ୍ବର ୧୨ରେ ଗୃହ କର୍ତ୍ତାଙ୍କ ଜାତି କ'ଣ ବୋଲି ଏଥିରେ ଉଲ୍ଲେଖ ଅଛି, ଏଥିରେ ଏସ୍‌ଟି, ଏସ୍‌ସି ଏବଂ ଅନ୍ୟାନ୍ୟ ବୋଲି ସୂଚିତ ଅଛି ଯାହା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ରହିଛି । ଓବିସି ବୋଲି ପଚାରି ଥିଲେ ପରବର୍ତ୍ତୀ ସମୟରେ ଓବିସି ବର୍ଗର ଲୋକଙ୍କ ଗଣନା ହୋଇପାରିଥାନ୍ତା, କିନ୍ତୁ ସେପରି ହୋଇନାହିଁ । ସରକାର ଓବିସି ଜନସାଧାରଣଙ୍କ ସହିତ ପ୍ରତାରଣା କରୁଛି । ଏଣୁ ଓବିସି ବର୍ଗର ଲୋକମାନେ ଏହି ଜନଗଣନାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହି ବିଷୟରେ ଅବଗତ କରାଇବା ସହ ଏକ ଦାବିପତ୍ର କେନ୍ଦ୍ର ଗୃହମନ୍ତ୍ରୀ ମାନନୀୟ ଅମିତ ଶାହାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସରକାର ଏହାକୁ ଲାଗୁ କଲେ ଦେଶର ଅର୍ଦ୍ଧାଧିକ ଲୋକଙ୍କ ଉନ୍ନତି ହୋଇପାରିବ ବୋଲି ବୋଲି ରାଜ୍ୟ ଓବିସି ମଞ୍ଚ କୋଷାଧକ୍ଷ ପ୍ରଦେଶୀ ବିଶ୍ୱାଳ ଉପସ୍ଥାପନ କରିଛନ୍ତି । ସରକାର ଆଗାମୀ ଦିନରେ ଓବିସି ବର୍ଗର ଲୋକଙ୍କ କଥା ନ ଶୁଣିଲେ ଓବିସିମାନେ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କଡା ଚେତାବନୀ ମଧ୍ୟ ଦେଇଛନ୍ତି ।

# ପୋଲିସ ଚଢ଼ାଉ ଜାରି: ୩ ଗିରଫ

**ନିମାପଡ଼ା, ୧୫।୫ (ନିପ୍ର):** ରାଜ୍ୟରେ ଅପରାଧକରଣ କାର୍ଯ୍ୟକଳାପ ବୃଦ୍ଧି ପାଉ ଥିବାରୁ ସାଧାରଣରେ ଜନ ଅସନ୍ତୋଷ ଦେଖା ଦେଇଛି । ଏହି ପରିପ୍ରେକ୍ଷୀରେ ନିମାପଡ଼ା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ସହିତ ପୁରୁଣା ମୋକଦ୍ଦମାର ୱାରଂଟିଙ୍କୁ ଧରିବାରେ ସଫଳ ହୋଇଥିବା ସୂଚନା ମିଳିଛି । ବିଅଁଳ ଗ୍ରାମର ଅଭିଯୁକ୍ତ ଲୋକନାଥ ବେହେରା ୨୦୧୬ ମସିହାରୁ ଫେରାର ଥିଲା । ବିଭିନ୍ନ ସୂତ୍ରରୁ ଖବର ନେଇ ବୁଧବାର ଜଣେ ଗିରଫ ହୋଇଥିବା ବେଳେ ଶୁକ୍ରବାର ୨ ଜଣ ଗିରଫ ହୋଇଥିବା ଥାନା ଅଧିକାରୀଙ୍କ ଠାରୁ ପ୍ରକାଶ । ବିଭିନ୍ନ ସମୟେ ପୋଲିସ କାର୍ଯ୍ୟକଳାପ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଥିବା ବେଳେ ସରକାରଙ୍କ କଡ଼ା ଆଭିମୁଖ୍ୟକୁ ସାକାର କରିବା ପାଇଁ ପୋଲିସ ଏବେ ଆଇନ ଶୃଙ୍ଖଳା ରକ୍ଷା କରିବା ଦିଗରେ ତତ୍ପରତା ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଇଛି । ଆସନ୍ତା ପହିଲାରୁ ୬ ତାରିଖ ପର୍ଯ୍ୟନ୍ତ ନିମାପଡ଼ା ଉତ୍କର୍ଷ ଉତ୍ସବ ପାଳନ ହେବାକୁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୋଲିସ ଏହାକୁ ଶୃଙ୍ଖଳାର ସହ ସମ୍ପନ କରିବା ନିମନ୍ତେ ଅସାମାଜିକ ତତ୍ତ୍ୱ ଉପରେ କଡ଼ା ନଜର ରଖିଥିବା ଜଣାପଡ଼ିଛି । ପ୍ରତିଦିନ ବିଭିନ୍ନ ମୋକଦ୍ଦମାରେ ସଂପୃକ୍ତ ଆସାମୀ ମାନଙ୍କୁ ଖୋଜି ବାହାର କରିବା ପାଇଁ ପାଟ୍ରୋଲିଙ୍ଗ କରାଯାଇ ସେମାନଙ୍କ ସଂପର୍କରେ ତଥ୍ୟ ସଂଗ୍ରହ ଚାଲିଥିବା ସୂଚନା ମିଳିଛି ।

# ଜାତୀୟ ମିସ୍ ଟିନ୍ ବିଜୟିନୀ ହେଲେ ସିଦ୍ଧିକ୍ସା ପ୍ରିୟଦର୍ଶିନୀ



**ଜଟଣୀ, ୧୫/୫(ନିପ୍ର):** କେରଳମ୍ କାଲିକଟ ନଗରୀରେ ଆୟୋଜିତ ସର୍ବଭାରତୀୟ ସ୍ତରରେ କୁନି କିଶୋରୀ ସୁନ୍ଦରୀ, (୧୮ ବର୍ଷରୁ କମ କିଶୋରୀ) ପ୍ରତିଯୋଗିତାରେ ଓଡ଼ିଶାର ଗର୍ବ ତଥା ଜଟଣୀର ୧୩ ବର୍ଷୀୟା ସିଦ୍ଧିକ୍ସା ପ୍ରିୟଦର୍ଶିନୀ ସାରା ଭାରତରୁ ବିଭିନ୍ନ ରାଜ୍ୟରୁ ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗିଙ୍କୁ ପଛରେ ପକାଇ ଓଡିଶା ନାମକୁ ସାରା ଭାରତକୁ ପରିଚୟ ଦେଇ ନ୍ୟାସନାଲ ପିଏଜେଣ୍ଟ -ମିସ୍ ଟିନ୍ ସୁପର ଗ୍ଲୋବ୍ ୨୦୨୬'ଟାଇଟେଲ (ଭାରତୀୟ ସର୍ବଶ୍ରେଷ୍ଠ କୁନି କିଶୋରୀ ସୁନ୍ଦରୀ୨୦୨୬) ଶେଷରେ ବିଜୟିନୀ ମୁକୁଟ ପରିଧାନ କରିଛନ୍ତି । ଯାହାଫଳରେ ଆଗାମୀ ଅଗଷ୍ଟ ୧୯ ରୁ ୨୩ ପର୍ଯ୍ୟନ୍ତ ବ୍ୟାଙ୍କକ ଥାଇଲାଣ୍ଡରେ ହେବାକୁ ଥିବା ଇଣ୍ଟରନାସନାଲ ଗ୍ଲୋବ୍ ୨୦୨୬ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ଦୃଢ଼ତାର ସହ କହିଛନ୍ତି ଯେ ନିଶ୍ଚିତ ଭାବେ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଭାବେ ଜୟଲାଭ କରି ଭାରତ ତଥା ଓଡ଼ିଶାର ନାମକୁ ଟେକ ରଖିବାପାଇଁ ଚେଷ୍ଟା କରିବି । ଖୋର୍ଦ୍ଧା ଜିଲ୍ଲା ଜଟଣୀ ରାଜାବଜାର ଅଂଚଳର ଶକ୍ତି ରଞ୍ଜନ ସାହୁ ଓ ରଞ୍ଜିତା ସାହୁଙ୍କ କନ୍ୟା ୭ମ ଶ୍ରେଣୀରେ ଅଧ୍ୟୟନରତ ୧୩ ବର୍ଷୀୟ ଛାତ୍ରୀ ସିଦ୍ଧିକ୍ସା ପ୍ରିୟଦର୍ଶିନୀ । ସେନିଜ ପରିବାର ପକ୍ଷରୁ ପିତା ମାତାଙ୍କ ପ୍ରେରଣାରେ ଆଗରୁ ଅନେକ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଜୟିନୀ ହୋଇପାରିଛି । ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଓଡ଼ିଶାର ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ସାକ୍ଷାତକାର ନେଇଛନ୍ତି ।

# ବେଆଇନ ପଥର କୁଆଁରୀରେ କେବେ ଲାଗିବ ଧାରା ୧୪୪

ଆସିକା, ୧୫/୫(ନିପ୍ର): ଆସିକା ତହସିଲ ଅଧୀନରେ ଥିବା ବେଆଇନ ପଥର କୁଆଁରୀରେ କେବେ ଲାଗିବ ୧୪୪ ଧାରା । ଆସିକା ତହସିଲ ଅଧୀନସ୍ଥ ଝଗଡେଇ, କମାଗଡ଼, ବାବନପୁର, ବରଗାଁ ଓ ସୁନାପଲ୍ଲୀ ଆଦି ଅଞ୍ଚଳରେ ଦୀର୍ଘବର୍ଷ ହେବ ବେଆଇନ ପଥର ଖାଦାନରୁ ଦୈନିକ ଶହଶହ ଟ୍ରିପ ପଥର ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି । ମାଫିଆମାନେ ସ୍ୱଷ୍ଟ ଦିବାଲୋକରେ ଖଣି ବିଭାଗ ସ୍ଥାନୀୟ ପୋଲିସ, ତହସିଲକୁ ହାତ ବାରିସୀ କରି ବେଧଡ଼କ ଭାବେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ପଥର ଚୋରି କରି ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହରିଲୁଟ କରୁଛନ୍ତି । ଉପରୋକ୍ତ ଅଞ୍ଚଳର ଥିବା ପାହାଡ଼ରେ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଲିଜ୍ ଦିଆଯାଇନାହିଁ । ଲିଜ୍ ନ ଥିବା ସତ୍ତ୍ୱେ ଦୈନିକ ପଥର ବ୍ଲାଷ୍ଟିଙ୍ଗ କରିବା ଦ୍ୱାରା ନିକଟସ୍ଥ ଅଞ୍ଚଳରେ ଅନେକ ଥର ମୃତାହତ ହେବାର ନଜିର ରହିଛି । ସବୁଠାରୁ ବଡ ପ୍ରଶ୍ନ ଏହି ପଥର ମାଫିଆମାନଙ୍କ ନିକଟରେ ପଥର ବିସ୍ଫୋରଣ କରିବା ପାଇଁ ଲାଇସେନ୍ସ ରହିଛି କି ? ଯଦି ଅଛି ତେବେ କେତେ ପରିମାଣର ବିସ୍ଫୋରକ ରଖିବା କଥା ତାହାର ତାଲିକା କିଛି ନିୟମାବଳୀ ମାନୁଛନ୍ତି କି ? କିଭଳି ପରିସ୍ଥିତିରେ କେଉଁଠାରୁ ବିସ୍ଫୋରକ ଆଣୁଛନ୍ତି ତାହା ସ୍ଥାନୀୟ ପ୍ରଶାସନ ନିକଟରେ ଏହାର ଖବର ରହିଛି କି ? ତାହା ବର୍ତ୍ତମାନର ବଡ଼ ପ୍ରଶ୍ନ । ନିକଟ ଅତୀତରେ ଆସିକା ତହସିଲ ଅଧୀନ ସୁନାପଲି ପାହାଡ଼ରେ ତତ୍କାଳୀନ କବିସୂର୍ଯ୍ୟନଗର ପ୍ରବେଶନ ଏସଡିପିଓ ନୀତିଶ କୁମାର ମିଶ୍ର ଚଢ଼ାଉ କରି ବିପୁଳ ପରିମାଣର ବିସ୍ଫୋରକ ଜବତ କରିଥିଲେ । ହେଲେ ଏତେ ପରିମାଣର ବିସ୍ଫୋରକ ଆସିଲା କେଉଁଠୁ ? ଅନୁରୂପ ଆସିକା ଅଞ୍ଚଳରେ ଥିବା ପାହାଡ଼ ଗୁଡିକରେ ଚଢ଼ାଉ କଲେ ମଧ୍ୟ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇପାରେ । ଏହିପରି ବିସ୍ଫୋରକ ମହଜୁଦ ରଖିବା ଏକ ବଡ଼ ବିପଦକୁ ଆମନ୍ତ୍ରଣ କରୁଥିବା ସ୍ଥାନୀୟ ପରିବେଶବିତ, ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ପଥର ମାଫିଆମାନେ ସ୍ଥାନୀୟ ପ୍ରଶାସନକୁ ହାତ ବାରିସୀକରି ପଥର ଲୁଟ କରୁଥିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଜନସାଧାରଣ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । କେଉଁ କାରଣରୁ ସ୍ଥାନୀୟ ଖଣି ଅଧିକାରୀ ଓ ପୋଲିସ ପ୍ରଶାସନ, ତହସିଲଦାରଙ୍କ ପକ୍ଷରୁ ଏହି ସବୁ ପାହାଡ଼ରେ ୧୪୪ ଧାରା ଲଗାଯାଇନାହିଁ ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବା ଆବଶ୍ୟକ ବୋଲି ପରିବେଶବିତ ତଥା ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ବେଆଇନ ପଥର ଖାଦାନରୁ ଅନେକ ସମୟରେ ଶ୍ରମିକ ମୃତାହତ ହେଉଥିବାର ନଜିର ରହିଛି ଯାହାକୁ ମାଫିଆମାନେ ପ୍ରଶାସନକୁ ହାତବାରିସୀ କରି କଥାକୁ ଚପାଇ ଦେଉଥିବା ଅଭିଯୋଗ ହେଉଛି । ତୁରନ୍ତ ଏହି ବେଆଇନ ପଥର ଖାଦାନରେ ଧାରା ୧୪୪ଲଗାଇ ବେଆଇନ ଚୋରାଚାଲାଣ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଖୋର୍ଦ୍ଧା ରୋଡ଼ ମଣ୍ଡଳ ପକ୍ଷରୁ ୭୦ତମ ରେଳ ସେବା ପୁରସ୍କାର

ଜଟଣୀ, ୧୫/୫(ନିପ୍ର): ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପକ୍ଷରୁ କର୍ମଚାରୀମାନଙ୍କ ନିଷ୍ଠାପର ଉଦ୍ୟମ, ଉତ୍ସର୍ଗୀକୃତ ମନୋଭାବ ଏବଂ କଠିନ ପରିଶ୍ରମକୁ ସମ୍ମାନ ଜଣାଇ ରେତଙ୍ଗ କଲୋନୀସ୍ଥିତ ରେଳବାଇ କଲ୍ୟାଣ ମଣ୍ଡପଠାରେ '୭୦ତମ ରେଳ ସେବା ପୁରସ୍କାର-୨୦୨୫' ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମଣ୍ଡଳର ୬୦ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅଭୁତପୂର୍ବ ସେବା ପାଇଁ ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।ଏହି ସମାରୋହରେ ପୁରସ୍କାର ବିଜେତାମାନଙ୍କୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧାରୋଡ଼ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାପତି ପ୍ରିୟଙ୍କା ଜୀଭିରାଜ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଅଭିଭାଷଣ ପ୍ରଦାନ କରି ଶ୍ରୀ ଡି. ସୁନୀଲ ସମସ୍ତ ପୁରସ୍କାର ବିଜେତା କର୍ମଚାରୀମାନଙ୍କୁ ସେମାନଙ୍କର ଦୃଢ଼ ସଂକଳ୍ପ, ନିଷ୍ଠା ଏବଂ ମଣ୍ଡଳ ପାଇଁ ସ୍ଥିର କରାଯାଇଥିବା ଲକ୍ଷ୍ୟ ହାସଲ କରିବା ଦିଗରେ ଅସାଧାରଣ ପ୍ରତିବଦ୍ଧତା ପାଇଁ ଅଭିନନ୍ଦନ ଜଣାଇଥିଲେ ।

**AFFIDAVIT**

By virtue of an affidavit No-24877 before the Executive Magistrate, Dharamgarh dt- 12/05/2026 I Suresh Majhi residing At - Bokrasil, PO -Tipiguda, PS - Dharamgarh, Dist - Kalahandi, State Odisha Pin - 766029 declare that I have changed the name of my son from Suresh Majhi to Rosan Majhi Henceforth, He shall be known as "ROSAN MAJHI" for all future purposes.

**AFFIDAVIT**

By virtue of an affidavit made before The Executive Magistrate, Khaira, I Manasi Dash W/o-Late Manash Ranjan Dash, At-Dhatrigadia, Po-Barttana, Ps-Khaira, Dist-Balasore declare that my name in my Adhar Card, Voter Card, Pan Card & all other document are Manasi Dash, W/o-Manas Ranjan Dash, but in RPLI policy bearing No.R-OR-BN-EA-27830 as nominee my name was wrongly recorded as Tapaswini Dash. I the deponent further declare that Manasi Dash and Tapaswini Dash is one & same person and also only single nominee of my husband Late Manas Ranjan Dash. Further I swear that this affidavit is for post master of Barttana Post Office.

**Sd/-Manasi Dash**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ